୬ ଟିମ୍ ଇଣ୍ଡିଆର ନୂଆ ଜର୍ସିକୁ ଲଞ୍ଚ କଲେ ରୋହିତ ଓ ଜୟ ଶାହ




ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

# ସମ୍ବାଦ କଳିକା

The Sambad Kalika

TM

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ

ପୃଷ୍ଠା ମୂଲ୍ୟ : ୨.୦୦ 8 Pages,₹ 2.00

• ବର୍ଷ–୩୧ • ସଂଖ୍ୟା–୧୦୬ • ୧୪ ମଇ ୨୦୨୪, ମଙ୍ଗଳବାର • ଭୁବନେଶ୍ୱର • Vol -31 • Issue-106 • 14th May 2024, Tuesday • Bhubaneswar

Licensed to post without pre-payment of postage No- BN-60/22-24


## ରାଜ୍ୟରେ ସନ୍ଧ୍ୟା ୬ଟା ସୁଦ୍ଧା ୬୩.୮୫% ମତଦାନ : ବଢ଼ିପାରେ ଭୋଟ୍ ପ୍ରତିଶତ

**ଭୁବନେଶ୍ୱର, ୧୩/୦୫**
**ନ୍ୟୁଜ ବ୍ୟୁରୋ**

ଏକକାଳୀନ ସାଧାରଣ ନିର୍ବାଚନ-୨୦୨୪ର ଚତୁର୍ଥ ପର୍ଯ୍ୟାୟରେ ରାଜ୍ୟର କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର ଓ ବ୍ରହ୍ମପୁର ସଂସଦୀୟ କ୍ଷେତ୍ର ଏବଂ ଏହା ଅଧିନ ୨୮ଟି ବିଧାନସଭା କ୍ଷେତ୍ର ପାଇଁ ମତଦାନ ଅନୁଷ୍ଠିତ ହୋଇଛି । ମିଳିଥିବା ତଥ୍ୟ ଅନୁସାରେ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ହାର ୬୩.୮୫ ପ୍ରତିଶତ ହୋଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସୂଚନା ଦେଇଛନ୍ତି ।

ସୋମବାର ସନ୍ଧ୍ୟାରେ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଓଡ଼ିଶାରେ ସାମଗ୍ରିକ ଭାବରେ ଅପୂର୍ବ ଆନନ୍ଦ ଓ ଉତ୍ସାହ ମଧ୍ୟରେ ଗଣତନ୍ତ୍ରର ମହାପର୍ବରେ ମତଦାନରେ ଜନସାଧାରଣ ସାମିଲ ହୋଇଥିଲେ । କଳାହାଣ୍ଡି, କୋରାପୁଟ, ନବରଙ୍ଗପୁର ଓ ବ୍ରହ୍ମପୁର ସଂସଦୀୟ କ୍ଷେତ୍ରର



ମତଦାତାମାନେ ବହୁ ଉତ୍ସାହର ସହିତ ମତଦାନ କରିଥିବାର ଦେଖାଯାଇଛି । ଏଥିରେ ସମସ୍ତ ଅଞ୍ଚଳର ସମସ୍ତ ବର୍ଗର ମତଦାତାମାନେ ସାମିଲ ହୋଇଥିଲେ । ଆଦିମ ଜନଜାତି ଗୋଷ୍ଠୀର ମତଦାତାମାନେ ମଧ୍ୟ ଅତ୍ୟନ୍ତ ଉତ୍ସାହର ସହ ମତଦାନ କରିଛନ୍ତି । କୋରାପୁଟ ଜିଲ୍ଲାର କୋଟିଆ ଅଞ୍ଚଳରେ ରେକର୍ଡ ମତଦାନ ହୋଇଛି । ଏଠାକାର ୯ଟି ବୁଥ୍‌ରେ ସନ୍ଧ୍ୟା ୫ଟା ପର୍ଯ୍ୟନ୍ତ ୭୬ ପ୍ରତିଶତ ମତଦାନ ହୋଇଥିଲା ।କୋରାପୁଟ *(ପୃଷ୍ଠା ୭ରେ)*

### ଦୁଇ ପ୍ରିଜାଇଡିଂ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୩/୦୫**
**ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ସୋମବାର ଅନୁଷ୍ଠିତ ପ୍ରଥମ ପର୍ଯ୍ୟାୟ ନିର୍ବାଚନ ବେଳେ କାର୍ଯ୍ୟରେ ଗୁରୁତର ଅବହେଳା ପାଇଁ ୨ ଜଣ ପ୍ରିଜାଇଡିଂ ଅଫିସରଙ୍କୁ ନିଲମ୍ବନ କରିବା ସହିତ ଗିରଫ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ । ଛତ୍ରପୁରର ୨୭ ଓ ୧୬୩ ନମ୍ବର ବୁଥ୍‌ର ପ୍ରିଜାଇଡିଂ ଅଫିସରଙ୍କୁ ନିଲମ୍ବନ କରିବା ସହିତ ଗିରଫ କରିବା ପାଇଁ ଗଞ୍ଜାମ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି । ସେମାନେ କାର୍ଯ୍ୟରେ ଗୁରୁତର ଅବହେଳା କରିଥିବା ୱେବ୍ କାଷ୍ଟିଂ ଜରିଆରେ ଦେଖିବାକୁ ମିଳିଥିଲା । *(ପୃଷ୍ଠା ୭ରେ)*

### ଧର୍ମ ଆଧାରରେ କାହାରିକୁ ସଂରକ୍ଷଣ ଦିଆଯିବ ନାହିଁ : ମୋଦି

**ମୁଜାଫରପୁର, ୧୩/୦୫**

ବିହାରର ମୁଜାଫରନଗରରେ ଏକ ସାଧାରଣ ସଭାକୁ ସମ୍ବୋଧିତ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ଏହି ସମୟରେ ସେ ବିରୋଧୀଙ୍କୁ କଡ଼ା ଟାର୍ଗେଟ କରିଛନ୍ତି । ସେ କହିଛନ୍ତି ଯେ ବିହାରରେ ଜଙ୍ଗଲରାଜ ଆଣିଥିବା ଦଳ ଏଥର ଚିତପଟାଙ୍ଗ ମାରିବ । ଧର୍ମ ଆଧାରରେ କାହାକୁ ସଂରକ୍ଷଣ ଦିଆଯିବ ନାହିଁ । ଏହା ହେଉଛି ମୋଦିର ଗ୍ୟାରେଣ୍ଟି । ପୂର୍ବରୁ ତେଲେଙ୍ଗାନା ଓ କର୍ଣ୍ଣାଟକରେ ପ୍ରଚାର କରିବା ସମୟରେ ବି ମୋଦି ଧର୍ମ ଆଧାରରେ ସଂରକ୍ଷଣ କଥା ଉଠାଇ ତାହାକୁ ତୀବ୍ର ବିରୋଧ କରିଥିଲେ । *(ପୃଷ୍ଠା ୭ରେ)*


TATA MOTORS

Light Commercial Vehicles Dealers

24 hours help line :

Sales : 7873770000


### ଏକାଳ ସକାଳ



ପ୍ରଥମ ପର୍ଯ୍ୟାୟ ଭୋଟ ଖତମ
ଇଭିଏମ୍‌ରେ ଭାଗ୍ୟ ବନ୍ଦ୍
ଧଡଧଡ ନେତାଙ୍କର ଛାତି
ଭାବିଭାବି ଆସେ ହସକାନ୍ଦ
ବାରିବାକୁ ହାର୍‌ଜିତ୍ ଗନ୍ଧ
ହଜିଯିବ ନିଦ ଆଜିଠାରୁ
ନଦିଶିବା ଯାଏ ଚାନ୍ଦ ।

## ୪ର୍ଥ ପର୍ଯ୍ୟାୟରେ ବି କମ୍ ମତଦାନ, ଅପରାହ୍ଣ ୫ଟା ସୁଦ୍ଧା ୬୨% ମତଦାନ

**ନୂଆଦିଲ୍ଲୀ, ୧୩/୦୫**

ଚତୁର୍ଥ ପର୍ଯ୍ୟାୟ ଲୋକସଭା ନିର୍ବାଚନରେ ଅପରାହ୍ଣ ୫ଟା ସୁଦ୍ଧା ଦେଶର ୧୦ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୯୬ଟି ଲୋକସଭା ଆସନରେ ୬୨.୩୧ ପ୍ରତିଶତ ମତଦାନ ହୋଇଛି । ଏହା ୨୦୧୯ରେ ସମାନ ଆସନଗୁଡ଼ିକରେ ହୋଇଥିବା ମତଦାନ ତୁଳନାରେ କମ୍ ରହିଛି । ୨୦୧୯ର ୪ର୍ଥ ପର୍ଯ୍ୟାୟରେ ୬୯.୧୨ ପ୍ରତିଶତ ମତଦାନ ହୋଇଥିଲା । ଅବଶ୍ୟ ସୋମବାର ପ୍ରକାଶିତ ୬୨.୩୧ ପ୍ରତିଶତ ମତଦାନରେ ଆଗକୁ କିଛିଟା ପରିବର୍ତ୍ତନ ହୋଇପାରେ । କାରଣ କେତେକ ସ୍ଥାନରେ ୫ଟା ପରେ ବି ଭୋଟର ଧାଡ଼ିରେ ଥିବାରୁ ଭୋଟଦାନ ଜାରି ରହିଥିଲା । ରାଜ୍ୟଭିତ୍ତିକ ମତଦାନ ତଥ୍ୟ ବିଷୟରେ କହିବାକୁ ଗଲେ ଅପରାହ୍ଣ ୫ଟା ସୁଦ୍ଧା ପଶ୍ଚିମବଙ୍ଗରେ ସର୍ବାଧିକ ୭୫.୬୬ ପ୍ରତିଶତ ମତଦାତା ମତଦାନ *(ପୃଷ୍ଠା ୭ରେ)*



## ଢେଙ୍କାନାଳ ଲୋକସଭା ନିର୍ବାଚନ ମଣ୍ଡଳୀରେ କାର୍ତ୍ତିକ ପାଣ୍ଡିଆନଙ୍କ ମାରାଥନ ପ୍ରଚାର



**ଭୁବନେଶ୍ୱର, ୧୩/୦୫**
**ନ୍ୟୁଜ ବ୍ୟୁରୋ**

ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ ସୋମବାର ଢେଙ୍କାନାଳ ଲୋକସଭା ନିର୍ବାଚନ ମଣ୍ଡଳୀରେ ମାରାଥନ ପ୍ରଚାର କରି ହିନ୍ଦୋଳ, କାମାକ୍ଷାନଗର, ପରଜଙ୍ଗ, ପାଲଲହଡ଼ା, ତାଳଚେର ଓ ଅନୁଗୁଳରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିଛନ୍ତି । ଲୋକସଭା ପ୍ରାର୍ଥୀ ଅବିନାଶ ସାମଲ ଏବଂ ବିଧାନ ସଭା ପ୍ରାର୍ଥୀ ମହେଶ ସାହୁ, ଡଃ ନୃସିଂହ ସାହୁ, ପ୍ରଫୁଲ୍ଲ ମଲ୍ଲିକ, ବ୍ରଜ କିଶୋର ପ୍ରଧାନ, ମୁକେଶ ପାଲ ଓ ସଞ୍ଜୁକ୍ତା ସିଂଙ୍କୁ ବିପୁଳ ଭୋଟରେ ଜିତାଇବା ପାଇଁ ଅନୁରୋଧ କରିଛନ୍ତି ।

ରୋଡ ସୋ'ବେଳେ ଶ୍ରୀ ପାଣ୍ଡିଆନ ବିଜେପି ଦଳ ଉପରେ ଶାଣିତ ଆକ୍ରମଣ କରିବା ସହ କେନ୍ଦ୍ରମନ୍ତ୍ରୀଙ୍କ ସବୁ ଛଳନାକୁ ଲୋକଙ୍କ ସାମନାରେ ଖୋଲିଥିଲେ । ତାଳଚେରରେ ଏକ ବିଶାଳ ଜନସଭାରେ ସେ କହିଲେ କୋଇଲା ରୟାଲଟି ବିଷୟ ଉଠିଲେ କେନ୍ଦ୍ରମନ୍ତ୍ରୀ ରାଗୁଛନ୍ତି । କହୁଛନ୍ତି ଯେ ଜିଲ୍ଲା ଖଣିଜ ପାଣ୍ଠି ଜରିଆରେ ଓଡ଼ିଶାକୁ ବହୁତ ପଇସା ମିଳୁଛି, ରୟାଲଟି ବୃଦ୍ଧି ଦରକାର ନାହିଁ । କିନ୍ତୁ କେନ୍ଦ୍ର ସରକାରଙ୍କ ଏମ୍.ସି.ଏଲ୍. ଲାଭ କରୁଛି ୨୭ ହଜାର ୫୦୦ କୋଟି । ଟ୍ୟାକ୍ସକୁ ବାଦ୍ ଦେଲେ ଲାଭ କରୁଛି ୧୩ ହଜାର ୭୦୦ କୋଟି । କିନ୍ତୁ ଓଡ଼ିଶା ଏଥିରୁ ପାଉଛି ମାତ୍ର ୪ ହଜାର କୋଟି । ୨୦୦୪ରୁ କୋଇଲା ରୟାଲଟି ସଂଶୋଧନ ହୋଇନି । ଯଦି ରୟାଲଟି ସଂଶୋଧନ ହୋଇଥାନ୍ତା ତେବେ ଓଡ଼ିଶା ପାଇଥାନ୍ତା ୧୦ ହଜାର କୋଟି ଏବଂ ଡି.ଏମ୍.ଏଫ୍ ବାବଦରେ ମଧ୍ୟ ୨ ହଜାର କୋଟି । ସମୁଦାୟ ୧୨ ହଜାର କୋଟିରେ ଆପଣଙ୍କ ଅଞ୍ଚଳର ବ୍ୟାପକ ରୂପାନ୍ତରଣ ହୋଇପାରିଥାନ୍ତା । କିନ୍ତୁ ରୟାଲଟି କଥା କହିଲେ କେନ୍ଦ୍ରମନ୍ତ୍ରୀ ରାଗିକି ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଅଶାଳୀନ ଭାଷା ବ୍ୟବହାର କରୁଛନ୍ତି । କେନ୍ଦ୍ରମନ୍ତ୍ରୀ ମୁଖ୍ୟମନ୍ତ୍ରୀଙ୍କୁ ଅଭଦ୍ର ଓ ଅଶାଳୀନ ଭାଷାରେ ଗାଳି କରୁଛନ୍ତି । ଜଣେ ଜନପ୍ରିୟ ମୁଖ୍ୟମନ୍ତ୍ରୀଙ୍କୁ ଏଭଳି ଗାଳି ଦେବା ବହୁ ଦୁଃଖର କଥା । ବିଜେପୁର ନିର୍ବାଚନବେଳେ ମୁଖ୍ୟମନ୍ତ୍ରୀଙ୍କୁ ଚପଲ ଫୋପାଡ଼ିଲେ, ତା'ପରେ ୪୦ ହଜାର ଭୋଟରେ ହାରିଲେ । ପରିକ୍ରମା ପ୍ରକଳ୍ପ ଶିଳାନ୍ୟାସ କରି ଫେରିଲା ବେଳେ ଅଣ୍ଡା ମାଡ଼ କଲେ, ୩୦ରୁ ୩୦ ଜିଲ୍ଲା ପରିଷଦ ହାରିଲେ । ଓଡ଼ିଶାର ଏହି ମହାନାୟକଙ୍କୁ ଗାଳି ଦେଉଛନ୍ତି, ଆପଣମାନେ ସହି ପାରିବେ କି ? ଆପଣମାନଙ୍କ ଆଶୀର୍ବାଦରେ ସେମାନେ ଏଥର ବି ପରାଜୟ ଗ୍ରହଣ କରିବେ ।

କେନ୍ଦ୍ରମନ୍ତ୍ରୀ ଆପଣଙ୍କ ଅଞ୍ଚଳର, ଦଶବର୍ଷ ହେଲା ମନ୍ତ୍ରୀ ଅଛନ୍ତି, ଖୁସିର କଥା, କିନ୍ତୁ ଆପଣଙ୍କ ଅଞ୍ଚଳ ପାଇଁ କ'ଣ କରିଛନ୍ତି, ଏ ମାଟିର ପୁଅ ହୋଇ *(ପୃଷ୍ଠା ୭ରେ)*

## ଚଳିତ ବର୍ଷ ଦେଶରେ ହେବ ଅଧିକ ବର୍ଷା, ଅଧିକ ଶୀତ



**ନୂଆଦିଲ୍ଲୀ, ୧୩।୫**

ଚଳିତ ବର୍ଷ ଦେଶରେ ମୌସୁମୀ ସାଧାରଣ ଅପେକ୍ଷା ବହୁତ ଭଲ ହେବାକୁ ଯାଉଛି । ପ୍ରଶାନ୍ତ ମହାସାଗରରେ ଖୁବ୍ ଶୀଘ୍ର ଲା ନୀନାର ପ୍ରଭାବ ଦେଖିବାକୁ ମିଳିବ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି । ଜୁନଠାରୁ ଆରମ୍ଭ ହୋଇଥିବା ମୌସୁମୀରେ ହାରାହାରି ବୃଷ୍ଟିପାତ ହୋଇପାରେ । ଆମେରିକାର ଜାତୀୟ ମହାସାଗରୀୟ ଏବଂ ବାୟୁମଣ୍ଡଳ ପ୍ରଶାସନର ଜଳବାୟୁ ପୂର୍ବାନୁମାନ କେନ୍ଦ୍ର ପୂର୍ବାନୁମାନ କରିଛି ଯେ ଆସନ୍ତା କିଛି ମାସ ମଧ୍ୟରେ ପ୍ରଶାନ୍ତ ମହାସାଗରରେ ଲା ନୀନାର ପ୍ରଭାବ ଦେଖିବାକୁ ମିଳିବ । ଏହା ଜୁନଠାରୁ ଆରମ୍ଭ ହେବ । ଏନଓଏଏ (ଆମେରିକାର ନ୍ୟାସନାଲ ଓସେନିକ ଏବଂ ଆଟମୋସଫେରିକ ଆଡମିନିଷ୍ଟ୍ରେସନ) ଗତ ସପ୍ତାହରେ ଏକ ଟାଇମ ଟେବୁଲ ପ୍ରକାଶ କରିଛି ଯେଉଁଥିରେ କୁହାଯାଇଛି ଯେ ଲା ନିନାର ପ୍ରଭାବ ଜୁନ ଏବଂ ଅଗଷ୍ଟ ଆରମ୍ଭରେ ଦେଖାଯିବ । ଏହି କାରଣରୁ ଦେଶରେ ପ୍ରବଳ ବର୍ଷା ହୋଇପାରେ ଏବଂ ଦେଶର କେତେକ ସ୍ଥାନରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇପାରେ ।








## ନିର୍ବାଚନ ପାଇଁ ଅବକାରୀ ଚଢଉ ଜୋରଦାର

# ଏପ୍ରିଲ ମାସରେ ୬୬୧୯ ମାମଲା ରୁଜୁ, ୫୨୩୨ ମଦ ମାଫିଆ ଗିରଫ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆଗାମୀ ନିର୍ବାଚନକୁ ଆଖି ଆଗରେ ରଖି ଅବକାରୀ ବିଭାଗ ମଦ ମାଫିଆ, ବେଆଇନ ବ୍ରାଉନସୁଗାର ବେପାରୀ ଓ ଗଞ୍ଜେଇ ମାଫିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନକୁ ଜୋରଦାର କରିଛି। ୨୦୨୪ ଏପ୍ରିଲ ମାସରେ ମଦ, ଗଞ୍ଜେଇ ଓ ବ୍ରାଉନସୁଗାର ଜବତ ପରିମାଣ ଯଥେଷ୍ଟ ବୃଦ୍ଧି ପାଇଛି। ୨୦୨୪ ଏପ୍ରିଲ-୨୦୨୪ ମାସରେ ୨,୯୧,୬୪୧ ଲିଟର ଦେଶୀ ମଦ, ୨୫୪ ଲିଟର ନକଲି ବିଦେଶୀ ମଦ, ୧୬୯ ଲିଟର ଟିକସ ଫାଙ୍କି ବିଦେଶୀ ମଦ, ୨୧୭୮ ଲିଟର ଭାରତ ତିଆରି ବିଦେଶୀ ମଦ, ୧୨୧୩୭ ଲିଟର ମଦ, ୧୧୨୩ ଲିଟର ବିୟର, ୨୦୩୧ କେଜି ଭାଙ୍ଗ, ୩୭୨୪ ଲିଟର ଦେଶୀ ମଦ, ୧,୬୨,୭୪୫ କେଜି ମହୁଲ ଫୁଲ ସହିତ ୪୬୪ ଟି ଗାଡି ଜବତ ହୋଇଛି । ଏହି ଘଟଣାରେ ୬୬୧୯ ଟି ମାମଲା ରୁଜୁ ହୋଇଥିବାବେଳେ ୫୨୩୨ ଜଣ ମଦ ମାଫିଆଙ୍କୁ ଗିରଫ କରି ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ୧୪୧ଟି ମାମଲା ରୁଜୁ ହୋଇଥିବା ବେଳେ ୧୬୭ ଜଣ ଗଞ୍ଜେଇ ମାଫିଆ, ବ୍ରାଉନସୁଗାର ମାଫିଆଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ୩୪୦୦ କେଜି ଗଞ୍ଜେଇ, ୮୫ ଲିଟର କଫ ସିରପ ଓ ୨୮୫୨ ଗ୍ରାମ ହେରୋଇନ୍ ଜବତ କରାଯାଇଛି। ଜବତ ମଦ, ଗଞ୍ଜେଇ ଓ ବ୍ରାଉନସୁଗାର ଇତ୍ୟାଦିର ମୋଟ ମୂଲ୍ୟ ୩୨ କୋଟି ୩ଲକ୍ଷ ଟଙ୍କା ହେବ। ବ୍ରହ୍ମପୁର ସ୍ପେଶାଲ ସ୍କ୍ୱାଡ୍ ଦ୍ୱାରା ୩୧୦ କେଜି ଗଞ୍ଜେଇ ଓ ଗୋଟିଏ ମହିନ୍ଦ୍ରା ପିକ୍ ଅପ୍ ଭ୍ୟାନ୍ ଜବତ ହୋଇଥିବାବେଳେ, ମାଲକାନଗିରି ଅବକାରୀ କର୍ମଚାରୀଙ୍କ ଦ୍ୱାରା ଗୋଟିଏ ମହିନ୍ଦ୍ରା ବୋଲେରୋ ସହ ୧୦୮ କେଜି ଗଞ୍ଜେଇ ଏବଂ ଅନୁଗୁଳ ଅବକାରୀ ଜିଲ୍ଲାରେ ୫୦ କେଜି ଗଞ୍ଜେଇ ସହିତ ମହିନ୍ଦ୍ରା କାର ଏବଂ ନଗଦ ୧୧ ହଜାର ଟଙ୍କା ଜବତ କରାଯାଇଛି । ବିଭିନ୍ନ ଜିଲ୍ଲାରେ ରେକର୍ଡ ପରିମାଣର ୧୬୨୭୪୫ କେଜି ମହୁଲ ଫୁଲ ଜବତ କରାଯାଇଛି, ଯାହା ବେଆଇନ ମଦ କାରବାରକୁ ବହୁ ମାତ୍ରାରେ ରୋକିବାରେ ସହାୟକ ହୋଇଛି। ଆଗାମୀ ଦିନରେ ଏହି ଚଢାଉକୁ ଆହୁରି ଜୋରଦାର କରାଯିବ ।

# ଦୃଢ଼ୀଭୂତ ହେବ ଡାକ୍ତରୀ ଶିକ୍ଷା : କ୍ୟାପିଟାଲ ହସ୍ପିଟାଲରେ ପିଜି ପାଇଁ ଆଉ ଦୁଇଟି ବିଭାଗକୁ ଅନୁମତି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ରାଜ୍ୟରେ ଡାକ୍ତରୀ ଶିକ୍ଷାକୁ ଦୃଢ଼ୀଭୂତ କରିବାକୁ ପଦକ୍ଷେପ ନେଇଛି ସ୍ୱାସ୍ଥ୍ୟ ବିଭାଗ । ଏଣିକି କ୍ୟାପିଟାଲ ହସ୍ପିଟାଲରେ ପୋଷ୍ଟ ଗ୍ରାଜୁଏଟ୍ ପାଇଁ ଆହୁରି ଦୁଇଟି ବିଭାଗକୁ ଅନୁମତି ପ୍ରଦାନ କରାଯାଇଛି । ପୋଷ୍ଟ ଗ୍ରାଜୁଏଟ୍ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ ଏବଂ କ୍ୟାପିଟାଲ୍ ହସ୍ପିଟାଲରେ ଆନାସ୍ଥେସିଓଲୋଜି ବିଭାଗ ଏବଂ ଚକ୍ଷୁ ଚିକିତ୍ସା ବିଭାଗରେ ସ୍ନାତକୋତ୍ତର ପାଠ୍ୟକ୍ରମ ଆରମ୍ଭ କରାଯିବ । ଉଭୟ ଆନାସ୍ଥେସିଓଲୋଜି ଓ ଚକ୍ଷୁ ଚିକିତ୍ସା ବିଭାଗରେ ୩ଟି ଲେଖାଏଁ ସିଟ୍‌ରେ ଆରମ୍ଭ ହେବ ପାଠ୍ୟକ୍ରମ । ଏନେଇ ଜାତୀୟ ମେଡିକାଲ୍ କମିଶନ ଏହାକୁ ଅନୁମୋଦନ କରିଛନ୍ତି । ନୂତନ ପାଠ୍ୟକ୍ରମ ଚଳିତ ଶିକ୍ଷାବର୍ଷରୁ ଆରମ୍ଭ ହେବ । ଫଳରେ ରାଜ୍ୟରେ ଡାକ୍ତରୀ ଶିକ୍ଷା ଆହୁରି ଦୃଢ଼ୀଭୂତ କରିବ ବୋଲି ଆଶା କରାଯାଉଛି । କ୍ୟାପିଟାଲ ହସ୍ପିଟାଲରେ କଲେଜ ନିର୍ମାଣ ଏହାର ପାଖରେ ଥିବା ସାଢ଼େ ୪ ଏକର ଜମିରେ କରାଯାଉଛି । ତେବେ ୨୦୨୨-୨୩ ଶିକ୍ଷାବର୍ଷରୁ କ୍ୟାପିଟାଲ ହସ୍ପିଟାଲରେ ଆରମ୍ଭ ହୋଇଥିଲା ପ୍ରଥମ ବ୍ୟାଚ୍ ପିଜି ପାଠ୍ୟକ୍ରମ । ମୋଟ ୧୫ଟି ବିଭାଗରେ ପାଠ୍ୟକ୍ରମ ଖୋଲିବାକୁ ଥିବାବେଳେ ପ୍ରଥମ ପର୍ଯ୍ୟାୟରେ ୬ଟି ବିଭାଗକୁ ମିଳିଥିଲା ଅନୁମତି। ୬ଟି ବିଭାଗରେ ୨୪ଟି ସିଟ୍ ପାଇଁ ପିଜି ଓ ୬ଟି ସ୍ପେଶାଲ ଗଝ/ଗଉ ପାଠ୍ୟକ୍ରମକୁ ଅନୁମତି ମିଳିଥିଲା । ମେଡିସିନ, ସ୍ତ୍ରୀ ଓ ପ୍ରସୂତି ବିଭାଗ ଏବଂ ସର୍ଜରୀ ବିଭାଗକୁ ୫ଟି ଲେଖାଏଁ ସିଟ୍ ସହିତ, ଅସ୍ଥିଶଲ୍ୟ ବିଭାଗରେ ୨ଟି, ଶିଶୁରୋଗ ବିଭାଗରେ ୪ଟି, ଶ୍ୱାସରୋଗ ବିଭାଗରେ ୩ଟି ସିଟରେ ପିଜି ପାଠ୍ୟକ୍ରମ ଖୋଲିଥିବା ବେଳେ ଆହୁରି ପର୍ଯ୍ୟାୟକ୍ରମେ ଅନ୍ୟ ବିଭାଗ ଖୋଲିବାକୁ ଲକ୍ଷ୍ୟ ରଖାଯାଇଛି । ତେବେ ଆହୁରି ଡାକ୍ତରୀ ଶିକ୍ଷାକୁ ଗୁରୁତ୍ୱ ଦେବା ସହ ଆଗକୁ କିଭଳି ଭାବରେ ଅନ୍ୟ ବିଭାଗରେ ପାଠ୍ୟକ୍ରମ ଆରମ୍ଭ କରାଯିବ ସେନେଇ ରାଜ୍ୟ ସରକାର ମଧ୍ୟ ଗୁରୁତ୍ୱାରୋପ କରୁଛନ୍ତି । ଆଗକୁ କ୍ୟାପିଟାଲ ହସ୍ପିଟାଲ ସରକାରୀ ହସ୍ପିଟାଲ ଭାବରେ ରାଜ୍ୟବାସୀଙ୍କ ଚିକିତ୍ସା ଯୋଗାଇବାରେ ଅଧିକରୁ ଅଧିକ ସୁଯୋଗ ମିଳିବ । ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ଆଉ ଏକ ଫର୍ଦ୍ଦ ଯୋଡ଼ିଛି ପିଜିଆଇଏମ୍ଇଆର ଆଣ୍ଡ୍ କ୍ୟାପିଟାଲ ହସ୍ପିଟାଲ । ଓଡ଼ିଶାର ୧ ନମ୍ବର ଡାକ୍ତରଖାନା ଭାବେ ସାରା ଭାରତବର୍ଷରେ ସମ୍ମାନ ସାଉଁଟିଛି । ଭୁବନେଶ୍ୱରସ୍ଥିତ କ୍ୟାପିଟାଲ ହସ୍ପିଟାଲକୁ ଜାତୀୟ ଗୁଣାତ୍ମକ ଆସ୍ୟୁରାନ୍‌ସ୍ ଷ୍ଟାଣ୍ଡାର୍ଡ (ଏନ୍‌କ୍ୱାସ୍) ତରଫରୁ କ୍ୱାଲିଟି ସାର୍ଟିଫିକେଟ୍ ପ୍ରଦାନ କରାଯାଇଛି । ତେବେ ଓଡ଼ିଶାର ସମସ୍ତ ଡାକ୍ତରଖାନା ମଧ୍ୟରୁ କ୍ୟାପିଟାଲ ହସ୍ପିଟାଲକୁ ନମ୍ବର ୱାନ ହସ୍ପିଟାଲ ଭାବେ ବିବେଚନା କରାଯାଇଛି ।

# ରାଜଧାନୀ ରାଜରାସ୍ତାରେ ଚାଲିଛି ନିତିଦିନିଆ ସଡ଼କ ଦୁର୍ଘଟଣା : ପ୍ରଶାସନ ନିରବ ଦ୍ରଷ୍ଟା

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ପଳାଶୁଣି ଛକରେ ଏପରି ଦୁର୍ଘଟଣା କରିଛି ନୂଆ ନୁହେଁ । ରାଜଧାନୀ ରାଜରାସ୍ତାରେ ଚାଲିଛି ନିତିଦିନିଆ ସଡ଼କା ଦୁର୍ଘଟଣା। ପ୍ରଶାସନ ନିରବ ଦ୍ରଷ୍ଟା ପାଲଟିଛି। ବାରମ୍ବାର ଏହିଭଳି ସଡକ ଦୁର୍ଘଟଣା ଅନେକ ସମୟରେ ଘଟୁଛି । ତେଣୁ ସେଠାରେ ଓଭରବ୍ରିଜଟିଏ ପାଇଁ ଲୋକେ ଦୀର୍ଘ ଦିନ ହେଲା ଦାବି କରିଆସୁଛନ୍ତି । ବର୍ତ୍ତମାନ ଭୁବନେଶ୍ୱରର ଅନେକ ଦୁର୍ଘଟଣା ସ୍ପଟରେ ଫୁଟ୍ ଓଭରବ୍ରିଜ କରାଯାଉଛି । ନୟାପଲ୍ଲୀ ଓ ବାଣୀବିହାର ପାଖରେ ଏହାର କାମ ସରିଥିବା ବେଳେ ପଳାଶୁଣି ନିକଟରେ ତ୍ୱରିତ ଭିତ୍ତିରେ ଗୋଟିଏ ଓଭରବ୍ରିଜ ନିର୍ମାଣ ପାଇଁ ସ୍ଥାନୀୟ ଲୋକେ ଦାବି କରୁଛନ୍ତି । କାରଣ ଏଠାରେ ଲୋକଙ୍କୁ ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଯିବା ପାଇଁ ଏକ କିଲୋମିଟର ଅତିକ୍ରମ କରିବାକୁ ପଡୁଛି । ଓଭରବ୍ରିଜଟିଏ ନିର୍ମାଣ ହେଲେ ଦୁର୍ଘଟଣା ରୋକାଯାଇ ପାରିବ ବୋଲି ଲୋକେ ଆଶା କରିଛନ୍ତି । ଗତ ୬ ଏପ୍ରିଲ ୨୦୨୨ରେ ଏଠି ଏହିଭଳି ମର୍ମନ୍ତୁଦ ଦୁର୍ଘଟଣା ଘଟିଥିଲା । ପଳାଶୁଣି ଛକରେ ସିରିଜ ଦୁର୍ଘଟଣାରେ ଜଣେ ଇଞ୍ଜିନିୟର ପ୍ରାଣ ହରାଇଥିଲେ । ସେତେବେଳେ ସେହି ଘଟଣାକୁ ପୋଲିସ ଓ ପରିବହନ ବିଭାଗ ଅଧିକ ଗୁରୁତ୍ୱ ଦେଇଥିଲା । ଇଞ୍ଜିନିୟରଙ୍କୁ ଧକ୍କା ଦେଇଥିବା ଟ୍ରକ ଡ୍ରାଇଭରକୁ ଗିରଫ କରାଯାଇଥିଲା। ଠିକ ସେହିପରି ୨୨ ମେ' ୨୦୨୨ରେ ମଧ୍ୟ ଏକ ଟ୍ରକ ଧକ୍କାରେ ଆଉ ଜଣେ ଯୁବକ ଗୁରୁତର ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥିଲେ । ପରେ ତାଙ୍କର ମୃତ୍ୟୁ ହୋଇଥିଲା । ପୁରୀରୁ ଦର୍ଶନ ସାରି ଘରକୁ ଫେରୁଥିବା ବେଳେ ବୃଦ୍ଧ ଦମ୍ପତିଙ୍କ ଉପରେ ମାଡିଗଲା ଟ୍ରକ । ଘଟଣାସ୍ଥଳରେ ଚାଲିଗଲା ଦୁହିଁଙ୍କ ଜୀବନ । ୮ ତାରିଖ ସକାଳେ ଭୁବନେଶ୍ୱରର ପଳାଶୁଣି ଛକରେ ଏହି ମର୍ମନ୍ତୁଦ ଦୁର୍ଘଟଣା ଘଟିଛି । ମୃତ ଦମ୍ପତି ହେଲେ ନଳିନୀ ପାଣିଗ୍ରାହୀ ଓ ସ୍ୱାମୀ ଉମେଶ ପାଣିଗ୍ରାହୀ, ଘର ସୋନପୁରରେ । ଦୁହେଁ ପୁରୀରୁ ଫେରି ଘରକୁ ଯିବା ପାଇଁ ପଳାଶୁଣି ଛକରେ ଓହ୍ଲାଇଥିଲେ । ସେଠାରେ ଉଭୟ ରାସ୍ତା ପାର୍ ହେଉଥିବା ବେଳେ ଗୋଟିଏ ଟ୍ରକ ଧକ୍କାରେ ଚାଲି ଯାଇଥିଲା ପ୍ରାଣ ବାୟୁ।

# ଭୋଟ ଦେଉନାହାନ୍ତି ରାଜଧାନୀବାସୀ, ଏଥର ଭୋଟିଂ ହାର ବଢାଇବାକୁ ବିଏମସିର ସଚେତନତା କାର୍ଯ୍ୟକ୍ରମ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**




ଗଣତନ୍ତ୍ରର ସବୁଠାରୁ ବଡପର୍ବ ହେଉଛି ନିର୍ବାଚନ । ତେଣୁ 'ନିର୍ବାଚନ ପର୍ବ, ଆମ ଦେଶର ଗର୍ବ' 'ଏହି ବାର୍ତ୍ତା ବା ନାରା ନେଇ ମତଦାତାଙ୍କୁ ଭୋଟ ଦେବା ପାଇଁ ସଚେତନତା କରାଯାଉଥିବା ବେଳେ ଭୁବନେଶ୍ୱର ମହାନଗର ନିଗମ (ବିଏମସି) ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ହୋଇଯାଇଛି । ଚଳିତମାସ ମେ' ୨୫ ତାରିଖରେ ଭୁବନେଶ୍ୱରରେ ଭୋଟ ଗ୍ରହଣ ତାରିଖ ରହିଥିବା ବେଳେ ସହରାଞ୍ଚଳ ଭୋଟରଙ୍କୁ ନିର୍ବାଚନରେ ଅଧିକରୁ ଅଧିକ ସାମିଲ କରିବା ପାଇଁ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ଏଥିରେ ଭୁବନେଶ୍ୱରର ବିଭିନ୍ନ ହାଉସିଂ ସୋସାଇଟି ବା ଆବାସିକ କଲ୍ୟାଣ ସଂଘର ମୁଖ୍ୟ, ବିଭିନ୍ନ ସଂସ୍ଥା ଓ ପରିଷଦର ୨୫୦ରୁ ଉର୍ଦ୍ଧ୍ୱ ସଦସ୍ୟ ସାମିଲ ହୋଇଛନ୍ତି । ବିଶେଷ କରି ସହରର ବରିଷ୍ଠ ନାଗରିକ, ମହିଳା ଓ ଯୁବ ବା ନୂଆ ଭୋଟରଙ୍କୁ ଭୋଟ ଦେବା ପାଇଁ ସଜାଗ କରିବା ପାଇଁ ଏହି ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ସଚେତନତାମୂଳକ ବିଭିନ୍ନ ଗୀତ ଓ ନାଟକ ମାଧ୍ୟମରେ ମଧ୍ୟ ଭୋଟ ଦେବା ପାଇଁ ଜାଗୃତ କରାଯାଇଛି । ଗୋଟିଏ ମୂଲ୍ୟବାନ ଭୋଟ ଦେଶ ଗଠନରେ ସହାୟକ ହେବା ସହ ଆମ ଗଣତନ୍ତ୍ରକୁ ସୁଦୃଢ଼ କରିବ । ତେଣୁ ଭୋଟଦାତାଙ୍କ ଭାଗିଦାରିତାର ପ୍ରତିଶତକୁ ବଢାଇବା ଏହି ସଚେତନତାର ଲକ୍ଷ୍ୟ ରହିଛି ବୋଲି ଖୋର୍ଦ୍ଧା ଜିଲ୍ଲାପାଳରେ ଚଞ୍ଚଳ ରାଣା କହିଛନ୍ତି । ଭୁବନେଶ୍ୱରରେ ମାତ୍ର ୪୩ ରୁ ୪୫ ପ୍ରତିଶତ ନାଗରିକ ଭୋଟ ଦେଇଥାନ୍ତି । ଏହା ରାଜ୍ୟର ସବୁଠାରୁ ସର୍ବନିମ୍ନ ମତଦାନ ବୋଲି ସୂଚନା ଦେଇଛନ୍ତି ଜିଲ୍ଲାପାଳ । ସେହିପରି ୧୧ ଲକ୍ଷ ଭୋଟର ରାଜଧାନୀ ଭୁବନେଶ୍ୱରରେ ରହିଥିବା ବେଳେ ୩ରୁ ୪ ଲକ୍ଷ ଭୋଟର ଭୋଟ ଦେଇଥାନ୍ତି । ୧୨ରୁ ୧୫ ଲକ୍ଷ ଭୁବନେଶ୍ୱରର ଲୋକସଂଖ୍ୟା ହୋଇଥିବା ବେଳେ ଚଳିତ ନିର୍ବାଚନରେ ଅଧିକ ମାତ୍ରାରେ ଆସି ମତଦାନ କରି ନିଜର ପ୍ରତିନିଧି ଚୟନ କରିବାକୁ ଆହ୍ୱାନ ଦେଇଛନ୍ତି ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ । ଏହାସହ ନିର୍ବାଚନ ସମୟରେ ସ୍ୱତନ୍ତ୍ର ଭାବେ ବିଭିନ୍ନ ରୁଟରେ ବିଶେଷ କରି ମହିଳା ଭୋଟରଙ୍କ ପାଇଁ ବସ୍ ଚାଲିବ ବୋଲି କହିଛନ୍ତି ଜିଲ୍ଲାପାଳ। ଏଠାରେ ସୂଚନା ଥାଉକି ୨୦୨୪ ନିର୍ବାଚନକୁ ନେଇ ସାରା ଦେଶରେ ଭୋଟ ଗ୍ରହଣ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ୧୩ ମେ'ରୁ ପର୍ଯ୍ୟାୟକ୍ରମେ ଭୋଟ ଦେବ ଓଡ଼ିଶା । ମତଦାନ ନାଗରିକର ଶ୍ରେଷ୍ଠ ଅଧିକାର ହୋଇଥିବା ବେଳେ ଯୋଗ୍ୟନେତା ବାଛିବା ସହ ରାଷ୍ଟ୍ର ଗଠନରେ ସାମିଲ ହେବାପାଇଁ ନିଶ୍ଚିତ ଭୋଟ ଦେବେ ବୋଲି ଶପଥ ନେଇଛନ୍ତି ଗତକାଲି କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ରାଜଧାନୀବାସୀ ।

# ସ୍ୟାଡୋ ଅବଜରଭେସନ ରେଜିଷ୍ଟର ପାଇଁ ପରାମର୍ଶ

**ପୁରୀ, ନ୍ୟୁଜ ବ୍ୟୁରୋ**

ନିର୍ବାଚନରେ ସ୍ୟାଡୋ ଅବଜରଭେସନ ରେଜିଷ୍ଟର ମାଧ୍ୟମରେ ଖର୍ଚ୍ଚର ହିସାବ ଲିପିବଦ୍ଧ କରିବାକୁ ପରାମର୍ଶ ଦେଇଛନ୍ତି ପର୍ଯ୍ୟବେକ୍ଷକ ସୁଧାଂଶୁ ଧର ମିଶ୍ର। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁସାରେ ରାଜନୈତିକ ଦଳ ବା ପ୍ରାର୍ଥୀ ମାନଙ୍କର ଦୈନନ୍ଦିନ ଖର୍ଚ୍ଚର ହିସାବ ଲିପିବଦ୍ଧ ରହିବା ଜରୁରୀ। ଯଦିଓ ପ୍ରାର୍ଥୀ ବା ଦଳ ଏହାକୁ ଲିପିବଦ୍ଧ କରୁଥାନ୍ତି ତେବେ ଆକାଉଣ୍ଟିଂ ଟିମ୍ ମାଧ୍ୟମରେ ଏହାକୁ ସ୍ୟାଡୋ ଅବଜରଭେସନ ରେଜିଷ୍ଟର ବା ଏକ ଛାୟା ହିସାବ ଖାତାରେ ନିର୍ବାଚନକୁ ଶୃଙ୍ଖଳିତ ଭାବେ ସମ୍ପର୍ଣ୍ଣ ପାଇଁ ନିୟୋଜିତ ବିଭିନ୍ନ ଟିମ୍ ପଠାଉଥିବା ତଥ୍ୟ, ଫଟୋ, ଭିଡିଓ ଆଧାରରେ ପ୍ରସ୍ତୁତ କରାଯିବ। ପ୍ରାର୍ଥୀ ତାଙ୍କର ନିର୍ବାଚନ ହିସାବ ଦାଖଲ ସମୟରେ ସ୍ୟାଡୋ ଅବଜରଭେସନ ରେଜିଷ୍ଟରକୁ ଅନୁଧ୍ୟାନ କରାଯିବ। ପ୍ରାର୍ଥୀଙ୍କ ହିସାବ ସହ ଏହାର ଅମେଳ ଦେଖାଗଲେ ପ୍ରାର୍ଥୀଙ୍କୁ ରିଟର୍ଣ୍ଣିଂ ଅଫିସରଙ୍କ ମାଧ୍ୟମରେ ନୋଟିସ କରାଯିବ। ଏହି ନୋଟିସର କପି ନୋଟିସ ବୋର୍ଡରେ ଲଗାଯିବ। ସାଧାରଣ ଜନତା ଚାହିଁଲେ ପ୍ରତି କପି ପାଇଁ ୧ ଟଙ୍କା ହିସାବରେ ଏହାର ନକଲ ପାଇପାରିବେ। ସେହିପରି ପ୍ରାର୍ଥୀ ପ୍ରଦାନ କରୁଥିବା ସ୍ପଷ୍ଟିକରଣକୁ ଏକ ଫୋଲ୍ଡରର ମାଧ୍ୟମରେ ରଖାଯିବ ଓ ସ୍ୟାଡୋ ରେଜିଷ୍ଟରରେ ଲିପିବଦ୍ଧ କରାଯିବ। ଏହା ମଧ୍ୟ ସାର୍ବଜନୀନ ପାଇଁ ନୋଟିସ ବୋର୍ଡରେ ଲଗାଯିବ। ସାଧାରଣ ବ୍ୟକ୍ତି ମଧ୍ୟ ପ୍ରତି ପୃଷ୍ଠା ୧ ଟଙ୍କା ହିସାବରେ ଏହାର କପି ପାଇପାରିବେ ବୋଲି ଖର୍ଚ୍ଚ ପର୍ଯ୍ୟବେକ୍ଷକ ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି।

# ତ୍ରିବିକ୍ରମ ମିଶ୍ରଙ୍କ ପରଲୋକ

**ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ**

ସୁବର୍ଣ୍ଣପୁର ଜିଲ୍ଲାର ସଦର ମହକୁମା କଲେକ୍ଟର ଅଫିସ ସମ୍ମୁଖରେ ଉଦୟ ନଗରରେ ବାସ କରୁଥିବା ତ୍ରିବିକ୍ରମ ମିଶ୍ରଙ୍କ ପରଲୋକ ହୋଇଯାଇଛି। ମୃତ୍ୟୁ ସମୟରେ ତାଙ୍କ ବୟସ ୭୦ ବର୍ଷ ହୋଇଥିଲା । କିଛି ବର୍ଷ ଆଗରୁ ସେ କିଡନୀ ରୋଗରେ ଚିକିତ୍ସିତ ହେଉଥିବା ବେଳେ ବୁର୍ଲା ଡ଼ାକ୍ତରଖାନାରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଥିଲା। ରବିବାର ରାତି ୧ଘଣ୍ଟା ସମୟରେ ବୁର୍ଲା ଡ଼ାକ୍ତରଖାନାରେ ତାଙ୍କ ମୃତ୍ୟୁ ହୋଇଥିଲା। ଏହି ଖବରରେ ସୋନପୁର ପୋଲିସ୍ କଲୋନୀ ତଥା ଉଦୟ ନଗରରେ ଶୋକର ଛାୟା ଖେଳିଯାଇଥିବା ବେଳେ ଶ୍ରୀ ମିଶ୍ର ଏକ ମିଷ୍ଟଭାଷୀ, ଧର୍ମ ପାରାୟଣ ଓ ସରଳ ବ୍ୟକ୍ତିଥିଲେ ଓ ସୋନପୁର ତହସିଲ ଅଫିସରେ ଦୀର୍ଘ ବର୍ଷ ଯାଏ ସେ ନିଷ୍ଠା ପର ଭାବେ କାର୍ଯ୍ୟ କରିଥିଲେ । ସୋମବାର ସକାଳ ୭ ଘଣ୍ଟାରେ ରାମେଶ୍ୱର ଶ୍ମଶାନ ଘାଟରେ ଶ୍ରୀ ମିଶ୍ରଙ୍କ ଅନ୍ତିମ ସଂସ୍କାର କରାଯାଇଛି । ତାଙ୍କ ପୁତ୍ର ଅଧ୍ୟାପକ ରଞ୍ଜିତ ମିଶ୍ର ସ୍ୱର୍ଗୀୟ ମିଶ୍ରଙ୍କୁ ମୁଖାଗ୍ନି ଦେଇଥିଲେ। ଜିଲ୍ଲା ପୋଲିସ କାର୍ଯ୍ୟାଳୟରେ ଏଏସ୍ଆଇ ଭାବେ କାର୍ଯ୍ୟରତ ସାଜିତ୍ ମିଶ୍ର ଓ ସହରର ଅନ୍ୟାନ୍ୟ ସାମାଜିକ କର୍ମୀ, ପୋଲିସ କର୍ମଚାରୀ ଉପସ୍ଥିତ ଥିଲେ ।

# ନନ୍ଦନକାନନ ସୁରକ୍ଷାରେ ରହିବେ ବନ୍ଧୁକଧାରୀ ସୁରକ୍ଷାକର୍ମୀ




**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ଅଧିକାରୀଙ୍କ ଉପରେ ହୋଇଥିବା ମରଣାନ୍ତକ ଆକ୍ରମଣ ଘଟଣା ଭୟ ସୃଷ୍ଟି କରିଛି । ପୂର୍ବରୁ ଅନେକ ସମୟରେ ରାଜ୍ୟ ବାହାରୁ ପର୍ଯ୍ୟଟକଙ୍କୁ ଆକ୍ରମଣ ହୋଇଥିଲେ ମଧ୍ୟ ଅଧିକାରୀଙ୍କ ଉପରେ ଏଭଳି ସଶସ୍ତ୍ର ଆକ୍ରମଣ ସମ୍ଭବତଃ ପ୍ରଥମ ବୋଲି କୁହାଯାଉଛି । ଏହି ଘଟଣାରେ ବନ ବିଭାଗକୁ ଶକ୍ତ ଧକ୍କା ଲାଗିଛି । ପିସିସିଏଫ ଦେବୀଦତ୍ତ ବିଶ୍ୱାଳ ନନ୍ଦନକାନନ ଯାଇ ଘଟଣା ବିଷୟରେ ଅନୁଧ୍ୟାନ କରିଛନ୍ତି। ତାଙ୍କ ପରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ ମଧ୍ୟ ପହଞ୍ଚି ଜରୁରୀକାଳୀନ ଭାବେ ଅନୁଧ୍ୟାନ କରିବା ସହିତ ସ୍ଥିତି ସମୀକ୍ଷା କରିଛନ୍ତି । ନନ୍ଦନକାନନ ସୁରକ୍ଷା ପାଇଁ ଆଗକୁ ବହୁ ପଦକ୍ଷେପ ନିଆଯାଉଛି ବୋଲି ବିଶେଷ ସୂତ୍ରରୁ ସୂଚନା ମିଳିଛି । ମିଳିଥିବା ସୂଚନା ମୁତାବକ, ସୁରକ୍ଷା ଦୃଷ୍ଟିରୁ ଚିଡ଼ିଆଖାନା ଭିତର ରାସ୍ତା ଖୁବଶୀଘ୍ର ବନ୍ଦ କରାଯିବ । ଏହା ସ୍ଥାନୀୟ ଅଧିବାସୀଙ୍କ ସହଯୋଗରେ ହେବ । କର୍ମଚାରୀମାନଙ୍କୁ ଆତ୍ମରକ୍ଷା ପାଇଁ ଅସ୍ତ୍ରଶସ୍ତ୍ର ଯୋଗାଇ ଦିଆଯିବ । ଏକ୍ସ ସର୍ଭିସମ୍ୟାନମାନଙ୍କୁ ଆଗରୁ ମୁତୟନ କରାଯାଉଥିଲା । ଆଗକୁ ବନ୍ଧୁକଧାରୀ ସୁରକ୍ଷାକର୍ମୀ ମୁତୟନ ହେବା ନେଇ ପଦକ୍ଷେପ ନିଆଯାଉଛି। ଏହାସହ ପାରାମିଲିଟାରୀ ସେନାକୁ (ସିଆଇଏସ୍ଏଫ୍‌ଙ୍କ ଭଳି) ନନ୍ଦନକାନନ ସୁରକ୍ଷା ଦାୟିତ୍ୱ ଦେବା ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା ଚାଲିଥିବାର ବିଶେଷ ସୂତ୍ରରୁ ସୂଚନା ମିଳିଛି। ସେପଟେ ଏହି ଘଟଣାକୁ ନେଇ ଏବେ ସାଧାରଣରେ ଅନେକ ପ୍ରଶ୍ନ ଉଠିଛି । ସୋମବାର ନନ୍ଦନକାନନ ବନ୍ଦ ଥିବାବେଳେ ମାରଣାସ୍ତ୍ର ଧରି ଦୁଇ ଯୁବକ ପଶିବା ବେଳେ ସୁରକ୍ଷାକର୍ମୀ କାହିଁକି ଅଟକାଇଲେ ନାହିଁ, ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ତେବେ ଏହି ଦୁଇ ଯୁବକ ଏସିଏଫ ସୁଦୀପ୍ତ ପଣ୍ଡାଙ୍କୁ ଖୋଜୁଥିଲେ । ସେ ସିଧା ଚିଡ଼ିଆଖାନାର ଭେଟେରିନାରୀ ହସ୍ପିଟାଲର ଭିତରେ ପଶି ଡା. ଶରତ ସାହୁଙ୍କ ବେକରେ କଟୁରୀ ଲଗେଇଥିଲେ । ସେ ଏସିଏଫ ସୁଦୀପ୍ତ ପଣ୍ଡା ନୁହେଁ ବୋଲି ଜାଣିବା ପରେ ସେଠାରୁ ଉପନିର୍ଦ୍ଦେଶକଙ୍କ ଅଫିସକୁ ଯାଇଥିବା କଥା ଶୁଣିବାକୁ ମିଳୁଛି । ନିକଟରେ ବନ୍ୟଜନ୍ତୁ ଛୁଆଙ୍କ ଲାଳନପାଳନ କରିବାରେ ଅବହେଳା ଯୋଗୁଁ ଗୋଟିଏ ଛୁଆ ମୃତ୍ୟୁ ଘଟିଥିଲା। ଏଥିପାଇଁ ଦାୟିତ୍ୱରେ ଥିବା ଯୁବକକୁ କାର୍ଯ୍ୟରୁ ବାହାର କରାଯାଇଥିଲା। ଯାହାକୁ କେନ୍ଦ୍ରକରି ଏହି ଆକ୍ରମଣ ହୋଇଥିବା ସନ୍ଦେହ କରାଯାଉଛି । ପ୍ରକାଶ ଥାଉକି, ନନ୍ଦନକାନନ ପ୍ରାଣୀ ଉଦ୍ୟାନ ଯେତେବେଳେ ଆରମ୍ଭ ହୋଇଥିଲା ସେତେବେଳେ ଭୌଗୋଳିକ ଅବସ୍ଥାକୁ ଦୃଷ୍ଟିରେ ରଖି ପାର୍ଶ୍ୱବର୍ତ୍ତୀ ଗାଁ ଯେପରିକି ରଘୁନାଥପୁର, ଦାରୁଠେଙ୍ଗ ଆଦି ବାସିନ୍ଦାଙ୍କୁ ପ୍ରାଣୀ ଉଦ୍ୟାନ ମଧ୍ୟରେ ଯାଇଥିବା ମୁଖ୍ୟ ରାସ୍ତା ବ୍ୟବହାର କରିବା ପାଇଁ ଅନୁମତି ଦିଆଯାଇଥିଲା । କିନ୍ତୁ ଏବେ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ବିଶ୍ୱସ୍ତରୀୟ କରିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ଏଭଳି ସ୍ଥିତିରେ ଜଣେ ଯୁବକ ସ୍ଥାନୀୟ ବାସିନ୍ଦା ବୋଲି ପ୍ରାଣୀ ଉଦ୍ୟାନ ମଧ୍ୟରେ ନିଜର ପାଓ୍ୱାର ଦେଖାଇ ବାଇକ ଧରି ଯିବା ଆଦୌ ସହଜ ନୁହେଁ । ତେଣୁ ପ୍ରାଣୀ ଉଦ୍ୟାନ ମଧ୍ୟରେ ଯାଇଥିବା ଭିତର ରାସ୍ତାକୁ ସ୍ଥାନୀୟ ଅଧିବାସୀଙ୍କ ଯିବା ଆସିବା ନିଷେଧ କରାଯାଉ ବୋଲି ଦାବି ଉଠିଲାଣି ।

# ପୁରୀରେ ହେବ ଓଡ଼ିଶା କୁସ୍ତି ଏକାଡେମି

**ପୁରୀ, ନ୍ୟୁଜ ବ୍ୟୁରୋ**



କ୍ରୀଡ଼ା ପାଇଁ ବଢ଼ିଛି ଭିତ୍ତିଭୂମି। ନୂଆ ଷ୍ଟାଡିୟମ୍ ନିର୍ମାଣ ହୋଇଛି। ଇନ୍‌ଡୋରଆଥଲେଟିକ୍ସ ହଲ୍ ପ୍ରତିଷ୍ଠା ଚାଲିଛି। କିଶୋର ଜେନା, ଜୟନ୍ତୀ ବେହେରା ଓ ତପନ ମହାନ୍ତିଙ୍କ ଭଳି କ୍ରୀଡ଼ାବିତ୍ ପୁରୀକୁ କ୍ରୀଡ଼ା ଜଗତରେ ଉଚ୍ଚ ସୋପାନକୁ ନେଇଛନ୍ତି। ଅଥଚ କୁସ୍ତିରେ ପୂର୍ବରୁ ଯେଉଁ ସୁନାମ ଥିଲା, ଅନ୍ତତଃ ତାହା ନିମ୍ନଗାମୀ ହୋଇଛି। ତେବେ ଏହି ଅଭାବବୋଧ ବି ଯଥାଶୀଘ୍ର ଦୂର ହେବାକୁ ଯାଉଛି। ପୁରୀରେ ପ୍ରତିଷ୍ଠା ହେବାକୁ ଯାଉଛି ଓଡ଼ିଶା କୁସ୍ତି ଏକାଡେମି। ଏନେଇ କ୍ରୀଡ଼ା ବିଭାଗର ବୈଠକରେ ଆଲୋଚନା ସରିଛି। ୨୦୨୧ ମସିହାର ଏହି ପରିକଳ୍ପନା ବାସ୍ତବ ରୂପ ନେବା ନେଇ ପୁଣି ଆଶା ଜାଗିଛି। ମଙ୍ଗଳବାରର 'ବିଶ୍ୱ ଆଥଲେଟିକ୍ସ ଦିବସ' ପୂର୍ବରୁ ଏଭଳି ଖବର ରାଜ୍ୟ କୁସ୍ତି ଜଗତରେ ଖୁସିର ଲହରି ଖେଳାଇ ଦେଇଛି। ରାଜ୍ୟରେ ପୁରୀ କୁସ୍ତିର ଗଡ଼ ଭାବେ ଅଭିହିତ। ଏଠାରୁ ବୈଦ୍ୟନାଥ ମହାପାତ୍ର, ଲକ୍ଷ୍ମୀନାରାୟଣ ମହାସୁଆର, ଶ୍ୟାମସୁନ୍ଦର ମହାପାତ୍ର, ନରସିଂହ ଲେଙ୍କା, ଉମାଶଙ୍କର ପ୍ରତିହାରୀ, ଝାଡୁ ଖୁଣ୍ଟିଆ, ରାମଚନ୍ଦ୍ର ପାଢ଼ୀ ଓ କୃଷ୍ଣଚନ୍ଦ୍ର ପ୍ରତିହାରୀଙ୍କ ଭଳି ପ୍ରତିଭାବାନ କୁସ୍ତି ଖେଳାଳି ଜାତୀୟ ଅନ୍ତର୍ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରି ସମ୍ମାନ ସାଉଁଟିଛନ୍ତି। ତେବେ ଜାଗା ଆଖଡ଼ାରେ କୁସ୍ତି ପାଇଁ ଉଦ୍ଦିଷ୍ଟ ମାଟିର ଖଳା ତଥା ଖେଳ ଜାଗାଗୁଡ଼ିକର ଏବେ ରକ୍ଷଣାବେକ୍ଷଣ କରାଯାଉନାହିଁ। ବାସ୍ତବରେ ମାଟିରେ ଆଉ କୁସ୍ତି ଖେଳିବାର ମାନସିକତା ଦେଖିବାକୁ ମିଳୁନାହିଁ। କେବଳ ପଣା ସଂକ୍ରାନ୍ତିକୁ ବାଦ୍ ଦେଲେ ଅନ୍ୟ ଦିନମାନଙ୍କରେ ମାଟିରେ କୁସ୍ତି କସ୍‌ରତ କରିବା ଆଉ ଦେଖିବାକୁ ମିଳୁନି। ହେଲେ ନିକଟରେ ୩୫ଟି ଜାଗାଘରର ଭିତ୍ତିଭୂମି ବିକାଶ ପାଇଁ ସରକାର ଅର୍ଥ ଯୋଗାଇ ଦେଇଛନ୍ତି। ମକରଧ୍ୱଜ, ମାଜଣା, ହିଞ୍ଜୋଳ, ପଞ୍ଚାୟତ, ଗୁରୁଜଙ୍ଗ, ଦୁବେଇ, ଖୁଣ୍ଟିଆ, ଦୀକ୍ଷିତ ବଡ଼ପୋଖରୀ, ମଲ୍ଲୀଗଡ଼, ବଡୁମହାପାତ୍ର, ଚମ୍ପାଗଡ଼, ନୂଆତୋଟା, ଜଗୁ ତିଆଡ଼ି, ଅଡ଼ଗ ତିଆଡ଼ି, ଯମନଗଡ଼, ଖାସ, କୁସନ ଖୁଣ୍ଟିଆ, ମୁଦୁଲି, ଧ୍ୱଜଗଡ଼, ଜମିଖୁଣ୍ଟିଆ, ବାରବାଟୀ, ନୃସିଂହବଲ୍ଲଭ, ଶଙ୍ଖକୋଟ, ତାପଙ୍ଗ, ସୁନ୍ଦରା, ଗଡ଼ମଲ୍ଲ, ରାଜବଲ୍ଲଭ, ବଡ଼ଆଖଡ଼ା, ପାଣ୍ଡ, ସାତବଖରା, ଭଟ୍ଟ, ରାହାସ ମହାନ୍ତି, ବିଶୁନି ଓ ଗୋପାଳବଲ୍ଲଭ ଜାଗାଘରକୁ ୨୩ ଲକ୍ଷ ଟଙ୍କା ଲେଖାଏଁ ଯୋଗାଇ ଦେଇଛନ୍ତି। ଏଥିରେ ଜିମ୍ ଘର ସହ କୁସ୍ତି ପାଇଁ ମ୍ୟାଟ୍‌ର ବ୍ୟବସ୍ଥା କରାଯିବ। ଅର୍ଥାତ୍ ଏଥର ମାଟି ଅପେକ୍ଷା କ୍ରୀଡ଼ାବିତ୍‌ମାନେ ମ୍ୟାଟ୍‌ରେ କୁସ୍ତି ଅଭ୍ୟାସ କରିବାର ବ୍ୟବସ୍ଥା କରାଯାଇଛି। ଏନେଇ ପୁରୀ ଦୌଡ଼କୁଦ ସଂଘର ପୂର୍ବତନ ସମ୍ପାଦକ ରବିଶଙ୍କର ପ୍ରତିହାରୀ କହିଛନ୍ତି, ଓଡ଼ିଶାରେ ପୁରୀକୁ କୁସ୍ତିର ଗଡ଼ କୁହାଯାଏ। ଏଠାରୁ ଶ୍ରୀଜଗନ୍ନାଥଙ୍କ ବହୁ ସେବକ କୁସ୍ତିରେ ସୁନାମ ଆଣିଛନ୍ତି। ଶ୍ରୀଜଗନ୍ନାଥ ଷ୍ଟାଡିୟମ୍ ନିକଟରେ ଥିବା ଖାଲି ଜାଗାରେ ଓଡ଼ିଶା କୁସ୍ତି ଏକାଡେମି ପ୍ରତିଷ୍ଠା ହେବ। କୁସ୍ତି ଏକାଡେମି ପ୍ରତିଷ୍ଠା ହେଲେ କୁସ୍ତିରେ ପୁରୀର ଯେଉଁ ପୂର୍ବ ସୁନାମ ଥିଲା ତାହା ଫେରିବ। ସଂପ୍ରତି ପୁରୀରୁ ପ୍ରତିବର୍ଷ କନିଷ୍ଠ, ସର୍ବକନିଷ୍ଠ ଓ ବରିଷ୍ଠ ବର୍ଗରେ ୪୦ରୁ ଅଧିକ ପ୍ରତିଯୋଗୀ କୁସ୍ତିରେ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେଉଛନ୍ତି। କିନ୍ତୁ ଏକାଡେମି ପ୍ରତିଷ୍ଠା ହେଲେ, ଉନ୍ନତମାନର ପ୍ରଶିକ୍ଷକ ନିଯୁକ୍ତ ହେବେ। ଫଳରେ କୁସ୍ତିର ବୈଷୟିକ ଦିଗ ବାବଦରେ ଆମ କୁସ୍ତି ଖେଳାଳିମାନେ ନିଜକୁ ଆହୁରି ମଜଭୁତ କରିପାରିବେ ବୋଲି ସେ କହିଛନ୍ତି। ଶ୍ରୀଜଗନ୍ନାଥ ଷ୍ଟାଡିୟମ୍ ବ୍ୟତୀତ ବିଜୁ ପଟ୍ଟନାୟକ ଇନଡୋର ଷ୍ଟାଡିୟମ୍‌ରେ ସିନ୍ଥେଟିକ ଟ୍ରାକ୍ କରିବା ପାଇଁ ବ୍ୟବସ୍ଥା କରାଯାଉଛି। ଖୋଖୋ, କୁସ୍ତି ଓ ବକ୍ସିଂ ହଲ୍ ସ୍ୱତନ୍ତ୍ର ଭାବେ ନିର୍ମିତ ହୋଇଛି। କାମ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବାରୁ ଖୁବ୍‌ଶୀଘ୍ର ଏହାର ଉପଯୋଗରେ ବହୁ ସଫଳ କ୍ରୀଡ଼ାବିତ୍ ସୃଷ୍ଟି କରିବାରେ ପୁରୀ ସଫଳ ହେବ ବୋଲି ସେ କହିଛନ୍ତି।

# ଉଚ୍ଚ ଶିକ୍ଷାନୁଷ୍ଠାନରେ ଇ-ସିଗାରେଟ୍ ବ୍ୟାନ : ସ୍ୱତନ୍ତ୍ର ଡ୍ରାଇଭ ସହ ଯାଞ୍ଚ ନିର୍ଦ୍ଦେଶ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଆଜିକାଲି ଯୁବପିଢିମାନେ ସିଗାରେଟ୍ ଛାଡି ଇ-ସିଗାରେଟ ବ୍ୟବହାର କରୁଥିବା ଦେଖାଯାଉଛି । ବିଶେଷକରି କଲେଜ ପଢୁଆ ଯୁବଗୋଷ୍ଠୀ ପ୍ରଚୁର ମାତ୍ରାରେ ଇ-ସିଗାରେଟର ବ୍ୟବହାର କରୁଛନ୍ତି । ଯଦିଓ ଏହି ଇଲେକ୍ଟ୍ରୋନିକ୍ ସିଗାରେଟ୍ ଉପରେ ପ୍ରତିବନ୍ଧକ ଲାଗିଛି, କିନ୍ତୁ ଏହା ଅନଲାଇନ୍ ଷ୍ଟୋର୍ ଏବଂ ସ୍ଥାନୀୟ ବିକ୍ରେତାଙ୍କ ମାଧ୍ୟମରେ ସହଜରେ ଉପଲବ୍ଧ ହୋଇପାରୁଛି । ଏହା ମଧ୍ୟ ଜଣାଯାଇଛି ଯେ, ଏହି ଇଲେକ୍ଟ୍ରୋନିକ ଉପକରଣ ଶିକ୍ଷାନୁଷ୍ଠାନ ନିକଟରେ ଥିବା ଷ୍ଟୋରରେ ବିକ୍ରି କରାଯାଉଛି, ଯାହାଫଳରେ କଲେଜ ପଢୁଆ ପିଲାମାନେ ସହଜରେ ଏହି ନିଶା କବଳରେ ପଡୁଛନ୍ତି ଏବଂ ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି ହେଉଛି । ତେଣୁ ଏହା ଉପରେ ରୋକ୍ ଲଗାଇବା ନିମନ୍ତେ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡିକରେ ଅନିୟମିତ ଭାବେ ଯାଞ୍ଚ ମାଧ୍ୟମରେ ସ୍ୱତନ୍ତ୍ର ଡ୍ରାଇଭ୍ ଚଳାଇବାକୁ ନିର୍ଦ୍ଦେଶ ଦେଇଛି ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ । ଇ-ସିଗାରେଟ ଏକ ଇଲେକ୍ଟ୍ରୋନିକ ଉପକରଣ ଯାହା ତମାଖୁ ସେବନକୁ ଅନୁକରଣ କରିଥାଏ । ଇ-ସିଗାରେଟ ଉପରେ ପ୍ରତିବନ୍ଧକ ଲଗାଇବାକୁ ଭାରତ ସରକାର ୨୦୧୯ରେ ଇଲେକ୍ଟ୍ରୋନିକ ସିଗାରେଟ୍ ନିଷେଧ ଆଇନ ୨୦୧୯ କାର୍ଯ୍ୟକାରୀ କରିଥିଲେ । ଅନେକ ସମୟରେ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଏହି ଆଇନର ବିଧି ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ ରାଜ୍ୟ ତଥା କେନ୍ଦ୍ରଶାସିତ ଅଞ୍ଚଳକୁ



ଅନୁରୋଧ କରିଛନ୍ତି । କିନ୍ତୁ ଉଚ୍ଚ ଶିକ୍ଷାନୁଷ୍ଠାନ ନିକଟରେ ବିଭିନ୍ନ ଷ୍ଟୋରରେ ଏହି ନିଶା ଉପକରଣ ବିକ୍ରି ହେଉଥିବାରୁ କଲେଜ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏହାର ବ୍ୟବହାର ବଢୁଛି । ଇଲେକ୍ଟ୍ରୋନିକ୍ ସିଗାରେଟ୍ (ଇ-ସିଗାରେଟ୍) ବିଶେଷ ଭାବରେ ଯୁବପିଢିଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ପ୍ରତି ଗୁରୁତର ବିପଦ ସୃଷ୍ଟି କରିଥାଏ। ଇଲେକ୍ଟ୍ରୋନିକ୍ ସିଗାରେଟ୍ ବ୍ୟବହାର ସହିତ ଏଥିରେ ଜଡିତ ଥିବା ବିପଦ ବିଷୟରେ ସଚେତନତା ସୃଷ୍ଟି କରିବା ଆବଶ୍ୟକ । ତେବେ ଯୁବପିଢିଙ୍କ ମଧ୍ୟରେ ଏହାର ବ୍ୟବହାର ଉପରେ ରୋକ୍ ଲଗାଇବାକୁ ହେଲେ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡିକରେ ସ୍ୱତନ୍ତ୍ର ଡ୍ରାଇଭ୍ ଚଲାଇବା ନେଇ କୁହାଯାଇଛି। ଏ ଦିଗରେ ଉଚ୍ଚଶିକ୍ଷା ପ୍ରତିଷ୍ଠାନଗୁଡିକ ଆବଶ୍ୟକୀୟ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛି ୟୁଜିସି ।

ତେବେ ବିଦ୍ୟାର୍ଥୀଙ୍କୁ ନିଶାଠାରୁ ଦୂରରେ ରଖିବା ପାଇଁ ସରକାର ବାରମ୍ବାର ଉପଦେଶ ଦେଉଛନ୍ତି । ହେଲେ ପିଲାଙ୍କ ହାତପାଆନ୍ତାରେ ଉପଲବ୍ଧ ହେଉଥିବା ନିଶା ସାମଗ୍ରୀକୁ ନିଷିଦ୍ଧ କରିବାରେ ବିଫଳ ହେଉଛନ୍ତି। ଫଳରେ ଯୁବପିଢ଼ିଙ୍କ ମଧ୍ୟରେ ନିଶା ସେବନ ଉଦବେଗଜନକ ଭାବେ ବଢ଼ି ଚାଲିଛି। ଶିକ୍ଷାନୁଷ୍ଠାନ ନିକଟରେ ପାନ, ବିଡ଼ି, ଗୁଟଖା ଆଦିର ବିପଣନ ଓ ସେବନ ହୋଇପାରିବ ନାହିଁ ବୋଲି କୋଟପା ଆଇନରେ ସ୍ପଷ୍ଟ ବ୍ୟବସ୍ଥା ରହିଛି । ସରକାର ମଧ୍ୟ ଶିକ୍ଷାନୁଷ୍ଠାନଗୁଡ଼ିକୁ ନିଶାମୁକ୍ତ କରିବା ପାଇଁ ବିଭିନ୍ନ ସମୟରେ ପ୍ରୟାସ କରିଛନ୍ତି । ହେଲେ ସବୁ କେବଳ ନିର୍ଦ୍ଦେଶ ଓ ପରାମର୍ଶ ମଧ୍ୟରେ ସୀମିତ ହୋଇ ରହିଯାଇଛି । ଫଳରେ ନିଶାମୁକ୍ତ କ୍ୟାମ୍ପସ ଏବେ ଏକ ପ୍ରହସନରେ ପରିଣତ ହୋଇଛି । ଶିକ୍ଷାନୁଷ୍ଠାନର ୧୦୦ ମିଟର ଭିତରେ ତମାଖୁ, ସିଗାରେଟ୍ ଭଳି ଚାଲିଛି ନିଶା କାରବାର। ଖୁଲମଖୁଲା ଭାବରେ ଦୋକାନୀମାନେ ଏସବୁ ସାମଗ୍ରୀ ବିକ୍ରି କରୁଛନ୍ତି ।

# ଦଶମରେ ୯୯.୦୮%, ଦ୍ୱାଦଶରେ ୯୮.୯୦% ପାସ୍

## ସିଆଇଏସ୍‌ସିଇ ପରୀକ୍ଷାଫଳ ପ୍ରକାଶ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**



କାଉନ୍‌ସିଲ୍ ଫର ଦି ଇଣ୍ଡିଆନ୍ ସ୍କୁଲ ସାର୍ଟିଫିକେଟ୍ ଏଗ୍‌ଜାମିନେସନ (ସିଆଇଏସ୍‌ସିଇ) ଦ୍ୱାରା ପରିଚାଳିତ ବିଦ୍ୟାଳୟର ଦଶମ (ଆଇସିଏସ୍‌ଇ) ଓ ଦ୍ୱାଦଶ ଶ୍ରେଣୀ(ଆଇଏସ୍‌ସି) ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ଦଶମରେ ଓଡ଼ିଶାର ୯୩ଟି ବିଦ୍ୟାଳୟର ୮ ହଜାର ୭୩୯ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୯୯.୦୮% ପରୀକ୍ଷାର୍ଥୀ କୃତକାର୍ଯ୍ୟ ହୋଇଛନ୍ତି। ଛାତ୍ରଙ୍କ ତୁଳନାରେ ଛାତ୍ରୀମାନେ ଉନ୍ନତ ପ୍ରଦର୍ଶନ କରିଛନ୍ତି। ପରୀକ୍ଷା ଦେଇଥିବା ୪,୬୨୯ ଜଣ ଛାତ୍ରଙ୍କ ମଧ୍ୟରୁ ୪,୫୭୬ ଅର୍ଥାତ୍ ୯୮.୮୬% ଏବଂ ୪,୧୧୦ଜଣ ଛାତ୍ରୀଙ୍କ ମଧ୍ୟରୁ ୪,୦୮୩ ଜଣ ଅର୍ଥାତ୍ ୯୯.୩୪% ପାସ୍ କରିଛନ୍ତି। ଅନୁସୂଚିତ ଜାତି ବର୍ଗର ୯୮.୬୪% ଓ ଅନୁସୂଚିତ ଜନଜାତି ବର୍ଗର ୯୭.୧୭% ପରୀକ୍ଷାର୍ଥୀ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଅନ୍ୟାନ୍ୟ ପଛୁଆ ବର୍ଗର ୯୯.୫୦% ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିବା ସିଆଇଏସ୍‌ସିଇ ପକ୍ଷରୁ ଜାରି ବିଜ୍ଞପ୍ତିରେ କୁହାଯାଇଛି।

ଆଇଏସ୍‌ସିରେ ଓଡ଼ିଶାରୁ ୩୩ଟି ବିଦ୍ୟାଳୟର ୧,୭୨୬ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୯୮.୯୦% ପାସ୍ କରିଛନ୍ତି। ଏଥିରେ ବି ଛାତ୍ରୀମାନଙ୍କ ପ୍ରଦର୍ଶନ ଉଚ୍ଚକୋଟିର ହୋଇଛି। ପରୀକ୍ଷା ଦେଇଥିବା ୮୭୨ ଜଣ ଛାତ୍ରଙ୍କ ମଧ୍ୟରୁ ୮୬୨ ଓ ୮୫୪ ଛାତ୍ରୀଙ୍କ ମଧ୍ୟରୁ ୮୪୫ ଜଣ କୃତକାର୍ଯ୍ୟ ହୋଇଛନ୍ତି। ଛାତ୍ରଙ୍କ ପାସ୍‌ହାର ୯୮.୮୫% ଥିବା ବେଳେ ଛାତ୍ରୀଙ୍କର ୯୮.୯୫% ହୋଇଛି। ଅନୁସୂଚିତ ଜାତି ବର୍ଗ ପରୀକ୍ଷାର୍ଥୀଙ୍କ ପାସ୍‌ହାର ୯୮.୯୮%, ଅନୁସୂଚିତ ଜନଜାତି ବର୍ଗର ୯୮.୫୫% ଓ ଅନ୍ୟାନ୍ୟ ପଛୁଆ ବର୍ଗ ଛାତ୍ରଛାତ୍ରୀଙ୍କ ପାସ୍‌ହାର ୯୭.୭୩% ରହିଛି। ଦଶମ ଓ ଦ୍ୱାଦଶ ଶ୍ରେଣୀ ପାଇଁ ରାଜ୍ୟ ଟପର ତାଲିକା ପ୍ରକାଶ କରାଯାଇ ନାହିଁ। ଦେଶ ଓ ବିଦେଶରେ ବୋର୍ଡ ଅଧୀନରେ ଥିବା ବିଦ୍ୟାଳୟଗୁଡ଼ିକର ପରୀକ୍ଷା ଫଳକୁ ଦେଖିଲେ ଦଶମ ଶ୍ରେଣୀରେ ୨,୬୯୫ ବିଦ୍ୟାଳୟର ୨ଲକ୍ଷ ୪୩ ହଜାର ୬୧୭ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ। ସେମାନଙ୍କ ମଧ୍ୟରୁ ୯୯.୪୭% ପାସ୍ କରିଛନ୍ତି। ଛାତ୍ରୀଙ୍କ ପାସ୍‌ହାର ୯୯.୬୫% ଓ ଛାତ୍ରଙ୍କ ପାସ୍‌ହାର ୯୯.୩୧% ହୋଇଛି।

ପ୍ରଭାତୀୟ
30 YEARS
ସମ୍ବାଦ କଳିକା

# ଭାରତରେ ଚାଉଳ ଉତ୍ପାଦନରେ ବୃଦ୍ଧି

କୃଷି ମନ୍ତ୍ରଣାଳୟର ସଦ୍ୟତମ ତଥ୍ୟ ଅନୁଯାୟୀ ଭାରତୀୟ କୃଷକମାନେ ୨୮.୩ ନିୟୁତ ହେକ୍ଟର (୬୯.୯ ନିୟୁତ ଏକର) ଗ୍ରୀଷ୍ମକାଳୀନ ଧାନ ଚାଷ କରିଛନ୍ତି । ଯାହା ଗତ ବର୍ଷ ସମାନ ସମୟ ତୁଳନାରେ ୩.୨୮% ଅଧିକ ପ୍ରବଳ ବର୍ଷା ଯୋଗୁ ଏଥର ରବି ଫସଲ ଅଧିକ ହୋଇଛି। ବିଶ୍ୱର ଶଷ୍ୟ ଉତ୍ପାଦନରେ ଦ୍ୱିତୀୟରେ ଥିବା ଭାରତରେ ସର୍ବାଧିକ ଚାଉଳ ଉତ୍ପାଦନ ଏଥର ଅଭାବର ଚିନ୍ତା ଦୂର କରିବ। ଭାରତ ବିଦେଶକୁ ଚାଉଳ ରପ୍ତାନୀ ବନ୍ଦ କରି ଦେଇଛି। ଫଳରେ ବିଶ୍ୱରେ ଚାଉଳର ଅଭାବ ବଢ଼ିଯିବା ସହ ମୂଲ୍ୟ ବୃଦ୍ଧି ହୋଇଛି। ସାଧାରଣତଃ କୃଷକମାନେ ମୌସୁମୀ ଆସିଲେ ଅର୍ଥାତ ଜୁନ୍ ୧ ତାରିଖରୁ ଅନ୍ୟ ଫସଲ ମଧ୍ୟରେ ଚାଉଳ, ମକା, କପା, ସୋୟାବିନ୍, ଆଖୁ ଏବଂ କଦଳୀ ଚାଷ ଆରମ୍ଭ କରନ୍ତି। ତେବେ ଭାରତର ପ୍ରାୟ ଅର୍ଦ୍ଧେକ ଚାଷ ଜମିରେ ଜଳସେଚନ ଅଭାବ ସମସ୍ୟା ଦେଖା ଦେବାରୁ ଗ୍ରୀଷ୍ମ ବର୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଗତ ବର୍ଷ ଭାରତରେ ମୌସୁମୀ ବର୍ଷା ହାରାହାରି ଠାରୁ ୫% ଅଧିକ ଥିଲା। କୃଷି ମନ୍ତ୍ରଣାଳୟର ସୂଚନା ଅନୁସାରେ, କୃଷକମାନେ ସୋୟାବିନ ସମେତ ମୋଟ ୧୭.୯ ନିୟୁତ ହେକ୍ଟର (୪୪.୨ ନିୟୁତ ଏକର) ତୈଳବୀଜ ରୋପଣ କରିଛନ୍ତି। ଯାହାକି ପୂର୍ବ ବର୍ଷ ତୁଳନାରେ ୨.୨% ଅଧିକ ୭.୬ ନିୟୁତ ହେକ୍ଟର (୧୮.୮ ନିୟୁତ ଏକର)ରେ ମକା ଲଗାଯାଇଥିଲା। ଯାହାକି ପୂର୍ବ ବର୍ଷ ୭.୫ ନିୟୁତ ହେକ୍ଟରରୁ ଅଧିକ ଥିଲା। ୧୧.୯ ନିୟୁତ ହେକ୍ଟରରେ କପା ଚାଷ ସାମାନ୍ୟ କମ୍ ରହିଛି।

# "ଡେଭିଲ ଧୂମକେତୁ" ଆସୁଅଛି, ହେଲୀ କେବେ ? (୧୩)



ଡ. ଦେବାଶୀଷ ରାୟ
(ପରିବେଶ ବିଜ୍ଞାନୀ)
୪୬୪, ସହିଦ ନଗର
ଭୁବନେଶ୍ୱର-୭
ମୋ : ୭୦୦୮୩୧୯୭୭୪

ପୂର୍ବରୁ ଇତିହାସକୁ ଭାଗ ଭାଗ କରି ପ୍ରତ୍ୟେକ ସମୟରେ ଧୂମକେତୁ ବିଷୟରେ ମନୁଷ୍ୟର କି କି ଚିନ୍ତାଧାରା ଥିଲା ସେ ବିଷୟରେ ସମ୍ୟକ ଧାରଣା ପାଇଥିଲେ। ପ୍ରଥମେ ଆଲେଖ୍ୟରେ ଆରମ୍ଭ କରିଥିଲୁ ପୁରାତନ ଗ୍ରୀକ୍ ସଭ୍ୟତାରୁ ଊନବିଂଶ ଶତାବ୍ଦୀ ପର୍ଯ୍ୟନ୍ତ। ତା ପରେ ବିଜ୍ଞାନର ଅଗ୍ରଗତି ହେବା ପରେ ଆଧୁନିକ ଯୁଗରେ ଧୂମକେତୁକୁ କିପରି ଭାବେ ବର୍ଣ୍ଣନା କରାଗଲା ସେ ବିଷୟରେ ଅଧିକ ତଥ୍ୟ ଆଣିବାକୁ ଚେଷ୍ଟା କରିଥିଲୁ। ଏହାର ସଂରଚନା ସମ୍ବନ୍ଧରେ ଅନେକ ବୈଜ୍ଞାନିକ ବିଭିନ୍ନ ମତ ଦେଇଥାନ୍ତି। ପୂର୍ବ ଆଲେଖ୍ୟରେ ଏକ ଚିତ୍ର ଦେଇ ଧୂମକେତୁର ବିଭିନ୍ନ ଅଂଶ ଓ ସେମାନଙ୍କର ଗତିଶୀଳତା ବା ଡାଇନାମିକ୍ସ ବିଷୟରେ ବୁଝିବାକୁ ଚେଷ୍ଟା କରିଥିଲୁ।

ଓର୍ଟକ୍ଲାଉଡ୍ ଧୂମକେତୁ ସମ୍ବନ୍ଧରେ କୁହାଯାଇଥିଲା ଯେ ଏ ଗୁଡ଼ିକରେ ଉଭୟ ଢଳିବା ପ୍ରବୃତ୍ତି ଏବଂ କକ୍ଷପଥର ଆଭିମୁଖ୍ୟରେ ଅନିୟମିତ ଥାଏ। ଅବଶ୍ୟ, ଅନିୟମିତତା ଠାରୁ କିଛି ବିଚ୍ୟୁତି ଅଛି ଯାହା ଦ୍ୱାରା ଦୃଶ୍ୟମାନ ଅଞ୍ଚଳରେ ଧୂମକେତୁ ପଠାଇବାରେ ନକ୍ଷତ୍ର ପୁଞ୍ଜ ସମ୍ବନ୍ଧୀୟ ଜୁଆରର ଗୁରୁତ୍ୱକୁ ପ୍ରକଟ କରିଥାଏ । ଓର୍ଟ ମେଘରେ ଧୂମକେତୁର ଗଠନ ପାଇଁ ସାଧାରଣ ବ୍ୟାଖ୍ୟା ହେଉଛି ଯେ ସେମାନେ ବିଶାଳ ଗ୍ରହ ଅଞ୍ଚଳରୁ ବରଫ ଗ୍ରହ ଭାବେ ଉଭା ହୁଅନ୍ତି। ସେମାନଙ୍କର ଗଠନ ହେବାପରେ, ବୃଦ୍ଧି ପାଉଥିବା ବୃହତ୍ ଗ୍ରହମାନେ ନିଜ ଗ୍ରହରୁ ଅବଶିଷ୍ଟ ଗ୍ରହଗୁଡ଼ିକୁ ଉପରେ ମାଧ୍ୟାକର୍ଷଣଶକ୍ତିର ପ୍ରଭାବ ପକାଇଥାନ୍ତି। ତାହା ଏକ ଅପାରଗ ପ୍ରକ୍ରିୟା, କେବଳ ୪ ପ୍ରତିଶତ ନିର୍ଗତ ଧୂମକେତୁ ମେଘରେ ସ୍ଥାୟୀ ସମ୍ବଳ ହୋଇ ରହେ। ଅବଶିଷ୍ଟ ଅଂଶ ହାଇପରବୋଲିକ୍ କକ୍ଷପଥରୁ ତାରା ଓ ନକ୍ଷତ୍ର ମାନଙ୍କ ସ୍ଥାନକୁ ନିର୍ଗତ ହୁଏ । ଏହା ମଧ୍ୟ ସମ୍ଭବ ଯେ ଅଧିକାଂଶ ତାରାଙ୍କ ପରି ଯଦି ସୂର୍ଯ୍ୟ ତାରାମାନଙ୍କର ଏକ ଗୁଚ୍ଛ ହୋଇ ସୃଷ୍ଟି ହୋଇଥିଲେ, ତେବେ ହୁଏତ ସେହି ନିକଟସ୍ଥ ତାରାଗୁଡ଼ିକର ବଢ଼ି ଉଠୁଥିବା ଓର୍ଟ ମେଘ ସହିତ ଧୂମକେତୁର ବିନିମୟ ହୋଇଥାଇପାରେ । ଏହା ଓର୍ଟ ମେଳା ସଂଖ୍ୟା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥାଇପାରେ ।

ସେମାନଙ୍କ ମଧ୍ୟବର୍ତ୍ତୀ ପ୍ରବୃତ୍ତି ଏବଂ ବିଚିତ୍ରତା ସହିତ ହେଲି ପ୍ରକାରର ଧୂମକେତୁର ଉତ୍ସ ଏବେ ବିତର୍କର ବିଷୟ । ଉଭୟ ବିଛିନ୍ନ ଡିସ୍କ ଏବଂ ଓର୍ଟ କ୍ଲାଉଡ୍ ଉତ୍ସ ଭାବରେ ପରାମର୍ଶ ଦିଆଯାଇଛି । ଏହା ହୋଇପାରେ ଯେ ବ୍ୟାଖ୍ୟା ଦୁଇଟି ମୁଦ୍ରା ଜଳଭଣ୍ଡାରର ମିଶ୍ରଣ ସହିତ ଅଛି । ଜ୍ୟୋତିର୍ବିଜ୍ଞାନୀମାନେ ପ୍ରାୟତଃ ଆନ୍ତର୍ଜାତିକ ଧୂମକେତୁର ଅସ୍ତିତ୍ୱ ଉପରେ ବିତର୍କ କରନ୍ତି । କେବଳ ଅଳ୍ପ କିଛି ଦେଖାଯାଇଥିବା ଧୂମକେତୁରେ ଅତିପରବଳୟ (ହାଇପରବୋଲିକ୍) କକ୍ଷପଥ ଅଛି ଏବଂ ସେଗୁଡ଼ିକ ସର୍ବଦା ପ୍ରାୟ ୧.୦୫୭୫ ପର୍ଯ୍ୟନ୍ତ ବିଚିତ୍ରତା ସହିତ ଦେଖାଯାଆନ୍ତି । ଏହା ସେକେଣ୍ଡରେ ପ୍ରାୟ ୧-୨ କିଲୋମିଟରର ଅଧିକ ବେଗ ସହିତ ଧୂମକେତୁକୁ ତ୍ୱରାନ୍ୱିତ କରେ। ଯଦିଓ ଏହା ଅତି କମ ଏବଂ ନଗଣ୍ୟ ମୂଲ୍ୟ, କାରଣ ନିକଟସ୍ଥ ତାରାଗୁଡ଼ିକ ସହିତ ସୂର୍ଯ୍ୟଙ୍କ ଗତି ସହ ପ୍ରତି ସେକେଣ୍ଡରେ ପ୍ରାୟ ୨୦ କିଲୋମିଟର ଅଟେ ।

ଧୂମକେତୁ ର ପ୍ରଭାବ – କୁହାଯାଏ ଯେ ଧୂମକେତୁ ପୃଥିବୀ ପାଇଁ ଏକ ପ୍ରାକୃତିକ ବିପଦ । ଏହାର କାରଣ ହେଉଛି ସେମାନଙ୍କ ମଧ୍ୟରୁ ଅନେକ କକ୍ଷପଥରେ ପୃଥିବୀ ଅବସ୍ଥାନ କରୁଥିବାରୁ ତାହାକୁ ବାରମ୍ବାର ଅତିକ୍ରମ କରିବାକୁ ହୁଏ ଏବଂ ଏହା ସହିତ ଧକ୍କା ହୋଇପାରେ । ପ୍ରତିବର୍ଷ ପ୍ରାୟ ୧୦ ଟି ଦୀର୍ଘକାଳୀନ ଧୂମକେତୁ ଯାହାର ବ୍ୟାସ ୧ କିଲୋମିଟର ବା ତଦୁର୍ଦ୍ଧ୍ୱ ପୃଥିବୀର କକ୍ଷପଥକୁ ଅତିକ୍ରମ କରେ। କାରଣ ପୃଥିବୀ ମହାକାଶ ତୁଳନାରେ ଅପେକ୍ଷାକୃତ ଛୋଟ । ତେଣୁ ଧୂମକେତୁର ପ୍ରଭାବ ପକାଇବା ସମ୍ଭାବନା ବହୁତ କମ୍ ଅଟେ । ପୃଥିବୀ କ୍ରସିଂ କକ୍ଷପଥରେ ଏକ ଅନିୟମିତ ଦୀର୍ଘ ସମୟର ଧୂମକେତୁର ହାରାହାରି ପ୍ରଭାବ ସମ୍ଭାବନା ୨.୨ ୧୦-୯। ଏହାର ଅର୍ଥ ହେଉଛି, ହାରାହାରି, ପୃଥିବୀର କକ୍ଷପଥକୁ ଅତିକ୍ରମ କରୁଥିବା ପ୍ରତି ୪୫୪ ନିୟୁତ ଦୀର୍ଘକାଳୀନ ଧୂମକେତୁମଧ୍ୟରୁ ଗୋଟିଏ ଧୂମକେତୁ ଧକ୍କା ଦେବାର ସମ୍ଭାବନା ଅଛି। ପ୍ରତିବର୍ଷ ପୃଥିବୀର କକ୍ଷପଥ ଅତିକ୍ରମ କରୁଥିବା ୧୦ ଟି ଧୂମକେତୁର ଆନୁମାନିକ ହାରକୁ ଦେଖିଲେ ଜଣାଯାଏ ଯେ ଦୀର୍ଘକାଳୀନ ଧୂମକେତୁ ପ୍ରଭାବ ପଡ଼ିବାକୁ ହାରାହାରି ୪୫ ନିୟୁତ ବର୍ଷର ଏକ ସମୟ ଦରକାର। ଯେହେତୁ ଦୀର୍ଘ ସମୟର ଧୂମକେତୁ ଗୁଡ଼ିକ ଅତ୍ୟଧିକ ବିଚିତ୍ର ଏବଂ ଅତ୍ୟଧିକ ପ୍ରବୃତ୍ତ କକ୍ଷପଥରେ ଗତି କରନ୍ତି, ସେମାନଙ୍କର ହାରାହାରି ପ୍ରଭାବ ବେଗ ଅନ୍ୟ ସ୍ୱର୍ଗୀୟ ଶରୀରଗୁଡ଼ିକ ତୁଳନାରେ ବହୁତ ଅଧିକ – ଯଥା, ଆଷ୍ଟେରଏଡ୍ ବା କ୍ଷୁଦ୍ରଗ୍ରହ । ଦୀର୍ଘକାଳୀନ ଧୂମକେତୁ ପ୍ରତି ସେକେଣ୍ଡରେ ହାରାହାରି ୫୧.୭ କିଲୋମିଟର ବେଗରେ ପୃଥିବୀକୁ ଧକ୍କା ଦେଇପାରିବ। ଯଦି ଏକ ନିର୍ଦ୍ଦିଷ୍ଟ କକ୍ଷପଥ ପାଇଁ ପ୍ରଭାବର ସମ୍ଭାବନା ଦ୍ୱାରା ପ୍ରଭାବ ବେଗକୁ ଓଜନ କରାଯାଏ, ତେବେ ଓଜନ ବିଶିଷ୍ଟ ଅର୍ଥ ପ୍ରଭାବ ବେଗ ପ୍ରତି ସେକେଣ୍ଡରେ ୫୪.୬ କିଲୋମିଟରକୁ ବୃଦ୍ଧି ପାଇଥାଏ। ସେହି ମୂଲ୍ୟଗୁଡ଼ିକ ପୃଥିବୀ କ୍ରସିଂ ଆଷ୍ଟେରଏଡ ବା କ୍ଷୁଦ୍ରଗ୍ରହ ତୁଳନାରେ ବହୁତ ଅଧିକ, ଯାହା ପ୍ରତି ସେକେଣ୍ଡରେ ମାତ୍ର ୧୫ କିଲୋମିଟର ଅଟେ ।

ଏକ କୌତୁହଳପୂର୍ଣ୍ଣ ଘଟଣା ହେଉଛି ପୃଥିବୀ କ୍ରସିଂ ଦୀର୍ଘ ସମୟର ହାଲେ – ବପ୍ (C / ୧୯୯୫ ୦୧), ଯାହା ୧୯୯୭ ମସିହାରେ ସୂର୍ଯ୍ୟଙ୍କ ସବୁଠାରୁ ନିକଟବର୍ତ୍ତୀ ହୋଇଥିଲା। ଏହା ଏକ ବୃହତ ଓ ସକ୍ରିୟ ଧୂମକେତୁ ଯାହା ସନ୍ଧ୍ୟା ଆକାଶ ଅତି ସହଜରେ ଖାଲି ଆଖିରେ ଦେଖାଯାଏ। ୦.୯୧୪ ଇଟର ଏକ ପେରିହେଲିଅନ୍ ଦୂରତା ସହିତ, ହାଲେ -ବପ୍ କକ୍ଷପଥ ପୃଥିବୀର କକ୍ଷପଥ ମଧ୍ୟରେ ଅତିକ୍ରମ କଲା । ହାଲେ -ବପ୍ ଙ୍କର ଏକ ଅସାଧାରଣ ବୃହତ ନ୍ୟୁକ୍ଲିୟସ ଥିବା ବିଶ୍ୱାସ କରାଯାଉଥିଲା ଯାହାର ଆନୁମାନିକ ବ୍ୟାସ ୨୭ ରୁ ୪୨ କିଲୋମିଟର। ୩୫ କିଲୋମିଟରର ମଧ୍ୟମ ମୂଲ୍ୟ ଗ୍ରହଣ କରି ଏବଂ ପ୍ରତି ସେଣ୍ଟିମିଟରରେ ୦.୬ ଗ୍ରାମର ଘନତା ଥିଲେ ଅନୁମାନ କରାଯାଇପାରେ ପିଣ୍ଡର ଆନୁମାନିକ ପରିମାଣ ୧.୩ ୧୦୧୯ ଗ୍ରାମ ଅଟେ।

ପେରିହେଲିଅନ୍ ପାସ୍ ପାଇଁ ହାଲେ -ବପ୍ ପାଇଁ ପୃଥିବୀ ଉପରେ ପ୍ରଭାବ ସମ୍ଭାବନା ହେଉଛି ୨.୫୪୧୦-୯, ଯାହା ଦୀର୍ଘ ସମୟର ଧୂମକେତୁ ପାଇଁ ଯଥେଷ୍ଟ। ଧୂମକେତୁର ଉଚ୍ଚ କକ୍ଷପଥ ୦.୯୯୫୧, ଏବଂ ପ୍ରବୃତ୍ତି ୮୯.୪୩° ହେତୁ ପ୍ରଭାବ ବେଗ ପ୍ରତି ସେକେଣ୍ଡରେ ୫୨.୯ କିଲୋମିଟର ହେବ । ଫଳସ୍ୱରୂପ ପ୍ରଭାବ ଶକ୍ତି ୪.୪ ବିଲିୟନ ମେଗାଟନ୍ TNT ସହିତ ସମାନ । ଆଷ୍ଟେରଏଡ ପ୍ରଭାବର ଆନୁମାନିକ ଶକ୍ତିର ପ୍ରାୟ ୪୪ ଗୁଣ ଯାହା ୬୫ ନିୟୁତ ବର୍ଷ ପୂର୍ବେ ଡାଇନୋସରମାନଙ୍କୁ ହତ୍ୟା କରିଥିଲା ବୋଲି କୁହାଯାଏ। ଏହିପରି ଏକ ଶକ୍ତିଶାଳୀ ପ୍ରଭାବ ପୃଥିବୀକୁ ସଂପୂର୍ଣ୍ଣ ରୂପେ ବିନାଶ କରିପାରେ, ଯାହାଦ୍ୱାରା ପୃଥିବୀର ସମସ୍ତ ଜୀବନ ବିଲୁପ୍ତ ହୋଇପାରେ । ସୌଭାଗ୍ୟବଶତଃ , ହାଲେ-ବପ୍ ପୃଥିବୀର ସୂର୍ଯ୍ୟଙ୍କ ଦୂର ପାର୍ଶ୍ୱରେ ପୃଥିବୀର କକ୍ଷପଥର ବିମାନ ଦେଇ ଯାଇଥିଲେ, ତେଣୁ ଏହାର ପ୍ରଭାବ ହେବାର କୌଣସି ସମ୍ଭାବନା ନଥିଲା । ହାଲେ -ବପ୍ ପରି ଧୂମକେତୁ ନ୍ୟୁକ୍ଲିୟର ପ୍ରଭାବ ମଧ୍ୟରେ ହାରାହାରି ସମୟ ମଧ୍ୟ ସୌର ପ୍ରଣାଳୀର ବୟସଠାରୁ ବହୁଗୁଣ ଅଧିକ ।

ଏହା ଧୂମକେତୁ ପ୍ରଭାବ ବିଷୟରେ ଏକ ଗୁରୁତ୍ୱପୂର୍ଣ୍ଣ ବିନ୍ଦୁକୁ ବର୍ଣ୍ଣନା କରେ । ଯଦିଓ ଧୂମକେତୁର ପ୍ରଭାବ ଅପେକ୍ଷା ଆଷ୍ଟେରଏଡ ପ୍ରଭାବ ଅଧିକ ବାରମ୍ବାର ହୋଇଥାଏ, ପୃଥିବୀର କକ୍ଷପଥ ଅତିକ୍ରମ କରୁଥିବା କିଛି ଧୂମକେତୁର ପୃଥିବୀ ନିକଟସ୍ଥ ନକ୍ଷତ୍ର ବା ଆଷ୍ଟେରଏଡ ଅପେକ୍ଷା ଯଥେଷ୍ଟ ବଡ଼ ଅଟେ । ଏହିପରି, ଧୂମକେତୁର ପୃଥିବୀ ଉପରେ ସବୁଠାରୁ ବଡ଼ ଏବଂ ବିନାଶକାରୀ ପ୍ରଭାବ ପଡ଼ିବାର ସମ୍ଭାବନା ଅଛି । ବୃହତ ନ୍ୟୁକ୍ଲିୟ ସହିତ ଅନ୍ୟ ଜଣାଶୁଣା ପୃଥିବୀକୁ ଅତିକ୍ରମ କରୁଥିବା ଧୂମକେତୁ ମଧ୍ୟରେ ହେଲି ଧୂମକେତୁ, ୧୬ ରୁ ୮ କିଲୋମିଟରବ୍ୟାସ ଏବଂ ଧୂମକେତୁ୧୦୯P / ସୁଇଫ୍ଟ-ଟାଟଲ୍, ପ୍ରାୟ ୨୩ -୩୦ କିଲୋମିଟର ବ୍ୟାସ ଥିବା ଧୂମକେତୁ ଅନ୍ତର୍ଭୁକ୍ତ।

ଦୀର୍ଘକାଳୀନ ଧୂମକେତୁର ଅବିଶ୍ରାନ୍ତ ପରିବର୍ତ୍ତନ (ଫ୍ଲକ୍ସ ଟାଇମ) ସମୟ ମଧ୍ୟ ଭିନ୍ନ ହୋଇପାରେ । ଯଦି କୌଣସି ତାରା ସୂର୍ଯ୍ୟଙ୍କ ନିକଟରେ ଓର୍ଟ କ୍ଲାଉଡ୍ ଦେଇ ଯିବା ପାଇଁ ବିଶେଷ ଭାବରେ ୧୦,୦୦୦ ଇଟରୁ କମ୍ ଦୂରତାରେ ଆସନ୍ତି, ତେବେ ତାରା ଗ୍ରହ ପ୍ରଣାଳୀରେ ଧୂମକେତୁ ର "ସାୱାର" ସୃଷ୍ଟି କରିପାରେ। ପୃଥିବୀର କକ୍ଷପଥ ଅତିକ୍ରମ କରୁଥିବା ଦୀର୍ଘକାଳୀନ ଧୂମକେତୁର ହାର ୨୦୦ ଗୁଣ ବୃଦ୍ଧି ପାଇପାରେ ଏବଂ ସଂପୂର୍ଣ୍ଣ ସାୱାର ପ୍ରାୟ ୨.୫ ନିୟୁତ ବର୍ଷ ପର୍ଯ୍ୟନ୍ତ ରହିବ । ସୌଭାଗ୍ୟବଶତଃ, ଏହିପରି ଘନିଷ୍ଠ ନକ୍ଷତ୍ରଗୁଡ଼ିକ ବିରଳ, ପ୍ରାୟ ୩୦୦ ନିୟୁତ ବର୍ଷରେ ଗୋଟାଏ ହୋଇପାରେ। ବୃହସ୍ପତି-ପରିବାର ଧୂମକେତୁ ପାଇଁ, ଧୂମକେତୁର ପ୍ରଭାବ ମଧ୍ୟରେ ହାରାହାରି ସମୟ ହେଉଛି ୨୮ ନିୟୁତ ବର୍ଷ । ହେଲି-ପ୍ରକାର ଧୂମକେତୁ ପାଇଁ, ଧୂମକେତୁର ପ୍ରଭାବ ମଧ୍ୟରେ ହାରାହାରି ସମୟ ହେଉଛି ୫୨୧ ନିୟୁତ ବର୍ଷ । ଧ୍ୟାନ ଦିଅନ୍ତୁ ଯେ ଉଭୟ ବୃହସ୍ପତି-ପରିବାର ଏବଂ ହେଲି-ପ୍ରକାର ଧୂମକେତୁ ପାଇଁ ପ୍ରଭାବ ବାରମ୍ବାରତା (ଫ୍ରିକ୍ୱେନ୍ସି) ଅଧିକ ହୋଇପାରେ ଯଦି ପ୍ରତ୍ୟେକ ଗୋଷ୍ଠୀର ଧୂମକେତୁ ଏପର୍ଯ୍ୟନ୍ତ ଆବିଷ୍କୃତ ସଦସ୍ୟ ନାହାଁନ୍ତି ।

ଧୂମକେତୁ ଗୁଡ଼ିକ ସୌର ପ୍ରଣାଳୀରେ ସବୁଠାରୁ ଆକର୍ଷଣୀୟ ଶରୀର ମଧ୍ୟରେ ଅଛି କାରଣ ଗ୍ରହ ଗଠନ ସମୟରେ ସେମାନେ ଭୌତିକ ଏବଂ ରାସାୟନିକ ସ୍ଥିତିର ଏକ ବ୍ରହ୍ମାଣ୍ଡ-ରାସାୟନିକ ରେକର୍ଡ ବଜାୟ ରଖିଛନ୍ତି । ଅଧିକାଂଶ ସୌର ପ୍ରଣାଳୀର ଇତିହାସରେ ସେଗୁଡ଼ିକ ସୂର୍ଯ୍ୟଠାରୁ ବହୁ ଦୂରରେ "ଶୀତଳ ଭଣ୍ଡାର" ରେ ରଖାଯାଇଥିଲା ଏବଂ ଏହିପରି ୪.୫୬ ବିଲିୟନ ବର୍ଷ ପୂର୍ବେ ସେମାନଙ୍କର ଆଦିମ ସ୍ଥିତିରୁ ଅପରିବର୍ତ୍ତିତ। ଧୂମକେତୁ ପୃଥିବୀ ଉପରେ ପ୍ରଭାବ ପକାଇପାରେ ଯାହା ଛୋଟ ବିପଦ ସୃଷ୍ଟି କରିପାରେ କିନ୍ତୁ ମହତ୍ତ୍ୱପୂର୍ଣ୍ଣ ଅଂଶ ଅଟେ ଏବଂ ଯେବେ ତାହା ପଡ଼ିବ ତାହା ଗତ ତିନି ବିଲିୟନ ବର୍ଷ ମଧ୍ୟରେ ପୃଥିବୀ ଉପରେ ସବୁଠାରୁ ବଡ ପ୍ରଭାବ ଭାବେ ଗଣାଯାଇପାରେ।

ପାଠକ ମାନଙ୍କର ଅନୁରୋଧ ରକ୍ଷା କରି ଧୂମକେତୁ ସମ୍ବନ୍ଧରେ ଯଥାର୍ଥ ତଥ୍ୟ ଦିଆଗଲା । ଆର ଥରକୁ ଏକ ନୂତନ ବିଷୟ ଆରମ୍ଭ କରିବା।

# ସଂସ୍କୃତି ସମ୍ରାଟ ରଜତ କୁମାର କର



ଡାକ୍ତର ଅଂଶୁମାନ କର
ଅନନ୍ୟ ନିକେତନ ଏନ୍-୧/ ୧୮୩, ଭୁବନେଶ୍ୱର
ମୋ: ୯୭୭୮୦୩୦୪୯୪

୨ ସେପ୍ଟେମ୍ବର,୧୯୩୩ ପବିତ୍ର ବାମନ ଜନ୍ମ, ଅନନ୍ତ ବ୍ରତ ଓ ସୁନିଆର ଅନନ୍ୟ ନକ୍ଷତ୍ରରେ ମାତା ଇନ୍ଦୁମତି ଦେବୀ ଓ ପିତା କୁଳମଣି କରଙ୍କ ବଂଶ ରକ୍ଷାକରି ବିଭୁକୃପାରୁ ଜନ୍ମ ଗ୍ରହଣ କଲେ ରଜତ କୁମାର କର । ଚାୟାଁପାଳର ଧୂଳି ଧୂସର ରାସ୍ତାରୁ ଆରମ୍ଭକରି କଟକ ସହରର ପକ୍କା ରାସ୍ତାରେ ନିଜର ଶୈଶବ କାଟି ବଢ଼ିଥିଲେ ଶ୍ରୀ କର । ଗୁରୁଦେବ ବିଛନ୍ଦ ଚରଣ ପଟ୍ଟନାୟକଙ୍କ ସାନ୍ନିଧ ଲାଭ କରି ଗୋଟେ ନିହାତି ଚଗଲା କିନ୍ତୁ ଖୁବ ପ୍ରତିଭାଶାଳୀ ରଜତ କୁମାର କର, ହୋଇଗଲେ ବାଗ୍ମୀ ରଜତ କୁମାର କର।

ପଲ୍ଲୀ ଠାରୁ ଦିଲ୍ଲୀ ପର୍ଯ୍ୟନ୍ତ ଚାକିରି କାର୍ଯ୍ୟରେ ହେଉ କିମ୍ବା ନିଜସ୍ୱ କାର୍ଯ୍ୟରେ ଯେତେବେଳେ ଯୁଆଡେ ଗଲେ ମନର ଏକ କୋଣରେ ସବୁବେଳେ ଚିନ୍ତା ଥାଏ ଜାତିୟ ସାଂସ୍କୃତିକ ଅଭ୍ୟୁଦୟର। ଆଜି ଓଡ଼ିଆ ଭାଷା ସାଂସ୍କୃତିକ ଭାଷାର ମର୍ଯ୍ୟାଦା ପାଇଛି, ଓଡ଼ିଶୀ ନୃତ୍ୟ ମଧ୍ୟ ଶାସ୍ତ୍ରୀୟ ମାନ୍ୟତା ପାଇଛି ମାତ୍ର ଆମର ଓଡ଼ିଶୀ ସଂଗୀତ ଆଜି ମଧ୍ୟ ଏହାର ପ୍ରାପ୍ୟ ସମ୍ମାନ ଓ ମାନ୍ୟତା ପାଇ ପାରିନି। କଳିଙ୍ଗ ଭାରତୀର ଭଞ୍ଜ ଜୟନ୍ତୀର ମଞ୍ଚରୁ ଗୁରୁ ସଂଯୁକ୍ତା ମହାପାତ୍ରଙ୍କ ଭଳି ଓଡ଼ିଶୀ କିମ୍ବଦନ୍ତୀ ନିଜର ନୃତ୍ୟ ଜୀବନ ଆରମ୍ଭ କରିଥିବା ବେଳେ ସେ ଦିନର ଅନେକ ସ୍ୱନାମଧନ୍ୟ ସଂଗୀତଜ୍ଞଙ୍କ ସମ୍ମାନର ମଞ୍ଚ ଥିଲା ଭଞ୍ଜ ମଣ୍ଡପ। ପଦ୍ମଶ୍ରୀ ଶ୍ୟାମାମଣି ଦେବୀଙ୍କ ଠାରୁ ଆରମ୍ଭ କରି କୈବଲ୍ୟକଣ୍ଠ ଅର୍ଜ୍ଜୁନ ସାମଲ ଓ ସଂଗୀତ ଗୋସେଇଁଙ୍କ ପର୍ଯ୍ୟନ୍ତ ଅନେକ ବିଶିଷ୍ଟ ସଙ୍ଗୀତଜ୍ଞଙ୍କୁ ପ୍ରେରଣା ଓ ମଞ୍ଚ ଦେଇ ରଜତ କୁମାର କର ଓ କଳିଙ୍ଗ ଭାରତୀ ଜାତି ଆଗରେ ଏହାର ସାଂସ୍କୃତିକ ସମ୍ପଦ ପ୍ରତି ଲୋକଙ୍କୁ ଅବଗତ କରୁଥିଲେ। ପରିଣତ ବୟସରେ ଶରୀର ପୀଡ଼ାକୁ ଭୃକ୍ଷେପ ନକରି ଦିଲ୍ଲୀରେ ଓଡିଶୀ ସଂଗୀତ ଓ ପାଲା ସଂସ୍କୃତିର ସମ୍ମାନ ଓ ସୁରକ୍ଷା ଲାଗି



(ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ)

ଅନେକ କାର୍ଯ୍ୟକ୍ରମରେ ଯୋଗ ଦେଲାବେଳେ ଦେଖିଛି ତାଙ୍କର ନିଃସ୍ୱାର୍ଥ ନିଷ୍ଠା । ନିଜର ସମ୍ମାନ ଓ ସ୍ୱାଭିମାନ ସହ ସାଲିସ କରୁନଥିବା ବ୍ୟକ୍ତିଟି ଜାତି ପାଇଁ ଅନେକ ତାଚ୍ଛଲ୍ୟକୁ ସହି କେବଳ ଭାଷାର ଉନ୍ନତି ଲାଗି ଚିନ୍ତା କରିବା, ପରିବାର ଠାରୁ ଅଧିକ ପରମ୍ପରାକୁ ଭଲ ପାଇବା ଓ ନିଜସ୍ୱ କ୍ଷତି ସହି ମଧ୍ୟ ଜାତିର ଲାଭ କଥା ଚିନ୍ତା କରିବା ଶ୍ରୀ କରଙ୍କୁ ଅନନ୍ୟ କରିଛି।

ସେଦିନ ଦିଲ୍ଲୀର ହୋଟେଲରୁ ରାଷ୍ଟ୍ରପତି ଭବନକୁ ଯିବାର ରାସ୍ତାରେ ଦେଖିଥିଲି "ପଦ୍ମଶ୍ରୀ" ପୁରସ୍କାର ଗ୍ରହଣ କରିବାକୁ ତାଙ୍କ ମନରେ ଯେଉଁ ଆଗ୍ରହ ଥିଲା , ତାଠାରୁ ଅଧିକ ଆଗ୍ରହ ଥିଲା ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଓଡ଼ିଶା ବିଷୟରେ କଣ କହିବେ । କଥା ଛଳରେ ପଚାରିଦେଲି " ତୁମେ କଣ ଆଉ କିଛି ଅଧିକ ଆଶା କରୁଛ କି ? "ନା ! ମୁଁ ଟିକେ ସମୟର ଉପଯୋଗ କରି ରାଷ୍ଟ୍ରର ନାୟକମାନଙ୍କୁ ଜାତି ଲାଗି କିଛି କହିବାକୁ ଚାହୁଁଛି । ମୋର ନିଜସ୍ୱ ବା କଣ , ସବୁ ସେଇ ପ୍ରଭୁ ଜଗନ୍ନାଥଙ୍କର ଇଚ୍ଛା" କହିଲେ ଶ୍ରୀ କର । ତାଙ୍କର ଇଚ୍ଛା ଥିଲା ଦୀର୍ଘ ୩୦ ବର୍ଷ ହେବ ଭଞ୍ଜ ମଣ୍ଡପକୁ ନେଇ ଲାଗି ରହିଥିବା ବିବାଦର ସମାଧାନ ଲାଗି ସେମାନଙ୍କୁ ଅନୁରୋଧ କରିବା। ଭଞ୍ଜଙ୍କୁ ପ୍ରତୀକ କରି ଓଡିଶାର ସ୍ୱାଭିମାନକୁ ଋଦ୍ଧିମନ୍ତ କରିବା ବିଷୟରେ ସେ ସଦା ଚିନ୍ତିତ ଥିଲେ। ସେ କହୁଥିଲେ "ଗୋଟେ ଜାତି ଯଦି ନିଜ ବରପୁତ୍ର ମାନଙ୍କ ସ୍ମାରକୀକୁ ସୁରକ୍ଷା ଦେଇ ପାରିବନି ତାହା ସେଇ ଜାତିର ଦୁର୍ଭାଗ୍ୟ, କିନ୍ତୁ ମୁଁ ହାର ମାନିନି କି ମୋ ଆଶା ମଉଳିନି ", ଶେଷ ନିଶ୍ୱାସ ପର୍ଯ୍ୟନ୍ତ ସେ ତାହା ହିଁ କଲେ । ୮୯ ବର୍ଷ ବୟସରେ ଗୋଟେ ୧୮ ବର୍ଷ ବୟସର ଯୁବକ ପରି ଅସାମାଜିକ ବ୍ୟକ୍ତି ଓ ସଂସ୍ଥା ମାନଙ୍କ ସହ ସିଂହ ପରି ଗର୍ଜନ କରି ଯୁଦ୍ଧ କରୁଥିଲେ ରଜତ କର।

କେଇ ଏକର ଜମି ଲାଗି ସେ ସଂଗ୍ରାମ ନଥିଲା, ସଂଗ୍ରାମ ଥିଲା ଐତିହାସିକ ସହର କଟକରେ ଓଡ଼ିଶାର ଲୁପ୍ତ ପ୍ରାୟ ସାହିତ୍ୟ ଓ ସଂସ୍କୃତିର ବାର୍ତ୍ତାବହ ମାନଙ୍କ ପରିଚୟ ପାଇଁ ,ସଂଗ୍ରାମ ଥିଲା ଭଞ୍ଜ ମଣ୍ଡପ ପାଇଁ। ନିଜସ୍ୱ କୀର୍ତ୍ତିର ଏକ ଶ୍ରେଷ୍ଠ ମୁହୂର୍ତ୍ତରେ ମଧ୍ୟ ଜାତି ଲାଗି ଭାବୁଥିବା ବ୍ୟକ୍ତି ଆଜିର ଦୁନିଆରେ ବିରଳ । ମାତ୍ର ରଜତ କରଙ୍କ କ୍ଷେତ୍ରରେ ଏହି ଜାତୀୟତାବୋଧ ବିରଳ ନୁହେଁ । ପିଲାଟି ଦିନରୁ ମା ଓ ପିଉସୀଙ୍କ ଠାରୁ ପୂଜାପାଠ ସବୁ ଶିଖି ଏକ ଆଧାତ୍ମିକ ଚେତନା ପ୍ରାପ୍ତ କରିଥିଲେ । ଶ୍ରୀ କରଙ୍କ ପୁରାଣ , ଉପନିଷଦ ଆଦି ଅଧ୍ୟୟନ ବାପାଙ୍କ ତତ୍ତ୍ୱାବଧାନରେ ସଂପୂର୍ଣ୍ଣ ହୋଇଥିଲା । ଗୁରୁ ବିଛନ୍ଦଙ୍କ ମାର୍ଗ ଦର୍ଶନରେ ଭଞ୍ଜ ସାହିତ୍ୟ ଓ ଅନ୍ୟାନ୍ୟ ସାହିତ୍ୟ ପ୍ରତି ଆଗ୍ରହ ବିଶେଷ ଭାବରେ ବଢ଼ି ଚାଲିଲା , ବିଶେଷ ଭାବରେ ରୀତି ଯୁଗୀୟ ସାହିତ୍ୟକୁ ଆଧାର କରି କଳିଙ୍ଗ ଭାରତୀର ଆନ୍ଦୋଳନର ସୁଯୋଗ୍ୟ ସୈନିକ ଓ ତା ପରେ ଏହାର ସେନାପତି ହୋଇଥିଲେ ।

୧୯୪୪ ମସିହାରେ ସ୍ଥାପିତ ହେଲା କଳିଙ୍ଗ ଭାରତୀ, ହୃଦାନନ୍ଦ ରାୟ ଓ ରଜତ କର ଥିଲେ ବିଛନ୍ଦ ଚରଣ ପଟ୍ଟନାୟକଙ୍କର ଦୁଇ ଆୟୁଧ । ଗୁରୁଙ୍କ ଆଦେଶରେ ରାଜ୍ୟ ସାରା ବୁଲି ବୁଲି ପ୍ରଚାର କରିଥିଲେ । ଏହି ପ୍ରଚାର କେବଳ ଭଞ୍ଜ ସାହିତ୍ୟରେ ସୀମିତ ହୋଇ ନଥିଲା , ଓଡ଼ିଶୀ ଛାନ୍ଦ , ଚମ୍ପୁ ,ନୃତ୍ୟ ,ପାଲା , ଦାଶକାଠିଆ ଆଦି ସଂସ୍କୃତିର ପ୍ରଚାର ପ୍ରସାର ମଧ୍ୟ କରାଯାଉଥିଲା। ଆସ୍କା ଠାରୁ ଆମେରିକା ପର୍ଯ୍ୟନ୍ତ ସେ ଦୀର୍ଘ ୬୫ ବର୍ଷରୁ ଊର୍ଦ୍ଧ୍ୱ ତାଙ୍କ ସାହିତ୍ୟ ଜୀବନର ଯାତ୍ରାରେ ଓଡ଼ିଆ ସାହିତ୍ୟ ସହ ଓଡ଼ିଆ ସଂସ୍କୃତି ଓ ପରମ୍ପରାର ପ୍ରଚାର ପ୍ରସାରରେ ବ୍ରତୀ ଥିଲେ। ଭୁବନେଶ୍ୱର ଠାରୁ ଆରମ୍ଭ କରି ଦିଲ୍ଲୀ ଦରବାର ପର୍ଯ୍ୟନ୍ତ ପାଲା ସଂସ୍କୃତିର ପୁନରୁଦ୍ଧାର ଲାଗି ସେ ଚେଷ୍ଟିତ ଥିଲେ। ଓଡ଼ିଶୀ ସଙ୍ଗୀତର ଲୁପ୍ତ ପ୍ରାୟ ୧୦୦୦ ରୁ ଊର୍ଦ୍ଧ୍ୱ ରାଗ ମାନଙ୍କ ସଂଧାନ କରି ଏହାର ଯଥୋଚିତ ବ୍ୟବହାର ଲାଗି ସେ ଅନେକ ପ୍ରସିଦ୍ଧ କଣ୍ଠଶିଳ୍ପୀ ମାନଙ୍କୁ ପ୍ରେରଣା ଦେଇ ଥିଲେ।

ଶିକ୍ଷା ବିଭାଗରେ କାର୍ଯ୍ୟ କରୁଥିବା ସମୟରେ ରାଜ୍ୟର ଭବିଷ୍ୟତ ପିଢ଼ିମାନଙ୍କ ପାଇଁ ଏକ ଅନ୍ତର୍ରାଷ୍ଟ୍ରୀୟ ପାଠ୍ୟକ୍ରମ ହେବା ସହ ପିଲାମାନେ ଜାତୀୟତା ବାଦରେ ଦୀକ୍ଷିତ ହେବା ତାଙ୍କର ଲକ୍ଷ୍ୟ ଥିଲା , ଠିକ ସେଇପରି ଭାବରେ ଆମ ସଂସ୍କୃତିକୁ ବଞ୍ଚାଇ ରଖୁଥିବା ପାଲା କଳାକାରଙ୍କ ପାଇଁ ତାଙ୍କର ଥିଲା ଏକ ବିଶେଷ ଅନୁକମ୍ପା । ପିଲାଟିଦିନୁ ମଧୁବାବୁଙ୍କୁ ନିଜର ଆଦର୍ଶ ମାନି ଏକ ସ୍ୱାଭିମାନୀ ଓଡ଼ିଆ ଭାବରେ ନିଜର ଜୀବନ ଅତିବାହିତ କରିଛନ୍ତି ଶ୍ରୀ କର । ତାଙ୍କର ଶେଷ ମଞ୍ଚସ୍ଥ ନାଟକ " ନିଷିଦ୍ଧ ନୀଳାଚଳ" ମଧୁ ବାବୁଙ୍କ ଜୀବନୀ ଉପରେ ଆଧାରିତ ଏକମାତ୍ର ନାଟକ । ସେଇ ନାଟକରେ ସେ କେବଳ ମଧୁ ବାବୁ ନୁହନ୍ତି ବରଂ ଓଡ଼ିଆ ପ୍ରଦେଶ ଆନ୍ଦୋଳନର ସମସ୍ତ ପ୍ରମୁଖ ସେନାନୀ ମାନଙ୍କୁ ମଞ୍ଚ ଉପରେ ନିଜ ଚରିତ୍ର ମାଧ୍ୟମରେ ଆଣି ଉପସ୍ଥିତ ଦର୍ଶକମାନଙ୍କୁ ଓଡିଆ ଇତିହାସର ଗୌରବମୟ ଅଧ୍ୟାୟ ପଢେଇବାକୁ ଏକ ଅନନ୍ୟ ଚେଷ୍ଟା କରିଥିଲେ । ଅନେକ ରଚନା ତାଙ୍କର ପ୍ରକାଶିତ ,ଆହୁରି ଅନେକ ଅଛି ଅପ୍ରକାଶିତ । ସେସବୁକୁ ସାଉଁଟିବା ବେଳେ ଯେବେ ତାଙ୍କ ଜୀବନ ଯାତ୍ରାକୁ ଦେଖୁଛି – ତାହା ଏକ ବିସ୍ମୟ ! ପରି ଲାଗୁଛି।

୬୨ ବର୍ଷ ହେବ ପ୍ରଭୁ ଜଗନ୍ନାଥଙ୍କ ରଥଯାତ୍ରାର ଘୋଷକ ହେବାର ଯେଉଁ ଅନନ୍ୟ କୀର୍ତ୍ତି ସେ ସ୍ଥାପନା କରିଛନ୍ତି, ସେଥିରେ ଟିକେ ହେଲେ ବି ଗର୍ବ ନଥିଲା ତାଙ୍କର । ଭଞ୍ଜଙ୍କ ଭାଷାରେ ସେ ମଧ୍ୟ କହିଥିଲେ "କ୍ଷୟ ତ ହେଲାଣି ପିଣ୍ଡ ..କ୍ଷିତି ଖ୍ୟାତିକୁ ସମର୍ପିଲି "। ଚାହିଁଥିଲେ ନିଜ ଭାଷଣ ଓ ଲେଖାରୁ ନିଜ ଲାଗି ଅନେକ ଐଶ୍ୱର୍ଯ୍ୟ ଆଣି ପାରିଥାନ୍ତେ , ମାତ୍ର ନିସ୍ୱାର୍ଥ ଭାବରେ ସେ ଜାତି ଲାଗି ଛାଡି ଯାଇଛନ୍ତି ଏକ ଅମୂଲ୍ୟ ସଂପତ୍ତି । ଓଡିଶାର ସାଂସ୍କୃତିକ, ସାହିତ୍ୟିକ ଓ ସାମାଜିକ ସ୍ୱାଭିମାନର ଏହି ଅଦ୍ୱିତୀୟ ବାଗ୍ମୀ ଓ ସାରସ୍ୱତ ସାଧକଙ୍କୁ ଆମର ଶ୍ରେଷ୍ଠ ସମ୍ମାନ ସେବେ ହେବ ଯେବେ ଆମେ ଗର୍ବରେ କହିବା "ଆମେ ଓଡ଼ିଆ". ଉପେନ୍ଦ୍ର ଭଞ୍ଜ 'କବି ସମ୍ରାଟ 'ପାଇଲେ ବିଛନ୍ଦଚରଣ ପଟ୍ଟନାୟକ ଓ କଳିଙ୍ଗ ଭାରତୀର ପରିଶ୍ରମ ଫଳରେ, ଆଉ ଏହି ଯାତ୍ରାରେ ଶ୍ରୀ କରଙ୍କ ଭୂମିକା ସର୍ବ ବିଦିତ, ମାତ୍ର ଏହି ଯାତ୍ରା କରୁ କରୁ ଜାତି ଯେ ଦିନେ ରଜତ କୁମାର କରଙ୍କୁ 'ସଂସ୍କୃତି ସମ୍ରାଟ'ର ସମ୍ମାନ ଦେବ ତାହା ଅତ୍ୟନ୍ତ ଆନନ୍ଦର ବିଷୟ।

# ମାନବ ସେବାରେ ବିଜ୍ଞାନ



ନିହାର ରଞ୍ଜନ ଆଚାର୍ଯ୍ୟ
ପ୍ରତିଷ୍ଠାତା ଓ ସହକାରୀ ନିର୍ଦ୍ଦେଶକ, ଟ୍ରଷ୍ଟ (ଏକ ବିଜ୍ଞାନ ପ୍ରଚାର ଅନୁଷ୍ଠାନ)
ବୈଜ୍ଞାନିକ ଅଫିସର,
ଭାରତୀୟ ଜଳବାୟୁ କଂଗ୍ରେସ
ଦୂରଭାଷ– ୮୨୪୯୭୭୫୮୧୭

ବର୍ତ୍ତମାନ ଯୁଗରେ ବିଜ୍ଞାନଠାରୁ ମଣିଷକୁ ଅଲଗା କରି ହେବ ନାହିଁ ! ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ପ୍ରତିକ୍ଷେତ୍ରରେ ବିଜ୍ଞାନ ମଣିଷର ଆବଶ୍ୟକତା ପୂରଣ କରୁଛି ! ମଣିଷର ସମୟ ଓ ଦୂରତ୍ୱକୁ ଏହା ହ୍ରାସ କରିଛି ! ମଣିଷ ଜୀବନରେ ଭରି ଦେଇଛି ସୁଖ ଓ ସମୃଦ୍ଧି ! ଅତୀତରେ ବଣଜଙ୍ଗଲରେ ବସବାସ କରୁଥିବା ମଣିଷକୁ ସାମ୍ପ୍ରତିକ ସ୍ଥିତିରେ ପହଞ୍ଚାଇବା କ୍ଷେତ୍ରରେ ଯଦି କାହାର ବିଶେଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥାଏ, ତେବେ ତାହା ହେଉଛି ବିଜ୍ଞାନର ! ତେଣୁ ବର୍ତ୍ତମାନ ଯୁଗକୁ ବିଜ୍ଞାନର ଯୁଗ କହିଲେ ଅତ୍ୟୁକ୍ତି ହେବ ନାହିଁ ! ବିଜ୍ଞାନ ବ୍ୟତିରେକ ମଣିଷ ସମ୍ପ୍ରତି ମୁହୁର୍ତ୍ତିଏ ମଧ୍ୟ ବଞ୍ଚିବା ଅସମ୍ଭବ ! ମଣିଷର ଜୀବନକୁ ଏହା ସମ୍ପୂର୍ଣ୍ଣ ବିବର୍ତ୍ତିତ କରିଦେଇଛି ! ଅବଶ୍ୟ ଏକଥା ମଧ୍ୟ ନିରାଟ ସତ୍ୟ ଯେ ମଣିଷ ହିଁ ବିଜ୍ଞାନର ଉଦ୍ଭାବନ କର୍ତ୍ତା ! ମାନବ ସେବା କ୍ଷେତ୍ରରେ ବିଜ୍ଞାନର ଅବଦାନକୁ ଭାଷାରେ ବର୍ଣ୍ଣନା କରିବା ସମ୍ଭବ ନୁହେଁ ! ସମଗ୍ର ବିଶ୍ୱର ସୁଖ ଓ କଲ୍ୟାଣ ସାଧନା ନିମନ୍ତେ ବିଜ୍ଞାନର ଗୁରୁତ୍ୱ ଅତୀବ ମହତ୍ତ୍ୱପୂର୍ଣ୍ଣ ! ଏହା ମଣିଷ ଜୀବନକୁ ସହଜ, ସୁନ୍ଦର ଓ ମୂଲ୍ୟବାନ କରିପାରିଛି ! ଅନ୍ୟ ଭାବରେ କହିଲେ, ମଣିଷ ବିଜ୍ଞାନର ଉଦ୍ଭାବନ କର୍ତ୍ତା ହେଲେ ହେଁ, ବର୍ତ୍ତମାନ ମଣିଷ ବିଜ୍ଞାନ ନିକଟରେ ନିଜକୁ ସମ୍ପୂର୍ଣ୍ଣ ବିକ୍ରି କରି ଦେଇଛି ! ସେଥିପାଇଁ ତା'ର ଅଭାବରେ ସେ ଗୋଟିଏ ମାତ୍ର ମୁହୂର୍ତ୍ତ ସମୟ ବିତାଇବା ପାଇଁ ସମ୍ପୂର୍ଣ୍ଣ ଅକ୍ଷମ !

ମାନବ ଜୀବନରେ ବିବିଧ କ୍ଷେତ୍ରରେ ବିଜ୍ଞାନର ଉପାଦେୟତା ସ୍ୱୀକାର୍ଯ୍ୟ ! ମଣିଷ ଜୀବନରେ ଏହା ସୁଖ ଓ ସନ୍ତୋଷ ଭରିଦେଇଛି ! ସ୍ୱପ୍ନକୁ କରିଛି ବାସ୍ତବ ! ଅତୀତରେ ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ଯିବାକୁ ହେଲେ ମଣିଷ ନିଜ ପାଦ କିମ୍ବା ଶଗଡ଼ ଗାଡିର ଆଶ୍ରୟ ନେଉଥିଲା ! ଏଥିପାଇଁ ତା'ର ବହୁତ ସମୟ ନଷ୍ଟ ହେଉଥିଲା ! କିନ୍ତୁ ବୈଜ୍ଞାନିକ ଆବିଷ୍କାର ଫଳରେ ଯୋଗାଯୋଗ ବ୍ୟବସ୍ଥା ସୁଗମ ହୋଇଛି ! ମୋଟର, ଟ୍ରେନ, ଓ ଉଡାଜାହାଜ ଖୁବ କମ ସମୟ ମଧ୍ୟରେ ମଣିଷକୁ ତା'ର ଲକ୍ଷ୍ୟ ସ୍ଥଳରେ ପହଞ୍ଚି ପାରୁଛି ! ବର୍ତ୍ତମାନ ଜଣେ ବ୍ୟକ୍ତି ତା'ର ମଧ୍ୟାହ୍ନ ଭୋଜନ ଦିଲ୍ଲୀରେ ଗ୍ରହଣ କରି ରାତ୍ରିଭୋଜନ ଲଣ୍ଡନରେ ଗ୍ରହଣ କରିବାରେ କୌଣସି ଅସୁବିଧା ନାହିଁ ! ତେଣୁ ସମୟ ଓ ଦୂରତ୍ୱ ଆଜି ଆଉ ମଣିଷ ଆଗରେ ପ୍ରତିବନ୍ଧକ ରୂପେ ଠିଆହୋଇନାହିଁ ! ଏହା ଯେ ସମ୍ପୂର୍ଣ୍ଣ ବିଜ୍ଞାନର ବାହାଦୂରି, ଏହା ଅସ୍ୱୀକାର କରାଯାଇନପାରେ ! ବାର୍ତ୍ତାପ୍ରେରଣ କ୍ଷେତ୍ରରେ ମଧ୍ୟ ଏହା ଆମର ଜୀବନଯାତ୍ରାକୁ ସୁଗମ କରିପାରିଛି ! ଗୋଟିଏ ସ୍ଥାନରୁ ଅନ୍ୟ ଏକ ଦୂର ସ୍ଥାନରେ ବାର୍ତ୍ତା ପହଞ୍ଚିବାକୁ ମାସାଧିକ କାଳ ଲାଗୁଥିଲା ! କିନ୍ତୁ ଏବେ ବିଜ୍ଞାନର ବିକାଶ ଫଳରେ, ବର୍ତ୍ତମାନ ରେଡ଼ିଓ, ଟେଲିଫୋନ, ଟେଲିଗ୍ରାମ, ହ୍ୱାଟସଆପ, ଏସ.ଏମ.ଏସ, ଫେସବୁକ, ମେସେଞ୍ଜର ଓ ଅନ୍ୟାନ ମାଧ୍ୟମରେ ଗୋଟିଏ ମୁହୂର୍ତ୍ତରେ ଯେକୌଣସି ବାର୍ତ୍ତା ପ୍ରେରଣ ସମ୍ଭବ ହେଉଛି ! ଏହା କେବଳ ବିଜ୍ଞାନ ଦ୍ୱାରା ସମ୍ଭବ ହୋଇଛି ! ଗ୍ରୀଷ୍ମ ଋତୁରେ ପ୍ରଖର ରୌଦ୍ରତାପରୁ ରକ୍ଷା ପାଇବା ପାଇଁ ବିଜ୍ଞାନ ଆମକୁ ଯୋଗାଇ ଦେଇଛି ପଙ୍ଖା, କୁଲର, ଏ. ସି. ଇତ୍ୟାଦି ଅତ୍ୟାଧୁନିକ ସୁବିଧା ସୁଯୋଗ ! ଜିନିଷ ସଂରକ୍ଷଣ ନିମନ୍ତେ ଆମେ ପାଇପାରୁଛୁ ଅଣ୍ଡାଘର, ଫ୍ରିଜ, ଇତ୍ୟାଦି ! ଶୀତଦିନେ ମଧ୍ୟ ହିଟର ବା' ଶୀତତାପ ନିୟନ୍ତ୍ରିତ ଘର ଯୋଗୁଁ ଥଣ୍ଡା ଓ ଗରମରୁ ରକ୍ଷା ପାଇପାରୁଛୁ ! ଗ୍ୟାସ ଓ ଅନ୍ୟାନ ରୋଷେଇ ସରଞ୍ଜାମ ଆମକୁ ସ୍ୱଳ୍ପ ସମୟ ମଧ୍ୟରେ ଖାଦ୍ୟ ଯୋଗାଇଦେଇପାରୁଛି ! ବିଭିନ୍ନ ଶିଳ୍ପ ପ୍ରତିଷ୍ଠା ଯୋଗୁଁ ଆମେ ବହୁ ପ୍ରକାର ଅତ୍ୟାବଶ୍ୟକ ଦ୍ରବ୍ୟ ସୁଲଭ ମୂଲ୍ୟରେ ପାଇପାରୁଛୁ ! ବିଜ୍ଞାନର ବିକାଶ ଯୋଗୁଁ ଅନେକ ଦୁରାରୋଗ୍ୟ ବ୍ୟାଧି ସହଜରେ ଭଲ ହୋଇ ପାରୁଛି ! ଏଥିପାଇଁ ବିଜ୍ଞାନ ଆମକୁ ବହୁ ଦୁର୍ମୂଲ୍ୟ ଔଷଧ, ଇଞ୍ଜେକ୍ସନ ଇତ୍ୟାଦି ପ୍ରଦାନ କରିଛି ! ଏକ୍ସ-ରେ ଦ୍ୱାରା ଶରୀର ମଧ୍ୟରେ ଥିବା ବିଭିନ୍ନ ରୋଗ ଆବିଷ୍କାର କରାଯାଇପାରୁଛି ! ନମନୀୟ ଅସ୍ତ୍ର ଚିକିତ୍ସା ଦ୍ୱାରା ବିକୃତ ଅଙ୍ଗକୁ ମଧ୍ୟ ସୁନ୍ଦର ଓ ବିଭିନ୍ନ ଅଙ୍ଗ ରୋପଣ ଓ ପ୍ରତିରୋପଣ ସମ୍ଭବ ହୋଇଛି ! ଅତୀତରେ ବସନ୍ତ ଓ ହଇଜା ଆମ ସମାଜରେ ଦେବୀର ଆସନ ଲାଭ କରିଥିଲେ ! ବିଜ୍ଞାନ ଏହାକୁ ରୋଗ ରୂପେ ପ୍ରମାଣ କରି ଔଷଧ ଦ୍ୱାରା ଏହାକୁ ବର୍ତ୍ତମାନ ସମ୍ପୂର୍ଣ୍ଣ ଦୂର କରିପାରିଛି ! ଏତଦ ବ୍ୟତୀତ ବହୁ ଦୁଃସାଧ୍ୟ ରୋଗ ସହଜରେ ଚିକିତ୍ସା କରାଯାଇ ଉପଶମ ହୋଇପାରୁଛି ! ମଣିଷର ସ୍ୱାସ୍ଥ୍ୟକୁ ରୋଗମୁକ୍ତ ଓ ସୁନ୍ଦର ରଖିବା ପାଇଁ ବିଜ୍ଞାନର ଅବଦାନ ସର୍ବାଦୌ ସ୍ମରଣୀୟ ! ଅନ୍ଧବିଶ୍ୱାସ, ଓ କୁସଂସ୍କାର ଦୂରୀକରଣ କ୍ଷେତ୍ରରେ ବିଜ୍ଞାନର ଭୂମିକା ମଧ୍ୟ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ! ବିଭିନ୍ନ ପ୍ରାକୃତିକ ଦୁର୍ବିପାକରୁ ବିଜ୍ଞାନ ମଣିଷକୁ ରକ୍ଷା କରିପାରୁଛି ! କୌଣସି ଦୁର୍ବିପାକ ଆରମ୍ଭ ହେବା ପୂର୍ବରୁ ଏହାର ପୂର୍ବସୂଚନା ବିଜ୍ଞାନ ଦେଇପାରୁଥିବାରୁ ମଣିଷ ନିଜକୁ ସତର୍କ କରିପାରୁଛି ! ମନକୁ ପ୍ରଫୁଲ୍ଲ ରଖିବା ପାଇଁ ଚଳଚିତ୍ର, ରେଡ଼ିଓ ଓ ଟେଲିଭିଜନ ଆଦିର ଉଦ୍ଭାବନ ହୋଇଛି ! ଦେଶର ଖାଦ୍ୟ ସମାସ୍ୟା ଦୂରୀକରଣ ପାଇଁ ଆମେ ବର୍ତ୍ତମାନ ବୈଜ୍ଞାନିକ ଉପାୟରେ କୃଷିକରି ପ୍ରଚୁର ଫସଲ ଉତ୍ପାଦନ କରିପାରୁଛୁ ! ବୁଦ୍ଧି ଓ ଜ୍ଞାନର ବିକାଶ ଘଟାଇ ମଣିଷ ମନ ମଧ୍ୟରେ ଥିବା ସଂକୀର୍ଣ୍ଣ ଚିନ୍ତାଧାରାକୁ ବିଜ୍ଞାନ ଦୂର କରିପାରିଛି ! ଆଜି ଆଉ ଚନ୍ଦ୍ର ଓ ମଙ୍ଗଳକୁ ମଣିଷ ଦେବତା ଭାବରେ ପୂଜା କରୁ ନାହିଁ ! ମଣିଷ ବିଜ୍ଞାନ ବଳରେ ଚନ୍ଦ୍ର ଓ ମଙ୍ଗଳ ଗ୍ରହରେ ପଦାର୍ପଣ କରିସାରିଲାଣି ! ଏବେ ସେଠାରେ ଉପନିବେଶ ସ୍ଥାପନ ପାଇଁ ଯୋଜନା ଚାଲିଲାଣି ! ବିଜ୍ଞାନଦ୍ୱାରା ପୃଥିବୀରେ ମଣିଷର ଜୀବନୀଶକ୍ତି ବୃଦ୍ଧି ପାଇଛି ! ଭାଗ୍ୟ ଓ ଭଗବାନଙ୍କ ଉପରେ ନିର୍ଭର କରି ମଣିଷ ଆଜି ଆତ୍ମସଚେତନା ଭାବରେ ନିଜର କର୍ମ ଉପରେ ବିଶ୍ୱାସ କରୁଛି ! ବୈଜ୍ଞାନିକ ଯନ୍ତ୍ରପାତିର ଉଦ୍ଭାବନ ଦ୍ୱାରା ମଣିଷର ପରିଶ୍ରମ ଯଥେଷ୍ଟ ହ୍ରାସ ପାଇଛି ! ଏକାଧିକ ମଣିଷର କାର୍ଯ୍ୟ ଗୋଟିଏ ମେସିନ କ୍ଷଣକ ମଧ୍ୟରେ କରିପାରୁଛି ! ଏହା ସତ୍ତ୍ୱେ ବିଜ୍ଞାନର କେତେକ ଅପକାର ମଣିଷ ଅଙ୍ଗେ ଲିଭାଇ ସାରିଲାଣି ! ବିଜ୍ଞାନ ଯେପରି ପ୍ରାଚୁର୍ଯ୍ୟ ଓ ବିଳାସଦ୍ୱାରା ମଣିଷର ଜୀବନକୁ ସୁଖମୟ କରିଛି, ସେହିପରି ତା'ର ଅକଲ୍ୟାଣକାର କାର୍ଯ୍ୟଦ୍ୱାରା ମାନବ ସଭ୍ୟତା ପାଇଁ ଏକ ଅଭିଶାପରେ ପରିଣତ ହୋଇଛି ! ଦୁଇ ଦୁଇଟି ବିଶ୍ୱଯୁଦ୍ଧରେ ମଣିଷ ପ୍ରତ୍ୟକ୍ଷ କରିଛି ବିଜ୍ଞାନର ଧ୍ୱଂସକାରୀ ଶକ୍ତିକୁ ! ସମଗ୍ର ବିଶ୍ୱକୁ ଗୋଟିଏ ମୁହୂର୍ତ୍ତରେ ଧ୍ୱଂସ କରିବାକୁ ବିଜ୍ଞାନ ବହୁ ମାରଣାସ୍ତ୍ର ମଣିଷ ହାତରେ ଧରାଇ ଦେଇଛି ! ଆଣବିକ ଅସ୍ତ୍ରଶସ୍ତ୍ରର ପ୍ରତିଯୋଗିତା ଯୋଗୁଁ ବିଶ୍ୱ ଏକ ଭୟଙ୍କର ଅନ୍ଧାର ଆଡକୁ ଛୁଟି ଚାଲିଛି ! କେଉଁ ମୁହୂର୍ତ୍ତରେ ଏହାର ଧ୍ୱଂସ ଦେବା ତାହା କେହି କହିପାରିବ ନାହିଁ ! ମୃତ୍ୟୁ ଚିନ୍ତା ମଣିଷକୁ ଏପରି ମ୍ରିୟମାଣ କରିଛି ଯେ ତା' ମନରୁ ଆନାନ୍ଦ ଉଲ୍ଲାସ ସମ୍ପର୍ଣ୍ଣ ଦୂରୀଭୂତ ହୋଇଯାଇଛି ! ପରମାଣୁ ଓ ଉଦଜାନ ବୋମା ମାନବ ସଭ୍ୟତାର ଧ୍ୱଂସ ପାଇଁ ସୃଷ୍ଟି ହୋଇଛି ! ଏହାର ସଂଯତ ପ୍ରୟୋଗ ହୋଇ ନପାରିଲେ, ବିଶ୍ୱର ସମ୍ପୂର୍ଣ୍ଣ ଭୂମି ଏକ ଶ୍ମଶାନରେ ପରିଣିତ ହୋଇଯିବ ! ଆଜି ତାରାକାଯୁଦ୍ଧ ମଣିଷକୁ ସଂଶୟ ଦୋଳାରେ ଦୋଳାୟିତ କରିଛି ! ତେଣୁ ବିଜ୍ଞାନ ମଣିଷ ମନରୁ ସ୍ନେହ, କ୍ଷମା, ଦୟା, ଓ ମାନବିକ ଗୁଣଗୁଡିକର ବିଲୋପ ଘଟାଇ ତା' ସ୍ଥାନରେ ଭରିଦେଇଛି ହିଂସା, ସ୍ୱାର୍ଥପରତା, ଓ ଅମାନବିକତା ଇତ୍ୟାଦି ଆସୁରିକ ଗୁଣ ! ଏହି ଦୃଷ୍ଟିରୁ ବିଜ୍ଞାନ ମଣିଷକୁ ଯେତେ ସୁଖସ୍ୱାଚ୍ଛନ୍ଦ୍ୟ ଦେଉଥିଲେ ମଧ୍ୟ ତା' ମନରେ ଶାନ୍ତି ଓ ପ୍ରୀତି ଭରିଦେଇପାରି ନାହିଁ !

ଅତଏବ, ମଣିଷର ପ୍ରୟୋଗ ଉପରେ ବିଜ୍ଞାନର ଉପକାର ଓ ଅପକାର ନିର୍ଭର କରେ ! ଯଦି ବିଜ୍ଞାନ ମଣିଷର ସାମଗ୍ରିକ ଅର୍ଥାତ ଶାରୀରିକ ଓ ମାନସିକ ଉଭୟ ବିକାଶରେ ଏହା ସହାୟତା କରିପାରିଲା, ତେବେ ମଣିଷର ପରମ ମିତ୍ର ରୂପେ ପରିଗଣିତ ହେବ, ଅନ୍ୟଥା ଏହା ଏକ ଧ୍ୱଂସର ସାଧନା ରୂପେ ପରମ ଶତ୍ରୁ ରୂପେ ପରିଗଣିତ ହେବ, ଏହା ନିଃସନ୍ଦେହ ! ମଣିଷ ସଦା ସର୍ବଦା ଚାହେଁ ଶାନ୍ତି ଓ ଆନନ୍ଦ ! ଯଦି ବିଜ୍ଞାନ ମଣିଷର ଏହି ଇଛାକୁ ପୂରଣ କରିବାରେ ସହାୟକ ହୁଏ, ତେବେ ସାର୍ଥକ ହେବ ତା'ର ଉଦ୍ଭାବନ ! ନଚେତ ମାନବ ଜାତିର ଇତିହାସରେ ଏହା ଏକ ଅଭିଶାପ ରୂପେ ଚିରଦିନ ନିନ୍ଦିତ ହେବ, ଏହା ନିଃସନ୍ଦେହ ଏକ ଧ୍ରୁବ ସତ୍ୟ !

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ



## ନାବାଳିକା ବିବାହ ନେଇ ବଢ଼ିଲା ଚର୍ଚ୍ଚା:ଟେର୍ ପାଉନି ବିଭାଗ

**ମହାକାଳପଡ଼ା, ନ୍ୟୁଜ୍ ବ୍ୟୁରୋ**

ମହାକାଳପଡ଼ା ବ୍ଲକର ବଙ୍ଗଭାଷାଭାଷୀ ଅଞ୍ଚଳରେ ନାବାଳିକା ବିବାହ ନେଇ ବିଭିନ୍ନ ସମୟରେ ଗଣମାଧ୍ୟମରେ ପ୍ରକାଶ ପାଉଛି । ଯେତିକି ସଂଖ୍ୟା ଲୋକଲୋଚନକୁ ଆସୁଛି ତାଠାରୁ ବହୁ ପରିମାଣରେ ଲୁଚାଛପାରେ ହେଉଥିବା ନେଇ ଗାଁ ଗହଳିରେ ଆଲୋଚନା ହେଉଛି । ତେବେ ଏହିପରି ଗୋଟିଏ ଖବର ଏବେ ବିଜୁଳି ବେଗରେ ମହାକାଳପଡ଼ାରେ ଆଲୋଚନା ହେଉଛି । ଘଟଣାର ସତ୍ୟାସତ୍ୟ ନେଇ ଏବଂ ସଠିକ୍ ଖବର ସଂଗ୍ରହ କରିବାକୁ ଯାଇ ଫେରିଛନ୍ତି ମହିଳା, ଶିଶୁବିକାଶ ବିଭାଗର ଅଧିକାରିଣୀ ଜଣକ । ତନ୍ତିଆପାଳ ସାମୁଦ୍ରିକ ଥାନା ଅଧୀନ ଏକ ଗ୍ରାମରେ ନାବାଳିକା ବିବାହ ହୋଇଥିବା ନେଇ ବିଭିନ୍ନ ମହଲରୁ ଶୁଣିବାକୁ ମିଳିଥିଲା । କୌଶଳ କ୍ରମେ ଘର ଲୋକ ଏ ଖବର ପାଇଲା ପରେ ଘଟଣାକୁ ଚାପି ଦେବାକୁ କିମ୍ବା ଘଟଣାର ମୋଡ଼ ବଦଳାଇବାକୁ ପ୍ରୟାସ ଆରମ୍ଭ ହୋଇଛି । ତେବେ ଏଭଳି ଘଟଣା କେମିତି ଘଟିଲା ? ଯଦି ପ୍ରକୃତରେ ନାବାଳିକା ବିବାହ ହୋଇଥାଏ, ଏଥିରେ କେଉଁ କେଉଁ ମାନେ ସମ୍ପୃକ୍ତି ଅଛନ୍ତି ତାର ତଦନ୍ତ ନିହାତି ଜରୁରୀ ବୋଲି ବୁଦ୍ଧିଜୀବୀ ମହଲରୁ ମତ ପ୍ରକାଶ ପାଉଛି । ଯେତେବେଳେ ନାବାଳିକା ବିବାହକୁ ରୋକିବାକୁ ମହିଳା ଓ ଶିଶୁ ବିକାଶ ବିଭାଗ ତରଫରୁ ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମ କରାଯାଉଛି, ସେତେବେଳେ ମହାକାଳପଡ଼ା ଅଞ୍ଚଳରେ ଏହା ବାରମ୍ବାର କେମିତି ଘଟୁଛି । ଏ ସମ୍ପର୍କରେ ମହାକାଳପଡ଼ା ସିଡ଼ିପିଓ କବିତା ମଲିକଙ୍କ ମତାମତ ଲୋଡ଼ିବାରୁ ତାଙ୍କର ଉତ୍ତର ଥିଲା ଆମେ ଖବର ପାଇଥିଲୁ । ତଦନ୍ତ କରିବାକୁ ଯିବା ପରେ କିଛି ପ୍ରମାଣ ମିଳିଲା ନାହିଁ ଆମେ ଫେରି ଆସିଲୁ ।

# ପାଟଣାରେ ବିଜେପିର ଶକ୍ତି ପ୍ରଦର୍ଶନ



**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ମୂଷାଖରି ପଞ୍ଚାୟତ ମଲ୍ଲିପଶିରୁ ଶନିବାର ଭାଜପାର ଏମ୍‌ପି ପ୍ରାର୍ଥୀ ଅନନ୍ତ ନାୟକ ଓ ପାଟଣା ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରାର୍ଥୀ ଅଖିଳ ଚନ୍ଦ୍ର ନାୟକ ଏକ ବିରାଟ ବାଇକ୍ ରାଲିରେ ୭କିମି ପର୍ଯ୍ୟନ୍ତ ରୋଡ୍ ଶୋ' ଶୋଭାଯାତ୍ରାରେ ଆସି ପଦ୍ମଫୁଲ ଚିହ୍ନରେ ଭୋଟ୍ ଦେଇ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଆଣିବାକୁ ଲୋକଙ୍କୁ ନିବେଦନ କରିଥିଲେ । ଏହାପରେ ପାଟଣା ବ୍ୟାଙ୍କ ଛକ ପଡ଼ିଆରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି । ଏଥିରେ ଭାଜପା ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମାଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଫଗନ ସିଂ କୁଲସ୍ତେ ଯୋଗଦେଇ ଓଡ଼ିଶାରେ ନବୀନ ପଟ୍ଟନାୟକ ସରକାରଙ୍କ ଉପରେ ଜନ ଆକ୍ରୋଶ ରହିଛି । ଏଣୁ ଏଥର ସରକାରର ପଟ ପରିବର୍ତ୍ତନ ହେଉଛି । ଏଥର ଉଭୟ କେନ୍ଦ୍ର ଓ ରାଜ୍ୟରେ ଡବଲ ଇଞ୍ଜିନ ଭାଜପା ସରକାର ପ୍ରତିଷ୍ଠା ହେବ । ଏଥିରେ ବିଜେପି ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ରାଜ୍ୟ ଆଦିବାସୀ ମୋର୍ଚ୍ଚା ଉପସଭାନେତ୍ରୀ ମମିତା ନାଏକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା କିରଣବାଳା ନାୟକ, ପୂର୍ବତନ ଜିଲ୍ଲା ସଭାପତି ରାଧାକାନ୍ତ ମହାନ୍ତ, ପୂର୍ବତନ ସାହାରପଡ଼ା ବ୍ଲକ ଅଧ୍ୟକ୍ଷ ଗୌତମ ନାୟକ, ଜିଲ୍ଲା ଭାଜପା ସମ୍ପାଦକ ହେମ ରଞ୍ଜନ ବାରିକ, ଜିଲ୍ଲା ସମ୍ପାଦକ ଲକ୍ଷ୍ମୀପ୍ରିୟା ପାତ୍ର, ସାଧାରଣ ସମ୍ପାଦକ ଅନୁବ୍ରତ ବେହେରା, ଜିଲ୍ଲା ଭାଜପା ଯୁବମୋର୍ଚ୍ଚା ସଭାପତି ସବୀର ଦାଶ ପ୍ରମୁଖ ଯୋଗ ଦେଇଥିଲେ । ଏହି ଅବସରରେ ବିଜେଡି ଛାଡ଼ି ଭାଜପାରେ ବିଭିନ୍ନ ଦଳର ନେତା ଯୋଗ ଦେଇଛନ୍ତି । ଏମାନଙ୍କ ମଧ୍ୟରେ ପରମେଶ୍ୱର ପୃଷ୍ଟି, କରୁଣା ସାଗର ଖଟୁଆ, ପାଟଣା ଲ୍ୟାମ୍ପ ଡାଇରେକ୍ଟର ପ୍ରକାଶ ସେଠୀ, ବିକାଶ କୁମାର ସେଠୀ, ଧୃତି ସୁନ୍ଦର ସେଠୀଙ୍କ ସହ ୫୦ରୁ ଊର୍ଦ୍ଧ୍ୱ ବିଜେଡି ନେତା ଭାଜପାରେ ଯୋଗଦେଇଥିଲେ । ବରିଷ୍ଠ ନେତା କମଳାକାନ୍ତ ଦାଶ, ଦୁର୍ଗାଚରଣ ଚରଣ ନାୟକ, ପ୍ରହଲ୍ଲାଦ ପଲେଇ, ସୋମବାରି ମୁଣ୍ଡା, ହରିଶ ମହାନ୍ତ, ସୁବ୍ରତ ଦ୍ୱିବେଦୀ, ଅଭୟ ବେହେରା ପ୍ରମୁଖ ଆଗ ଧାଡ଼ିର ନେତା ଯୋଗ ଦେଇଥିଲେ ।

# ବିଜେଡ଼ିରେ ଯୋଗଦେଲେ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ବହୁ ବିଜେପି କର୍ମକର୍ତ୍ତା

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀର ଶତାଧିକ ବିଜେପି କର୍ମୀ ଓ କର୍ମକର୍ତ୍ତା ଶଙ୍ଖଭବନ ଠାରେ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ର ଓ ଖଣ୍ଡପଡ଼ା ନିର୍ବାଚନ ମଣ୍ଡଳୀ ପର୍ଯ୍ୟବେକ୍ଷକ ତଥା ମୁଖପାତ୍ର ଅମିତ ମଲ୍ଲିକଙ୍କ ଉପସ୍ଥିତିରେ ବିଜେଡିରେ ଯୋଗ ଦେଇଛନ୍ତି । ଦଳରେ ସାମିଲ୍ ହୋଇଥିବା ସମସ୍ତ ବିଜେପି କର୍ମୀ ଓ କର୍ମକର୍ତ୍ତାଙ୍କୁ ଡକ୍ଟର ପାତ୍ର ଓ ଶ୍ରୀ ମଲ୍ଲିକ ଉପଢୌକନ ଦେଇ ଦଳକୁ ସ୍ୱାଗତ କରିଥିଲେ । ବିଜେପି କର୍ମୀଙ୍କ ଯୋଗଦାନ ଫଳରେ ବିଶେଷକରି ଖଣ୍ଡପଡା ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଆହୁରି ମଜଭୁତ ହେବ ବୋଲି ଡକ୍ଟର ପାତ୍ର ଓ ଶ୍ରୀ ମଲ୍ଲିକ କହିଥିଲେ । ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ବିଜେପି କର୍ମୀ ଓ କର୍ମକର୍ତ୍ତାମାନେ ନିଜ ନିଜ ପ୍ରତିକ୍ରିୟାରେ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟ, ସ୍ୱଚ୍ଛ ଶାସନ, ନିର୍ମଳ ଭାବମୂର୍ତ୍ତି ଓ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଧିବଦ୍ଧ ଭାବେ ବିଜେଡିରେ ଯୋଗଦେଲୁ । ନୂତନ ଓଡ଼ିଶା ଗଠନ ଦିଗରେ ମୁଖ୍ୟମନ୍ତ୍ରୀ ଆମକୁ ଯାହା ଦାୟିତ୍ୱ ଦେବେ ତାକୁ ସୁଚାରୁ ରୂପେ ତୁଲାଇବୁ । ଦଳରେ ଯୋଗ ଦେଇଥିବା ସମସ୍ତ ବିଜେପି କର୍ମୀଙ୍କୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ । ଏହି ମିଶ୍ରଣ ପର୍ବରେ ଉପସ୍ଥିତି ଥିଲେ ଖଣ୍ଡପଡା ନିର୍ବାଚନ ମଣ୍ଡଳୀର ବହୁ ବିଜେଡି ନେତା, ସେମାନେ ହେଲେ ଖଣ୍ଡପଡା ବ୍ଲକର ଉପାଧ୍ୟକ୍ଷ ଶିଶିର କୁମାର ସାହୁ, ଭାପୁର ବ୍ଲକର ଉପାଧ୍ୟକ୍ଷ ବେଣୁଧର ପ୍ରଧାନ, ବସନ୍ତ କୁମାର ମାଝୀ, ରାଜକିଶୋର ଦଳେଇ, ଦାସରଥି ଦାଶ, ବନମାଳି ନାୟକ, ରବୀନ୍ଦ୍ର କୁମାର ପ୍ରଧାନ ଓ ସଦାଶିବ ତ୍ରିପାଠୀ ଆଦି ପ୍ରମୁଖ । ଏହି ମିଶ୍ରଣ ପର୍ବରେ ବିଜେପି ଖଣ୍ଡପଡା ମଣ୍ଡଳ ସଭାପତି ସଞ୍ଜୟ କୁମାର ପ୍ରଧାନ, ଅଜୟ କୁମାର ନାୟକ, ପ୍ରକାଶ ମହାରଣା, ରବି ପଟ୍ଟନାୟକ, ମନୋଜ କୁମାର ବାରିକ, ଅଜିତ କୁମାର ଦାସ, ଅଶୋକ ଦଳବେହେରା, ବିନାୟକ ସ୍ୱାଇଁ, ଆଶୁତୋଷ ପ୍ରଧାନ, ସୌମ୍ୟରଞ୍ଜନ ପ୍ରଧାନ, ମନୁ ପ୍ରଧାନ, ବୀରସେନ ନାୟକ, ବିକାଶ ନାୟକ, ଜିତେନ୍ଦ୍ର ପ୍ରଧାନ, ବାସୁଦେବ ଦାସ, ବିଜୟ କୁମାର ବଗଡା, ପ୍ରଭାତ ସ୍ୱାଇଁ, ବିକାଶ ରଞ୍ଜନ ସ୍ୱାଇଁ, ବିନୋଦ କୁମାର ସ୍ୱାଇଁ, କିରଣ ରଞ୍ଜନ ସ୍ୱାଇଁ, ଦାସରଥି ବେହେରା, ମନୋଜ କୁମାର ବାରିକ, ଗୋପାଳ ସାମଲ, ବିଭୂତି ଭୂଷଣ ବେହେରା ଓ କାହ୍ନୁଚରଣ ଦାସଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ସନ୍ଥ ଗୋପବନ୍ଧୁ ଚୌଧୁରୀ ଥିଲେ ଗାନ୍ଧୀବାଦ୍‌ର ବିରଳ ପ୍ରୟୋଗଶାଳା

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ସ୍ୱାଧୀନତା ସଂଗ୍ରାମୀଙ୍କ ଅନ୍ତୁଡିଶାଳ ଅଳକା ଆଶ୍ରମ ପରିସରରେ ଏହାର ଅନ୍ୟତମ ପ୍ରତିଷ୍ଠାତା ତଥା ମୁଖ୍ୟ ବିନ୍ଧାଣି ଧୂଳିମାଟିର ସନ୍ଥ ଗୋପବନ୍ଧୁ ଚୌଧୁରୀଙ୍କ ୧୨୯ ତମ ଜୟନ୍ତୀ ନିରାଡମ୍ବର ଭାବରେ ଅତ୍ୟନ୍ତ ଶ୍ରଦ୍ଧାର ସହିତ ପାଳିତ ହୋଇଯାଇଛି । ଅଳକା ଆଶ୍ରମ ପରିଚାଳନା କମିଟିର ସଭାପତି ଗୌରାଙ୍ଗ ଚରଣ ହୋତାଙ୍କ ଅଧ୍ୟକ୍ଷତାରେ ଶ୍ରଦ୍ଧାଞ୍ଜଳି ସଭାରେ ଅନେକ ବିଶିଷ୍ଟ ବ୍ୟକ୍ତିତ୍ୱ, ଯୁବ ତଥା ବୁଦ୍ଧିଜୀବୀ ଯୋଗଦେଇ ଉତ୍କଳ ଗାନ୍ଧୀଙ୍କୁ ଭାବ ବିହ୍ୱଳ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି । ତ୍ୟାଗ ଓ ତିତିକ୍ଷାର ବିରଳ ଉଦାହରଣ ଗୋପବାବୁ ଗାନ୍ଧୀବାଦକୁ ନିଜ ଜୀବନରେ ପ୍ରୟୋଗ କରି ସମ୍ପୂର୍ଣ୍ଣ ଦେଶରେ ଏକ ବିରଳ ଉଦାହରଣ ସୃଷ୍ଟି କରିଯାଇଛନ୍ତି ବୋଲି ଅତିଥିମାନେ ତାଙ୍କ ସ୍ମୃତିଚାରଣ ବାର୍ତ୍ତାରେ ବର୍ଣ୍ଣନା କରିଥିଲେ । ସମାଜସେବୀ ବିନାୟକ ପଟ୍ଟନାୟକ, ବଂଶୀଧର ଆଚାର୍ଯ୍ୟ, ବିଜୟ କୁମାର ପତି, ମହମ୍ମଦ ମନସୁର ଅଲ୍ଲୀ, ଶିକ୍ଷାବିତ ପ୍ରକାଶ ରଞ୍ଜନ ଦାସ ପ୍ରମୁଖ ସ୍ମୃତି ଚାରଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଡଃ ସୁରେନ୍ଦ୍ର ନାଥ ତ୍ରିପାଠୀ ପ୍ରାରମ୍ଭିକ ସମ୍ଭାଷଣ ରଖିଥିବା ବେଳେ ଲୋଚନା କୁମାରୀ ଦେଇ, ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରମେଶ ଚନ୍ଦ୍ର ଦାସ, ଭଗବାନ ଦାସ, ଉତ୍କଳ ରଞ୍ଜନ ମହାନ୍ତି, ପ୍ରତାପ କୁମାର ଲେଙ୍କା, ପ୍ରତାପ କେଶରୀ ରାୟ, ସୁଚିତ୍ରା ବାଳା ମହାରଣା, ସବିତା ରାୟ, ଲାଲା ସଂଗ୍ରାମ କେଶରୀ ରାୟ, ସୋମନାଥ ମହାରଣା, ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଜୟ କୁମାର ରଥ, ସୁଭାଷ ଚନ୍ଦ୍ର ରାଉତ, ଜ୍ୟୋତି ରଞ୍ଜନ ପ୍ରଧାନ ତଥା ଅନୁଷ୍ଠାନର ଅନ୍ୟ ସଦସ୍ୟମାନେ ପରିଚାଳନା କରିଥିଲେ । ଅଳକା ଆଶ୍ରମର ଶତବାର୍ଷିକୀ ସମୟରେ ଏହି ଐତିହାସିକ ଅନୁଷ୍ଠାନର ପୁନରୁଦ୍ଧାର କରାଯାଇ ଗୋପବନ୍ଧୁ ଚୌଧୁରୀ ଓ ତାଙ୍କ ସହକର୍ମୀମାନଙ୍କ ତ୍ୟାଗପୂତ ଜୀବନ ଦର୍ଶନକୁ ପାଥେୟ କରି ଉତ୍ତର ପିଢିକୁ ଉଚିତ୍ ମାର୍ଗଦର୍ଶନ ଦେବାପାଇଁ ଅନୁଷ୍ଠାନଟି ନିଶାମୁକ୍ତ ଯୁବଶକ୍ତି, କୌଶଳ ବିକାଶ କାର୍ଯ୍ୟକ୍ରମ ତଥା ବିଭିନ୍ନ ନାଗରିକ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆ ଯିବା ସହିତ ଜଗତସିଂହପୁର ମାଟିର ସମସ୍ତ ମହାମନୀଷୀଙ୍କ ଜୟନ୍ତୀକୁ ଅତ୍ୟନ୍ତ ଶ୍ରଦ୍ଧାର ସହିତ ପାଳନ କରି ଆମ ଐତିହ୍ୟ ଓ ପରମ୍ପରାକୁ ଯୁବ ପିଢିଙ୍କ ପାଖରେ ଉଜ୍ଜୀବିତ ରଖିବା ପାଇଁ ଏହି ଅନୁଷ୍ଠାନ ପ୍ରତିବଦ୍ଧିତ ବୋଲି ଆବାହକ ଦେବେନ୍ଦ୍ର ନାଥ ରାଉତ ପ୍ରକାଶ କରିଛନ୍ତି ।

# ସୋଆରେ ଅକ୍ଷି ମୁଠି ଅନୁକୂଳ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**



ଶିକ୍ଷା ଓ ଅନୁସନ୍ଧାନ (ସୋଆ) ବିଶ୍ୱ ବିଦ୍ୟାଳୟ ଅଧୀନସ୍ଥ କୃଷି ମହାବିଦ୍ୟାଳୟ ପକ୍ଷରୁ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଅକ୍ଷି ମୁଠି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନୂଆଗାଁ ସ୍ଥିତ ଆଇଏନ୍ଏସ୍ ଫାର୍ମରେ ଅନୁଷ୍ଠିତ ଏହି ଉତ୍ସବରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃଷି ଭିତ୍ତିକ ପର୍ବ ଅକ୍ଷୟ ତୃତୀୟାର ତାତ୍ପର୍ଯ୍ୟ ସମ୍ବନ୍ଧରେ ସମ୍ୟକ୍ ଆଲୋକପାତ କରିଥିବା ବେଳେ ଆଇଏଏସ୍‌ର ଡିନ୍ ପ୍ରଫେସର ସନ୍ତୋଷ କୁମାର ରାଉତ କୃଷି ବିଜ୍ଞାନର ଅଗ୍ରଗତି ଓ କୃଷି ଭିତ୍ତିକ ଗବେଷଣାକୁ ନେଇ ବକ୍ତବ୍ୟ ରଖିଥିଲେ । ସେହିପରି ଦ୍ୱିତୀୟ ପର୍ଯ୍ୟାୟରେ ବିଂଝଗିରି ସ୍ଥିତ ସୋଆ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ କୃଷି ଗବେଷଣା କେନ୍ଦ୍ର (ଏଆର୍ଏସ୍)ରେ ଅକ୍ଷି ମୁଠି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଆଇଏଏସ୍ ଡିନ୍ ପ୍ରଫେସର ରାଉତ ଓ ଉପଦେଷ୍ଟା ପ୍ରଫେସର ବିଜୟ କୁମାର ସାହୁ ଯୋଗଦେଇଥିଲେ । ଏହି ଉଭୟ ଉତ୍ସବରେ ପ୍ରଫେସର ସରୋଜ ମହାନ୍ତି, ପ୍ରଫେସର ବିବୁଧ ପରାଶର, ଡକ୍ଟର ମନତୋଷ ବୈରାଗ୍ୟ ସମେତ ଫ୍ୟାକଲ୍ଟି, ଗବେଷଣାରତ ଛାତ୍ରଛାତ୍ରୀ, ଗବେଷଣା କର୍ମଚାରୀ ତଥା କୃଷକମାନେ ଯୋଗ ଦେଇଥିଲେ ।

## କଟକ ସଦରରେ କଂଗ୍ରେସର ଜୋର୍‌ଦାର ପ୍ରଚାର

**କଟକ ସଦର, ନ୍ୟୁଜ୍ ବ୍ୟୁରୋ**

ନିର୍ବାଚନ ଯେତେ ପାଖେଇ ଆସୁଛି ଭୋଟର ମାନଙ୍କ ମଧ୍ୟରେ ଉତ୍କଣ୍ଠା ସେତେ ବଢ଼ିବାରେ ଲାଗିଛି । ଏହି ପରିପ୍ରେକ୍ଷୀରେ କଟକ କଂଗ୍ରେସ ଲୋକସଭା ପ୍ରାର୍ଥୀ ସୁରେଶ ମହାପାତ୍ର କଟକ ସଦର ବିଧାୟକ ପାର୍ଥୀ ରାମଚନ୍ଦ୍ର ଗୋଛାୟତ କଟକ ସଦର ଅଞ୍ଚଳରେ ଜୋର୍‌ଦାର ନିର୍ବାଚନ ପ୍ରଚାର ଆରମ୍ଭ କରିଛନ୍ତି ସଦର ଅଞ୍ଚଳର ବିଭିନ୍ନ ପଞ୍ଚାୟତ ଓ ଗାଁ ବୁଲି ଲୋକ ମାନଙ୍କ ସମସ୍ୟା ଓ ସମାଧାନ ସମ୍ପର୍କରେ ଆଲୋଚନା କରିଥିଲେ । ପରେ ପରେ ଗଡମା ବଜାରରୁ ସ୍ୱାଗତ ସମ୍ବର୍ଦ୍ଧନା ଦେଇ ପ୍ରହରାଜପୁର ପଞ୍ଚାୟତର ବଡ଼ର୍ପି ବାବାଙ୍କ ପୀଠସ୍ଥଳୀକୁ ଯାଇ ଆଶୀର୍ବାଦ ନେଇଥିଲେ । ପରେ ପରେ ବିଭିନ୍ନ ଗ୍ରାମ ଓ ଛକରେ ଲୋକମାନେ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ଗ୍ରାମରେ ମହିଳା, ଯୁବକ, ଛାତ୍ରଛାତ୍ରୀ ମାନଙ୍କୁ ଭେଟି ସେମାନଙ୍କର ସମସ୍ୟା ବିଷୟରେ ବୁଝିଥିଲେ । କଂଗ୍ରେସର ବିଭିନ୍ନ ଗ୍ୟାରେଣ୍ଟି ବିଷୟରେ ଗ୍ରାମର ମୁରବୀ ଓ ସ୍ଥାନୀୟ ଲୋକମାନଙ୍କୁ ଅବଗତ କରିବା ସହିତ ହାତ ଚିହ୍ନ ସପକ୍ଷରେ ମତଦାନ କରିବାକୁ ରାମଚନ୍ଦ୍ର ଓ ସୁରେଶ ମହାପାତ୍ର ନିବେଦନ କରିଥିଲେ । ପରେ ମହିଳା, ଯୁବକ, ମୁରବୀ ଓ ସ୍ଥାନୀୟ ବାସିନ୍ଦାଙ୍କୁ ଭେଟି ସେମାନଙ୍କ ମୌଳିକ ସମସ୍ୟା ବିଷୟରେ ପଚାରି ବୁଝିଥିଲେ । ଏହି କାର୍ଯ୍ୟକ୍ରମରେ ଅଲମାସ ରାଗିବ୍, ନିରଞ୍ଜନ ଭୋଇ, ହାଜି ମହମ୍ମଦ ଅଫସର, ସୟଦ ଉମର ଫାରୁକ୍, ବାବୁଲାଲ ଭାଇ, ବସନ୍ତ କୁମାର ବେହେରା, ଶୟଦ ସରର ଅଲ୍ଲୀ, ଅସମତ ଅଲ୍ଲୀ ଖାନ, ଭୀମ ଦଳାଇ, ଶ୍ୟାମସୁନ୍ଦର ଭୋଇ, ଲତିପ ଖାନ, ବୁଲା ଭାଇ, ଚନ୍ଦ୍ରମଣି ସାହୁଙ୍କ ସମେତ ଶତାଧିକ କଂଗ୍ରେସ କର୍ମୀମାନେ ଯୋଗ ଦେଇଥିଲେ ।

# ବିଜୁ ଛାତ୍ର ଜନତା ଦଳର ବିରାଟ ସମାବେଶ




**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ବିଜୁ ଛାତ୍ର ଜନତା ଦଳ ଧର୍ମଶାଳା ତରଫରୁ ୫୪ ଗୋଟି ପଞ୍ଚାୟତକୁ ନେଇ ଧର୍ମଶାଳା ମହୋତ୍ସବ ପଡ଼ିଆରେ ଏକ ବିରାଟ ସମାବେଶ ଅନୁଷ୍ଠିତ ହୋଇଯାଇଛି । ପ୍ରତିକୂଳ ପାଗ ସତ୍ତ୍ୱେ ହଜାର ହଜାର ଛାତ୍ରମାନେ ପଡ଼ିଆର ଚାରିପଟୁ ବର୍ଷାରେ ଭିଜି ବାଇକ୍ ଶୋଭାଯାତ୍ରାରେ ଆସି ସଭାସ୍ଥଳରେ ପହଞ୍ଚିଥିଲେ । ଏହି ସଭାରେ ମୁଖ୍ୟ ଅତିଥି ଭାବେ ଯାଜପୁର ସାଂସଦ ଶର୍ମିଷ୍ଠା ସେଠୀ ଯୋଗଦେଇ ମୁଖ୍ୟମନ୍ତ୍ରୀ ଛାତ୍ରମାନଙ୍କ ପାଇଁ କରିଥିବା ଯୋଜନା ବିଷୟରେ କହିବା ସହିତ ଯୋଡ଼ି ଶଙ୍ଖରେ ଗୋଟିଏ ଏମଏଲଏଙ୍କ ପାଇଁ ଓ ଆଉ ଗୋଟିଏ ଏମପିଙ୍କ ପାଇଁ ଆଶୀର୍ବାଦ କରିବା ପାଇଁ ଅନୁରୋଧ କରିଥିଲେ । ଏହି ସଭାରେ ସମ୍ମାନିତ ଅତିଥି ଭାବରେ ଧର୍ମଶାଳାର ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଛାତ୍ର ସମାଜକୁ ସବୁଠୁ ବେଶୀ ଗୁରୁତ୍ୱ ଦେଇଥିବା କଥା ପ୍ରକାଶ କରିଥିଲେ ଏବଂ ଦିନ ଥିଲା ଅନେକ ମଧ୍ୟରୁ କିଛି ହାତ ଗଣତି ପିଲାଙ୍କୁ ଛାତ୍ର ବୃତ୍ତି ମିଳୁଥିଲା କିନ୍ତୁ ଚଳିତ ବର୍ଷ ସେହି ଯୋଜନାକୁ ବନ୍ଦ କରି ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତଙ୍କ ପାଇଁ ଛାତ୍ର ବୃତ୍ତି ଘୋଷଣା କରିଥିଲେ ଏବଂ ୧୦ ହଜାର ଟଙ୍କା ଝିଅମାନଙ୍କ ପାଇଁ ଏବଂ ପୁଅ ମାନଙ୍କ ପାଇଁ ୯ ହଜାର ଟଙ୍କା ସାରା ଓଡ଼ିଶାରେ ଏକ ସୁଯୋଗ ଦେଇ ପିଲାମାନଙ୍କୁ ଆର୍ଥିକ ଅନାଟନରୁ ଦୂରେଇ ସେମାନଙ୍କୁ ପଢ଼ିବା ପାଇଁ ସୁଯୋଗ ଦେଇଥିଲେ । ଆମ ଧର୍ମଶାଳାରେ ଯେତୋଟି କଲେଜ୍ ଅଛି ସେଗୁଡ଼ିକୁ ୫ଟିରେ ରୁପାନ୍ତରିକରଣ କରାଯାଇଛି ଏବଂ ପ୍ରାୟତଃ ୯୫% ସ୍କୁଲକୁ ରିପାନ୍ତରିକରଣ କରାଯାଇଛି । ଛାତ୍ର ସମାଜର କ୍ରୀଡ଼ାରେ ଭିତ୍ତିଭୂମି ପାଇଁ ଷ୍ଟାଡିୟମ୍ ଏବଂ କଲେଜ ମାନଙ୍କରେ କ୍ରୀଡ଼ାର ଭିତ୍ତିଭୂମି ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ଯାହାକି କିଭଳି ଛାତ୍ର ସମାଜ ଆଗକୁ ବଢ଼ିପାରିବ ତାହାର ଉଦାହରଣ ୫ଟି ମାଧ୍ୟମରେ ସାରା ଭାରତରେ ଦିଗ୍‌ଦର୍ଶନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ । ଏତେ ବର୍ଷା ସତ୍ତ୍ୱେ ଛାତ୍ରମାନେ ଉପସ୍ଥିତ ଥିବାରୁ ବିଧାୟକ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ । ଏହି ସଭାକୁ ୪ଟି ଦିଗରୁ ବିଶାଳ ବାଇକ୍ ରାଲି ଆସିଥିଲା, ଗୋଟିଏ କୋଟପୁର ଖେଳ ପଡ଼ିଆରୁ, ଗୋଟିଏ ଧର୍ମଶାଳା ଭବନରୁ, ଗୋଟିଏ କୁଆଖିଆରୁ ଏବଂ ଅନ୍ୟଟି ମର୍ଜିତାପରରୁ । ଏହି ସଭାରେ ସଭାପତିତ୍ୱ କରିଥିଲେ ସୌମ୍ୟପ୍ରକାଶ ବିଶ୍ୱାଳ (ଛାତ୍ର ସଭାପତି ଯାଜପୁର ଜିଲ୍ଲା) ଏବଂ ପରିଚାଳନା କରିଥିଲେ ଧର୍ମଶାଳା ବ୍ଲକ୍ ସଭାପତି ଜଗଦାନନ୍ଦ ରାଉତ ଏବଂ ସମସ୍ତ କାର୍ଯ୍ୟର ତଦାରଖ କରୁଥିଲେ ଧର୍ମଶାଳା ବ୍ଲକ୍ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ।

# ଭଙ୍ଗା ପରିବାରକୁ ଯୋଡ଼ିଲେ ବିଚାରପତି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**



କେନ୍ଦ୍ରାପଡା ପରିବାର ଅଦାଲତରେ ସ୍ୱାମୀ ସ୍ତ୍ରୀଙ୍କ ମନୋମାଳିନ୍ୟ ଏକ ମାମଲାର ସମାଧାନ କରି ବିଚାରପତି ବିକାଶ ଚନ୍ଦ୍ର ଦେ ଏକ ଭଙ୍ଗା ପରିବାରକୁ ପୁନର୍ବାର ଯୋଡିଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାଇ ଆଳି ଥାନା ଅନ୍ତର୍ଗତ କୋଡ ମରେଇ ଗ୍ରାମର ଧିରେନ୍ଦ୍ର ନାଥ ମହାନ୍ତିଙ୍କ ପୁଅ ସିଦ୍ଧାର୍ଥ ମହାନ୍ତି ୨୦୨୨ ମସିହାରେ ଯାଜପୁର ଜିଲ୍ଲା ନିବାସୀ ସ୍ୱର୍ଗ ଶ୍ରୀନିବାସ ମହାନ୍ତିଙ୍କ କନ୍ୟା ତେଜସ୍ୱିନୀ ମହାନ୍ତିଙ୍କୁ ବିବାହ କରିଥିଲେ । ବିବାହର ମାତ୍ର ୧୭ ଦିନ ପରେ ମନୋମାଳିନ୍ୟ ହେବାରୁ ତେଜସ୍ୱିନୀ ବାପଘରକୁ ପଳାଇଥିଲେ । ଏନେଇ ସିଦ୍ଧାର୍ଥ ନିଜ ସ୍ତ୍ରୀକୁ ନେବାପାଇଁ ପରିବାର ଅଦାଲତରେ ଏକ ମାମଲା ରୁଜୁ କରିଥିଲେ । ବିଚାରପତି ଉଭୟ ସ୍ୱାମୀ ସ୍ତ୍ରୀକୁ ବୁଝାସୁଝା କରାଇ ପୁନର୍ବାର ତାଙ୍କ ଘରକୁ ପଠାଇଛନ୍ତି । ଆଇନଜୀବୀ ବିଚିତ୍ର କୁମାର ସାହୁ ମାମଲା ପରିଚାଳନା କରିବା ସହିତ ସମାଧାନରେ ସହଯୋଗ କରିଥିଲେ । ଆଇନଜୀବୀ ସେକ୍ ଅନସର ଅଲ୍ଲୀ ସମାଧାନ ସମୟରେ ଉପସ୍ଥିତ ଥିଲେ ।



## ଜହ୍ନାପଙ୍କ ଅଞ୍ଚଳରେ ପୋଲିସ ଓ ଆଇଆରବି ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ଥାନା ଜହ୍ନାପଙ୍କ ଫାଣ୍ଡି ଅନ୍ତର୍ଗତ ତେଲିବନ୍ଧ ଗ୍ରାମ ପଞ୍ଚାୟତର ତେଲିବନ୍ଧ, ଖୁଣ୍ଟବନ୍ଧ ପଞ୍ଚାୟତ ଅନ୍ତର୍ଗତ ଜହ୍ନାପଙ୍କ ଓ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଅନ୍ତର୍ଗତ ନାରାୟଣନଗର, ମାହାରସାହି ଏବଂ ଜଗତି ଆଦି ସମ୍ବେଦନଶୀଳ ଗ୍ରାମରେ ବୌଦ୍ଧ ପୋଲିସ୍ ଓ ଆଇଆରବି ପକ୍ଷରୁ ଫ୍ଲାଗ୍ ମାର୍ଚ୍ଚ ଅନୁଷ୍ଠିତ ହୋଇଯାଇଛି । ବୌଦ୍ଧ ଥାନା ଆଇଆଇସି ରିତ କୁମାର ମୁନୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଏବଂ ଜହ୍ନାପଙ୍କ ଫାଣ୍ଡି ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଅନୁଷ୍ଠିତ ଫ୍ଲାଗ୍ ମାର୍ଚ୍ଚରେ ବୌଦ୍ଧ ଥାନା ଓ ଜହ୍ନାପଙ୍କ ଫାଣ୍ଡିର ପୋଲିସ ଅଧିକାରୀ ଓ କର୍ମଚାରୀମାନଙ୍କ ସମେତ ଆଇଆରବି ଯବାନମାନେ ସାମିଲ୍ ହୋଇଥିଲେ । ଆସନ୍ତା ଲୋକସଭା ଓ ବିଧାନସଭା ନିର୍ବାଚନ ପରିପ୍ରେକ୍ଷୀରେ ସ୍ୱଚ୍ଛ ଓ ଅବାଧ ମତଦାନ ପାଇଁ ଜନସାଧାରଣଙ୍କୁ ସଚେତନ କରାଯାଇଥିଲା ।

# ମୌଳିକ ସୁବିଧାରୁ ବଞ୍ଚିତ ୧୦୨ ଆଦିବାସୀ ପରିବାର

**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

କେନ୍ଦୁଝର ଜିଲ୍ଲା ବାଂଶପାଳ ବ୍ଲକ ଅନ୍ତର୍ଗତ କୁଆଁର ପଞ୍ଚାୟତର ନିପୋ ଗ୍ରାମର ୧୦୨ ଆଦିବାସୀ ପରିବାର ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ହୋଇଥିବା ନେଇ ସମସ୍ତ ଗ୍ରାମବାସୀ ଶୁକ୍ରବାର ଜିଲ୍ଲାପାଳଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରିଛନ୍ତି । ଦେଶ ସ୍ୱାଧିନତାର ୭୬ବର୍ଷ ମଧ୍ୟରେ ଗ୍ରାମରେ ବିଦ୍ୟୁତ୍, ପାନୀୟ ଜଳ, ଲୋକେ ବାର୍ଦ୍ଧକ୍ୟ ଓ ବିଧବା ଭତ୍ତାରୁ ବଞ୍ଚିତ ହୋଇଛନ୍ତି । ନିପୋ ଗ୍ରାମ ଜାତୀୟ ରାଜପଥରୁ ଅଟର ୨ ଶହ ମିଟର ଦୂରରେ ଥିଲେ ହେଁ ଜିଲ୍ଲା ପ୍ରଶାସନର ଦୃଷ୍ଟି ଅଢୁଆଳରେ ଆଜିଯାଏ ରହିଥିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ତେବେ ୨୦୧୮ ମସିହାରେ ଗ୍ରାମର ମହିଳାମାନେ ବାଂଶପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପାନୀୟ ଜଳ ସମସ୍ୟା ନେଇ ଅଭିଯୋଗ କରିବା ପରେ ୫ ଲକ୍ଷ ଟଙ୍କାର ସୌରଚାଳିତ ପମ୍ପ ବସାଇବାକୁ ପ୍ରତିଶୃତି ଦେଇଥିଲେ । ଇତି ମଧ୍ୟରେ ମାର୍ଚ୍ଚ ମାସ ଏହା ବସାଇବାକୁ ସରପଞ୍ଚ କହିଥିଲେ । ମାତ୍ର ବିଗତ ୬ ବର୍ଷ ହେଲାଣି କୌଣସି ସୁବିଧା ଗ୍ରାମରେ ପହଞ୍ଚିନଥିବା ବାସିନ୍ଦା ଅଭିଯୋଗ କରିଛନ୍ତି । ୨୦୧୭ ମସିହା ଡିଡିଜୋଇ ମାଧ୍ୟମରେ ସୌରଶକ୍ତି ଯୋଗାଇ ଦେଇ ଯନ୍ତ୍ରାଂଶରେ କୌଣସି ତୃଟି ଦେଖାଦେଲେ ଟୋଲ୍‌ଫ୍ରିରେ ଯୋଗାଯୋଗ କରିବାକୁ କହିଥିଲେ । ବର୍ତ୍ତମାନ ତାହା ଅଚଳ ହୋଇପଡିଛି । ଟୋଲଫ୍ରି ନମ୍ବରରେ ଫୋନ୍ କଲେ କୌଣସି ଉତ୍ତର ନମିଳିବାରୁ ଅସନ୍ତୋଷ ବୃଦ୍ଧି ପାଉଛି । ତୁରନ୍ତ ବିଦ୍ୟୁତ୍, ସୌରଚାଳିତ ଆଲୋକ, ବସୁଧା ପାନୀୟଜଳ ସୁବିଧା ନପହଞ୍ଚିଲେ ଚଳିତବର୍ଷ ସାଧାରଣ ନିର୍ବାଚନରେ ବାସିନ୍ଦା ଭୋଟ୍ ବର୍ଜନ କରିବାକୁ ଚେତାବନୀ ଦେଇଛନ୍ତି । ଏ ନେଇ ଶୁକ୍ରବାର ପୂର୍ଣ୍ଣଚନ୍ଦ୍ର ମନ୍ତ୍ରୀ, ଡାଳିମ୍ବ ଦେହୁରୀ, ମସରା ମନ୍ତ୍ରୀ, ହଳଦୀ ମନ୍ତ୍ରୀ, ସାରୀ ମନ୍ତ୍ରୀ, ରଶ୍ମି ମନ୍ତ୍ରୀ, ସୁକେଶ ମନ୍ତ୍ରୀ, ଯୁଗଳ କିଶୋର ମହାନ୍ତ, ଇନ୍ଦାଇ ପରିହାଳା, ପେଟୁ ମନ୍ତ୍ରୀ, ସାବି ମନ୍ତ୍ରୀ ପ୍ରମୁଖ ଗ୍ରାମବାସୀ ଜିଲ୍ଲାପାଳଙ୍କୁ ଦାବି ପତ୍ର ପ୍ରଦାନ କରିଛନ୍ତି ।

# ବଲାଙ୍ଗୀର ସଂସଦୀୟ କ୍ଷେତ୍ରର ନିର୍ବାଚନ ଖର୍ଚ୍ଚ ସଂକ୍ରାନ୍ତରେ ପର୍ଯ୍ୟବେକ୍ଷକଙ୍କ ସମୀକ୍ଷା

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**



ସାଧାରଣ ନିର୍ବାଚନ ୨୦୨୪ ପରିପ୍ରେକ୍ଷୀରେ ସୁବର୍ଣ୍ଣପୁର ଜିଲ୍ଲା ଅନ୍ତର୍ଗତ ୧୦- ବଲାଙ୍ଗୀର ଲୋକସଭା ସଂସଦ ଏବଂ ୬୪- ବୀରମହାରାଜପୁର ଓ ୬୫- ସୋନପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ନିମନ୍ତେ ନିର୍ବାଚନ ଖର୍ଚ୍ଚକୁ ନିରପେକ୍ଷ ଓ ସ୍ୱଚ୍ଛ ଭାବେ ପରିଚାଳନା କରିବା ଉପରେ ଭାରତ ନିର୍ବାଚନ କମିଶନଙ୍କ ଦ୍ୱାରା ୧୦-ବଲାଙ୍ଗୀର ଲୋକସଭା ସଂସଦୀୟ କ୍ଷେତ୍ର ସହ ଜିଲ୍ଲାର ଉଭୟ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ନିଯୁକ୍ତ ୧୦- ସଂସଦୀୟ କ୍ଷେତ୍ର ଖର୍ଚ୍ଚ ପର୍ଯ୍ୟବେକ୍ଷକ ବାକର ସ୍ୱପ୍ନିଲ ଶରଦ, ଆଇ.ଆର.ଏସ.ଙ୍କ ଅଧ୍ୟକ୍ଷତାରେ ନିର୍ବାଚନ ଖର୍ଚ୍ଚ ପରିଚାଳନାର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ଖର୍ଚ୍ଚ ପର୍ଯ୍ୟବେକ୍ଷକ ଜିଲ୍ଲା ପାଇଁ ନିୟୋଜିତ ବିଭିନ୍ନ କମିଟିର ନୋଡାଲ ଅଧିକାରୀ ତଥା ସଦସ୍ୟ ସଦସ୍ୟାଙ୍କ ସହ ଖର୍ଚ୍ଚ ପରିଚାଳନା ଉପରେ ବିସ୍ତୃତ ଆଲୋଚନା କରିବା ସହ ବର୍ତ୍ତମାନ ପର୍ଯ୍ୟନ୍ତ ନିଆଯାଇଥିବା ବିଭିନ୍ନ ପଦକ୍ଷେପର ସମୀକ୍ଷା କରିଛନ୍ତି । ଜିଲ୍ଲାପାଳ ସୁବର୍ଣ୍ଣପୁରଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ସେ ନିର୍ବାଚନ ପରିଚାଳନାରେ ସମ୍ପୃକ୍ତ ବିଭିନ୍ନ ନୋଡାଲ ଅଧିକାରୀ, ଫ୍ଲାଇଂ ସ୍କ୍ୱାର୍ଡ, ସି-ଭିଜିଲ, ପୋଲିସ, ଅବକାରୀ, ଆୟକର, ବିକ୍ରିକର ଅଧିକାରୀ ସହ ଗଣମାଧ୍ୟମ ନିରୀକ୍ଷଣ କକ୍ଷ ଏବଂ ଏମସିଏମସି ସେଲ୍, ପେଡ ନ୍ୟୁଜ୍ ଇତ୍ୟାଦି ଉପରେ ସମୀକ୍ଷା କରିଥିଲେ । ପ୍ରାର୍ଥୀଙ୍କ ଖର୍ଚ୍ଚ ହିସାବ କଡ଼ାକଡ଼ି କରିବା ସହ ନିରପେକ୍ଷ ଭାବରେ ନିର୍ବାଚନ ପରିଚାଳନା କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ଅବକାରୀ ଅଧିକାରୀଙ୍କୁ ମଦ ଗଞ୍ଜେଇର ଅବାଧ ବିକ୍ରି ଏବଂ ଚାଲାଣ ଉପରେ ତୀକ୍ଷ୍ଣ ନଜର ରଖିବା ପାଇଁ କହିଥିଲେ । ପୋଲିସ ଅବକାରୀ ଏବଂ ଜଙ୍ଗଲ ବିଭାଗ ମିଳିତ ଚଢଉ କରାଯାଉ ବୋଲି ସେ ନିର୍ଦ୍ଦେଶ ଦେଇଥିଲେ । ନିର୍ବାଚନରେ ନିଶା କାରବାର ଓ ଟଙ୍କାର ବେଆଇନ୍ ବ୍ୟବହାର ରୋକିବାକୁ ବିଭିନ୍ନ ସ୍ଥାନରେ ପୁଲିସ ଓ ଅବକାରୀ ବିଭାଗ ପକ୍ଷରୁ ବେରିକେଡିଂ କରି ମିଳିତ ଯାଞ୍ଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଜଙ୍ଗଲ ମଧ୍ୟରେ ଯେପରି ଦେଶୀ ମଦ ରନ୍ଧା ନହେବ ଏବଂ ଗଞ୍ଜେଇ କାରବାର ନହୁଏ ସେଥିପ୍ରତି ଶୂନ୍ୟ ସହନଶୀଳ ହେବା ପାଇଁ ଜଙ୍ଗଲ ଅଧିକାରୀଙ୍କୁ କହିଥିଲେ । ଜିଲ୍ଲାର ଲୀଡ ବ୍ୟାଙ୍କ ମ୍ୟାନେଜର ଏବଂ ଅନ୍ୟାନ୍ୟ ବ୍ୟାଙ୍କ ମ୍ୟାନେଜର ମାନଙ୍କୁ ଏକ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ନେଣଦେଣ ଉପରେ ତୀକ୍ଷ୍ଣ ନଜର ରଖିବା ସହିତ ପ୍ରାର୍ଥୀ ମାନଙ୍କ ଆକାଉଣ୍ଟ କାରବାର ଉପରେ ଧ୍ୟାନ ଦେବା ପାଇଁ କହିଥିଲେ । ଏହା ସହ ପର୍ଯ୍ୟବେକ୍ଷକ ଏମସିଏମସି କକ୍ଷ ପରିଚାଳନା ଅଧିକାରୀ ମାନଙ୍କୁ ପେଡ଼ ନ୍ୟୁଜ୍, ପୋଷ୍ଟର, ବେନର ପ୍ରିଣ୍ଟିଂ, ସୋସିଆଲ ମିଡ଼ିଆ ଉପରେ ନଜର ରଖିବାକୁ କହିଥିଲେ ।

## ବାଇକ୍ ଧକ୍କାରେ ବୃଦ୍ଧ ଗୁରୁତର

**ବୌଦ୍ଧ, ନ୍ୟୁଜ୍ ବ୍ୟୁରୋ**

ବୌଦ୍ଧ ମର୍ଜାକୁଦ ମହାନଦୀ ସେତୁ ଉପରେ ଚାଲି ଚାଲି ଆସୁଥିବା ଜଣେ ବୃଦ୍ଧଙ୍କୁ ଏକ ବାଇକ୍ ଧକ୍କା ଦେବା ଫଳରେ ବୃଦ୍ଧ ଜଣକ ଗୁରୁତର ଆହତ ହୋଇଥିବା ଜଣାପଡିଛି । ମିଳିଥିବା ସୂଚନା ଅନୁଯାୟୀ ମର୍ଜାକୁଦର ନିରଞ୍ଜନ ସେଠୀ କୌଣସି କାମରେ ଚାଲି ଚାଲି ବୌଦ୍ଧ ଆଡକୁ ଆସୁଥିବା ବେଳେ ପଛରୁ ଆସୁଥିବା ଏକ ବାଇକ୍ ଧକ୍କା ଦେଇ ଚାଲି ଯାଇଥିଲା । ଫଳରେ ନିରଞ୍ଜନ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ଉଦ୍ଧାର କରି ପ୍ରଥମେ ବୌଦ୍ଧ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇ ପ୍ରାଥମିକ ଚିକିତ୍ସା କରାଯାଇଥିଲା । ଅବସ୍ଥା ଗୁରୁତର ଥିବା ହେତୁ ତାଙ୍କୁ ବୁର୍ଲା ଭୀମସାରକୁ ସ୍ଥାନାନ୍ତର କରାଯାଇଥିବା ଜଣାପଡିଛି ।

## କୃଷି ବିଜ୍ଞାନ କେନ୍ଦ୍ରରେ ଅକ୍ଷୟ ତୃତୀୟା ପାଳନ

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ରରେ ପବିତ୍ର ଅକ୍ଷୟ ତୃତୀୟା ପାଳନ ହୋଇଯାଇଛି । ଜିଲ୍ଲା ମୁଖ୍ୟ କୃଷି କାର୍ଯ୍ୟାଳୟ ଓ ଜିଲ୍ଲା ମୁଖ୍ୟ କୃଷି ବିଜ୍ଞାନ କେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟାଳୟରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମନୋଜ କୁମାର ଚାନ୍ଦଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଅକ୍ଷୟ ତୃତୀୟାରେ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ବୈଜ୍ଞାନିକ ଡ଼ଃ ଅରବିନ୍ଦ ଦାସ, ନାବାର୍ଡର ଡିଡିଏମ ଅଶୋକ କୁମାର ଆଚାର୍ଯ୍ୟ, ଉଦ୍ୟାନ କୃଷି ବିଭାଗର ସହକାରୀ ନିର୍ଦ୍ଦେଶକ ଦେବଦାସ ଦତ, ବ୍ଲକ କୃଷି ଅଧିକାରୀ ମନୋରଞ୍ଜନ ରାଉଳ, କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ତାପସ ରଞ୍ଜନ ସାହୁ, ପ୍ରଭଞ୍ଜନ ମିଶ୍ର, ନମିତା ମହାପାତ୍ର ପ୍ରମୁଖ ଉପସ୍ଥିତ ରହି କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଅକ୍ଷୟ ତୃତୀୟା ଉପଲକ୍ଷେ ପୂଜାର୍ଚ୍ଚନା କରି ହଳ ବୁଲାଇଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ବହୁ ଚାଷୀ ଯୋଗ ଦେଇଥିଲେ ।



# ଘରୋଇ କ୍ରିକେଟରେ ବଡ଼ ପରିବର୍ତ୍ତନ ଆଣିବ ବିସିସିଆଇ, ଦୁଇଟି ପର୍ଯ୍ୟାୟରେ ଖେଳାଯିବ ରଣଜୀ ଟ୍ରଫି

**ନୂଆଦିଲ୍ଲୀ**

ସମୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ଘରୋଇ କ୍ରିକେଟରେ କେତେକ ଗୁରୁତ୍ୱପୂର୍ଣ୍ଣ ଓ ବଡ଼ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଛି । ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବିସିସିଆଇ ସଚିବ ୨୦୨୪-୨୫ ଘରୋଇ ଋତୁ ପାଇଁ ଆପେକ୍ସ କାଉନ୍‌ସିଲ୍‌କୁ ତିନୋଟି ପ୍ରମୁଖ ସୁପାରିସ ପଠାଇଛନ୍ତି । ଟିମ୍ ଇଣ୍ଡିଆ ପାଇଁ ଅଲରାଉଣ୍ଡର ଶାର୍ଦ୍ଦୁଲ ଠାକୁର ଦେଇଥିବା ବୟାନ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଗତ ସିଜନ୍‌ରେ ମ୍ୟାଚ୍ ମଧ୍ୟରେ ପର୍ଯ୍ୟାପ୍ତ ସମୟ ବ୍ୟବଧାନ ନଥିବା ନେଇ ଠାକୁର ଅଭିଯୋଗ କରିଥିଲେ ଏବଂ ବିସିସିଆଇ ଏହାକୁ ଅତ୍ୟନ୍ତ ଗମ୍ଭୀରତାର ସହ ନେଇଥିଲା ।



ଖେଳାଳିଙ୍କ ମାନସିକ ଓ ଶାରୀରିକ ଆବଶ୍ୟକତାକୁ ବୁଝି ବୋର୍ଡ ଏବେ ରଣଜୀ ଟ୍ରଫିକୁ ଦୁଇଟି ପର୍ଯ୍ୟାୟରେ ବିଭକ୍ତ କରିଛି ଅର୍ଥାତ ଆସନ୍ତା ଋତୁରୁ ରଣଜୀ ଟ୍ରଫି ଦୁଇଟି ଭାଗରେ ଆୟୋଜନ କରାଯିବ । ଏବେ ରଣଜୀ ଟ୍ରଫି ଦୁଲୀପ ଟ୍ରଫି, ଇରାନୀ ଟ୍ରଫିରୁ ଆରମ୍ଭ ହେବ । ଏହା ଅଧୀନରେ ପ୍ରଥମ ପାଞ୍ଚଟି ଲିଗ୍ ମ୍ୟାଚ୍ ଖେଳାଯିବ ଏବଂ ଏହା ପରେ ପରବର୍ତ୍ତୀ ପର୍ଯ୍ୟାୟ ପୂର୍ବରୁ କିଛି ଦିନର ବ୍ୟବଧାନ ରଖାଯିବ । ଏହି ବ୍ୟବଧାନରେ ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫି, ବିଜୟ ହଜାରେ ଟ୍ରଫି ଭଳି ଧଳା ବଲ ଟୁର୍ଣ୍ଣାମେଣ୍ଟ ଖେଳାଯିବ । ଏସବୁ ସରିବା ପରେ ଅବଶିଷ୍ଟ ଦୁଇଟି ଲିଗ ରଣଜୀ ଟ୍ରଫି ଓ ନକ୍‌ଆଉଟ ମ୍ୟାଚ୍ ଖେଳାଯିବ ।

୨ୟ ପ୍ରସ୍ତାବ ହେଉଛି ୨୩ ବର୍ଷରୁ କମ୍ ସି.କେ. ନାୟୁଡୁ ଟ୍ରଫିରେ ଟସ୍ ଶେଷ କରିବାକୁ ଜୟ ଶାହା ଦେଇଥିବା ସୁପାରିସ ମଧ୍ୟରୁ ଗୋଟିଏ ଏବେ ଭ୍ରମଣକାରୀ ଦଳ ପ୍ରଥମେ ବ୍ୟାଟିଂ କରିବାକୁ ପସନ୍ଦ କରିବ ନା ବୋଲିଂ କରିବ ତାହାର ବିକଳ୍ପ ରହିବ ।

୩ୟ ପ୍ରସ୍ତାବ ହେଉଛି ଦୁଲୀପ ଟ୍ରଫି ଦଳକୁ ଏବେ ଆଞ୍ଚଳିକ ଚୟନକର୍ତ୍ତା ବଦଳରେ ଜାତୀୟ ଚୟନ କମିଟି ଚୟନ କରିବା ଉଚିତ ଆଉ ଏହି ନିୟମ କେବଳ ପୁରୁଷଙ୍କ ପାଇଁ ନୁହେଁ ବରଂ ମହିଳା ଖେଳାଳିଙ୍କ ପାଇଁ ମଧ୍ୟ ଲାଗୁ ହେବ । ଜାତୀୟ ଚୟନ ସମିତି ମଧ୍ୟ ଆସନ୍ତା ଋତୁରୁ ଆନ୍ତଃଜୋନାଲ ଟୁର୍ଣ୍ଣାମେଣ୍ଟ ପାଇଁ ଦଳ ଚୟନ କରିବ ।

# ଟିମ୍ ଇଣ୍ଡିଆର ନୂଆ ଜର୍ସିକୁ ଲଞ୍ଚ୍ କଲେ ରୋହିତ ଓ ଜୟ ଶାହ

**ନୂଆଦିଲ୍ଲୀ**

ବିସିସିଆଇର ସାଧାରଣ ସମ୍ପାଦକ ଜୟ ଶାହ ଓ ଟିମ୍ ଇଣ୍ଡିଆର ଅଧିନାୟକ ରୋହିତ ଶର୍ମା ଭାରତୀୟ କ୍ରିକେଟ ଟିମ୍‌ର ନୂଆ କିଟ୍ ଅନାବରଣ କରିଛନ୍ତି । ଅହମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଆୟୋଜିତ କାର୍ଯ୍ୟକ୍ରମରେ ଆସନ୍ତା ଟି-୨୦ ବିଶ୍ୱକପରେ ଭାରତୀୟ ଟିମ୍ ପିନ୍ଧିବାକୁ ଥିବା ଜର୍ସିକୁ ମଧ୍ୟ ଲଞ୍ଚ କରାଯାଇଛି ।

ନୂଆ କିଟ୍ ଓ ଜର୍ସି ଲଞ୍ଚ୍ କାର୍ଯ୍ୟକ୍ରମର ଭିଡିଓକୁ ବିସିସିଆଇ ତା'ର ସୋସିଆଲ ମିଡିଆ ଆକାଉଣ୍ଟରେ ପୋଷ୍ଟ କରିଛି । ପ୍ରଥମେ ରୋହିତ ଓ ଜୟ ଶାହ ଗୋଟିଏ ଜର୍ସିର କପଡ଼ାକୁ ଯାଞ୍ଚ କରିଥିଲେ । ଏହାପରେ ଆୟୋଜିତ କାର୍ଯ୍ୟକ୍ରମରେ ଜର୍ମାନ ସ୍ପୋର୍ଟସୱେର ଆଡିଡାସ୍ ପକ୍ଷରୁ ଭାରତୀୟ ଟିମ୍‌ର ସମସ୍ତ କିଟ୍ସ ଯଥା- ଟ୍ରେନିଂ କିଟ୍, କୋଚିଂ ଷ୍ଟାଫ କିଟ୍ ଓ ମୁଖ୍ୟ କିଟ୍‌କୁ ପ୍ରଦର୍ଶିତ କରାଯାଇଥିଲା ।




ଟି-୨୦ ବିଶ୍ୱକପରେ ଟିମ୍ ଇଣ୍ଡିଆ ପରିଧାନ କରିବାକୁ ଥିବା ଜର୍ସିର କିଛି ଝଲକ୍ ପୂର୍ବରୁ ହିଁ ଆଡିଡାସ ଫ୍ୟାନ୍ସଙ୍କୁ ଦେଇ ସାରିଥିଲା । ହେଲିକପ୍ଟର ଜରିଆରେ ଟି-୨୦ ବିଶ୍ୱକପ ଜର୍ସିକୁ ଧର୍ମଶାଳା ଷ୍ଟାଡ଼ିୟମରେ ରୋହିତ, କୁଳଦୀପ ଯାଦବ ଓ ରବୀନ୍ଦ୍ର ଜାଡ଼େଜାଙ୍କ ଉପସ୍ଥିତିରେ ଲଞ୍ଚ୍ କରାଯାଇଥିଲା ।

ଏହାକୁ କ୍ୟାପ୍ଟେନ ରୋହିତ ଓ ସମ୍ପାଦକ ଜୟ ଶାହ ବିଧିବଦ୍ଧ ଭାବେ ଲଞ୍ଚ୍ କରିଛନ୍ତି । ନୂଆ ଜର୍ସିର ହାତ ଓ ବେକରେ କମଳା ରଙ୍ଗର ଷ୍ଟ୍ରିପ ରହିଛି । ବଡି ଅଂଶଟି ବ୍ଲୁ ରଙ୍ଗର ଜର୍ସିରେ ଆଡିଡାସର ପ୍ରତୀକ ଓ କଲାରରେ ତ୍ରିରଙ୍ଗା ରହିଛି । ଏହି ଜର୍ସିକୁ ପିନ୍ଧି ଭାରତୀୟ ଟିମ ଟି-୨୦ ବିଶ୍ୱକପରେ ଟ୍ରଫି ପାଇଁ ଟକ୍କର କରିବ ।

ଆସନ୍ତା ଜୁନ ୨ରୁ ଆମେରିକା ଓ ୱେଷ୍ଟଇଣ୍ଡିଜରେ ଟି-୨୦ ବିଶ୍ୱକପ ଆରମ୍ଭ ହେବ । ଏଥିପାଇଁ ୧୫ ଜଣିଆ ଭାରତୀୟ ସ୍କ୍ୱାଡ୍ ଘୋଷଣା ହୋଇ ସାରିଛି । ରୋହିତ ଶର୍ମା ଅଧିନାୟକ ଓ ହାର୍ଦ୍ଦିକ ପାଣ୍ଡ୍ୟା ତାଙ୍କ ଡେପୁଟି ଭାବେ ବିଶ୍ୱକପରେ ନଜର ଆସିବେ ।

ଭାରତୀୟ ସ୍କ୍ୱାଡ୍: ରୋହିତ ଶର୍ମା (ଅଧିନାୟକ), ବିରାଟ କୋହଲି, ଯଶସ୍ୱୀ ଜୈସାଲ, ସୂର୍ଯ୍ୟ କୁମାର ଯାଦବ, ଶିବମ ଦୁବେ, ହାର୍ଦ୍ଦିକ ପାଣ୍ଡ୍ୟା (ଉପ ଅଧିନାୟକ), ଋଷଭ ପନ୍ତ, ସଞ୍ଜୁ ସାମସନ, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, କୁଲଦୀପ ଯାଦବ, ୟୁଜି ଚହଲ, ଯଶପ୍ରୀତ ବୁମ୍ରା, ଅର୍ଶଦୀପ ସିଂହ ଓ ମହମ୍ମଦ ସିରାଜ ।

ରିଜର୍ଭ ଖେଳାଳି: ଶୁବମନ ଗିଲ, ରିଙ୍କୁ ସିଂହ, ଖଲୀଲ ଅହମଦ ଓ ଆବେଶ ଖାନ ।

# ଟି -୨୦ ବିଶ୍ୱକପ୍ ପାଇଁ ଦଳ ଘୋଷଣା କଲା ନେଦରଲାଣ୍ଡସ

**ନୂଆଦିଲ୍ଲୀ**

ନେଦରଲାଣ୍ଡ୍ସ ୨୦୨୪ ଟି -୨୦ ବିଶ୍ୱକପ୍ ପାଇଁ ଦଳ ଘୋଷଣା କରିଛି । ଦଳ ସ୍କଟ ଏଡାର୍ଡସଙ୍କୁ ଅଧିନାୟକ କରିଛି । ଆର୍ଯ୍ୟନ ଦତ୍ତ ଏବଂ ବାସ୍ ଡି ଲିଡେ ମଧ୍ୟ ଦଳର ଏକ ଅଂଶ ନେଦରଲାଣ୍ଡ୍ସ ଚଳିତ ଥର ଅଭିଜ୍ଞ ଖେଳାଳି ତଥା ଯୁବ ଖେଳାଳିଙ୍କୁ ସୁଯୋଗ ଦେଇଛି । ହେଲେ ଅଲରାଉଣ୍ଡର ରୋଲଫ ୱାନ ଡେର୍ ମେରୱେ ଏବଂ କଲିନ ଆକ୍କର୍ମନଙ୍କୁ ସୁଯୋଗ ଦିଆଯାଇନାହିଁ ।

ଟି -୨୦ ବିଶ୍ୱକପ୍ ୨୦୨୪ ପାଇଁ ନେଦରଲାଣ୍ଡ୍ସ ଦଳ: ସ୍କଟ ଏଡାର୍ଡସ (ଅଧିନାୟକ / ୱିକେଟ୍ କିପର), ଆର୍ଯ୍ୟନ ଦତ୍ତ, ବାସ ଡି ଲିଡେ, ଡେନିଏଲ ଡୋରମ, ଫ୍ରେଡ କ୍ଲାସେନ, କାଇଲ କ୍ଲେନ, ଲେଗାନ ୱାନ ବେକ, ମ୍ୟାକ୍ସ ଓଡୋଡ, ମାଇକେଲ ଲେବିଟ, ପଲ ଭାନ ମେକିରେନ, ସାଇବ୍ରାଣ୍ଡ ଏଙ୍ଗେଲବ୍ରେକ୍ଟ, ତେଜା ନିଦାମନୁରୁ, ଟିମ ପ୍ରିଙ୍ଗଲ, ବିକ୍ରମ ସିଂ, ଭିଭ କିଙ୍ଗମା, ସେଲେ ବାରେସି ।



# ଚେନ୍ନାଇରେ ତିଆରି ହେବ ଧୋନିଙ୍କ ମନ୍ଦିର

**ନୂଆଦିଲ୍ଲୀ**

ଆଇପିଏଲ ୨୦୨୪ ପ୍ଲେଅଫ ଖେଳିବା ଦିଗରେ ଆଉ ଗୋଟିଏ ପାଦ ଆଗକୁ ବଢ଼ାଇଛି ଚେନ୍ନାଇ ସୁପର କିଙ୍ଗସ । ରବିବାର ଦଳ ଚେପକରେ ରାଜସ୍ଥାନକୁ ୫ ୱିକେଟରେ ହରାଇବା ପରେ ପଏଣ୍ଟ ଟେବୁଲର ୩ୟ ସ୍ଥାନରେ ପହଞ୍ଚିଯାଇଛି । ଚେପକରେ ଏହା ଚେନ୍ନାଇର ଶେଷ ଲିଗ୍ ମ୍ୟାଚ୍ ଥିଲା ।

ସେହିପରି ସମ୍ଭବତଃ ଦଳର ଆଇକନିକ ଖେଳାଳି ମହେନ୍ଦ୍ର ସିଂହ ଧୋନିଙ୍କର ମଧ୍ୟ ଏହା ଶେଷ ଆଇପିଏଲ ସିଜିନ । କାରଣ ୪୨ ବର୍ଷୀୟ ଥାଲା ପରବର୍ତ୍ତୀ ସିଜିନ ଖେଳିବେ କି ନାହିଁ, ସେକଥା ଜଣାପଡ଼ିନି । ମ୍ୟାଚ୍ ଜିତିବା ପରେ ଚେନ୍ନାଇ ମ୍ୟାନେଜମେଣ୍ଟ ପକ୍ଷରୁ ଖେଳାଳିଙ୍କୁ ପଦକ ଦିଆଯାଇଛି । କାରଣ ଚେପକରେ ଏହା ଚେନ୍ନାଇର ୫୦ତମ ବିଜୟ ଥିଲା । ଡିଫେଣ୍ଡିଂ ଚାମ୍ପିୟନ ଚେନ୍ନାଇ ୧୩ ମ୍ୟାଚ୍‌ରୁ ୧୪ ପଏଣ୍ଟ ସହ ପ୍ଲେଅଫର ଅତି ନିକଟରେ ପହଞ୍ଚିଯାଇଛି । ଦଳ ୧୮ ତାରିଖରେ ଆରସିବି ବିପକ୍ଷରେ ନିଜର ଶେଷ ଲିଗ୍ ମ୍ୟାଚ୍ ଖେଳିବ । ରବିବାର ମ୍ୟାଚ୍ ପରେ ଚେପକର ଚେନ୍ନାଇ ଫ୍ୟାନ୍ସ ପୂରା ଭାବବିହ୍ୱଳ ହୋଇଯାଇଥିଲା । କାରଣ ସେମାନଙ୍କର ଅତିପ୍ରିୟ 'ଥାଲା' ଧୋନି ଓ ଟିମ୍‌ର ପୂର୍ବତନ ସଦସ୍ୟ ସୁରେଶ ରାଇନା ପଡ଼ିଆରେ ଏକାଠି ନଜର ଆସିଥିଲେ । ଧୋନି ଥାଲା ଓ ରାଇନା ଚିନ୍ନା ଥାଲା ଭାବେ ପରିଚିତ । ଚେପକରେ ଚେନ୍ନାଇ ରବିବାର ଶେଷ ଲିଗ ମ୍ୟାଚ୍ ଖେଳିଥିବା ବେଳେ ବିଜୟୀ ମଧ୍ୟ ହୋଇଥିଲା ।

ଫ୍ୟାନ୍ସମାନେ ଧୋନିଙ୍କୁ ଦେଖିବାକୁ ପୂରା ପାଗଳ ହୋଇ ଯାଇଥିବା ବେଳେ ଚେନ୍ନାଇର ପୂର୍ବତନ ବ୍ୟାଟର ଅମ୍ବାତି ରାୟୁଡୁ ବଡ଼ ବୟାନ ଦେଇଛନ୍ତି ସେ କହିଛନ୍ତି, ଧୋନି ହେଉଛନ୍ତି ଚେନ୍ନାଇର ଭଗବାନ । ମୁଁ ନିଶ୍ଚିତ ଯେ ଆଗାମୀ ଭବିଷ୍ୟତରେ ଚେନ୍ନାଇରେ ମହେନ୍ଦ୍ର ସିଂହ ଧୋନିଙ୍କର ଗୋଟିଏ ମନ୍ଦିର ନିର୍ମାଣ କରାଯିବ ।

ସେ ଏମିତି ଜଣେ ଖେଳାଳି ଯିଏ ଭାରତକୁ ଦୁଇ ଥର ବିଶ୍ୱକପ ଆଣି ଖୁସି ହେବାର ମଉକା ଦେଇଛନ୍ତି । ସେ ଚେନ୍ନାଇକୁ ଆଇପିଏଲ ଓ ଚାମ୍ପିୟନ୍ସ ଟାଇଟଲ ଜିତି ଅନେକ ଆନନ୍ଦ ଭେଟି ଦେଇଛନ୍ତି । ସେ ଏମିତି ଜଣେ ବ୍ୟକ୍ତି ଯିଏ ନିଜ ଖେଳାଳିଙ୍କ ଉପରେ ବିଶ୍ୱାସ ଦେଖାନ୍ତି । ସେ ସବୁବେଳେ ଟିମ, ଦେଶ ଓ ଚେନ୍ନାଇ ସୁପର କିଙ୍ଗସ ପାଇଁ ସବୁ କିଛି କରିଛନ୍ତି । ଧୋନିଙ୍କ ନେତୃତ୍ୱରେ ଚେନ୍ନାଇ ୫ଥର ଆଇପିଏଲ ଟ୍ରଫି ଜିତିଥିବା ବେଳେ ୨ଥର ଚାମ୍ପିୟନ୍ସ ଲିଗ ଟି-୨୦ ଟ୍ରଫି ହାତେଇଛି । ତାଙ୍କ କ୍ୟାପ୍ଟେନ୍ସିରେ ଭାରତ ୨୦୦୭ ଟି-୨୦ ବିଶ୍ୱକପ ଓ ୨୦୧୧ ଦିନିକିଆ ବିଶ୍ୱକପ ଜିତିଥିଲା ।

# ପଦ୍ମପୁର ଠାରେ ବିଜେପିର ବିରାଟ ମିଶ୍ରଣ ପର୍ବ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ସଦର ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ରାଇସୁଆଁ ମଣ୍ଡଳ ଦ୍ୱାରା ପଦ୍ମପୁର ଠାରେ ଆୟୋଜିତ ବିଜେପି ଦଳରର ଏକ ବିରାଟ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ମିଶ୍ରଣ ପର୍ବରେ କେନ୍ଦୁଝର ସଦର ବିଧାନସଭା ନିର୍ବାଚନମଣ୍ଡଳୀର ବିଜେପି ବିଧାୟକ ପ୍ରାର୍ଥୀ ମୋହନ ଚରଣ ମାଝୀ, ବିଜେପିର କେନ୍ଦୁଝର ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା, ରାଇସୁଆଁ ମଣ୍ଡଳ ସଭାପତି ବାବୁ ସେଠୀ, ଜିଲ୍ଲା ଉପସଭାପତି ଗଣେଶ୍ୱର ମହାନ୍ତ, ବରିଷ୍ଠ ବିଜେପି ନେତା ତଥା ଦଳୀୟ ପ୍ରବକ୍ତା ବିରଜା ମିଶ୍ର, ସମାଜସେବୀ ଯୋଗେଶ୍ୱର ସାହୁ ଯୋଗଦେଇ ସମବେତ ଜନତାଙ୍କୁ କହିଥିଲେ ଜିଲ୍ଲାର ବିକାଶ ପାଇଁ ବିଜେପି ହିଁ ଏକମାତ୍ର ବିକଳ୍ପ । ମୋଦିଙ୍କ ଗ୍ୟାରେଣ୍ଟି ଜିଲ୍ଲାବାସୀଙ୍କୁ ସୁରକ୍ଷିତ କରିବା ସହିତ ସମୃଦ୍ଧ କରିପାରିବ । ଏହି ନିର୍ବାଚନରେ ବିଧାୟକ ପ୍ରାର୍ଥୀ ମୋହନ ମାଝୀ ତଥା ସାଂସଦୀୟ କ୍ଷେତ୍ରର ସମସ୍ତ ବିଜେପି ବିଧାୟକ ପ୍ରାର୍ଥୀ ଏବଂ ସାଂସଦ ପ୍ରାର୍ଥୀ ଅନନ୍ତଙ୍କୁ ବହୁମାତ୍ରାରେ ଭୋଟ ଦେଇ ଡବଲ ଇଞ୍ଜିନ ସରକାର ଗଢିବାକୁ ଭୋଟର୍ସମାନେ ମନ ସ୍ଥିର କରିଥିବା ବିଜେପି ଜିଲ୍ଲା ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି । ପଦ୍ମପୁର ଠାରେ ଆୟୋଜିତ ହୋଇଥିବା ଏହି ମିଶ୍ରଣ ପର୍ବରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶମୂଳକ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ବିଜୁ ଜନତା ଦଳ, କଂଗ୍ରେସ ଦଳ ଏବଂ ଅନ୍ୟ ଦଳର ଶତାଧିକ କାର୍ଯ୍ୟକର୍ତ୍ତା ଏବଂ ନେତା ଭାରତୀୟ ଜନତା ପାର୍ଟିରେ ଯୋଗ ଦେଇଛନ୍ତି । ଏହି ମିଶ୍ରଣ ପର୍ବରେ ବିଜେଡି ଦଳରୁ ଅଂଶୁମାନ ପୃଷ୍ଟି, ଲେମ୍ବୁ ପାତ୍ର ଏବଂ ଯୋଗିମଠର



ଫୁଲମଣ ମୁଣ୍ଡା, ସଂକୀର ପଞ୍ଚାୟତର ଲିପନ ମହାନ୍ତ, ଜିତେନ୍ଦ୍ର ବାରିକ ଏବଂ ତାଙ୍କ ଦଳ ବିଜେପିରେ ସାମିଲ ହୋଇଥିବା ବେଳେ କଂଗ୍ରେସ ଦଳର ସ୍ଥାନୀୟ ବରିଷ୍ଠ ନେତା କିଶୋର ସାହୁ ଏବଂ ଶତାଧିକ ବିଭିନ୍ନ ଦଳୀୟ କର୍ମୀ ବିଜେପିରେ ସାମିଲ ହୋଇଥିବା ସୂଚନା ଦେଇଛନ୍ତି । କେନ୍ଦୁଝର ସଦର ବିଧାନସଭା ନିର୍ବାଚନ ମଣ୍ଡଳୀର ବିଜେପି ସଂଯୋଜକ ବିବେକାନନ୍ଦ ମହାନ୍ତ ଏହି ବିରାଟ ମିଶ୍ରଣ ପର୍ବ ଦ୍ୱାରା ନିର୍ବାଚନରେ ବିଜେପିକୁ ଆହୁରି ସମର୍ଥନ ମିଳିବା ସହିତ ସ୍ଥାନୀୟ ଅଞ୍ଚଳରେ ଦଳକୁ ବିପୁଳ ଜନ ସମର୍ଥନ ମିଳିବ ବୋଲି ମୋହନ ମାଝୀ କହିଛନ୍ତି ।

# ବଜ୍ରାଘାତରେ ଫାଟିଲା କୋଠାଘର ଛାତ : ଅଳ୍ପକେ ବର୍ତ୍ତିଲେ ପରିବାର ଲୋକେ

**ନିଶ୍ଚିନ୍ତକୋଇଲି, ନ୍ୟୁଜ୍‌ବ୍ୟୁରୋ**

କାଳ ବୈଶାଖୀର କରାଳ ରୂପ ରବିବାର ରାତ୍ରର ବିଳମ୍ବିତ ପ୍ରହରରେ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଦେଖିବାକୁ ମିଳିଛି । ପ୍ରବଳ ବେଗରେ ମେଘ ଧୂମାଳ ହେବା ସହ ପ୍ରଚଣ୍ଡ ଘଡ଼ଘଡ଼ି ଶବ୍ଦରେ ଏକ ନବ ନିର୍ମିତ କୋଠାଘରର ଛାତ ଫାଟିଯାଇଥିଲା ବେଳେ ଏଥିରେ ଲକ୍ଷାଧିକ ଟଙ୍କାମୂଲ୍ୟର ସମ୍ପତି ଭସ୍ମୀଭୂତ ହୋଇଛି । ଗୋଟିଏ ପରିବାର ଅଳ୍ପକେ ନିଶ୍ଚିତ ମୃତ୍ୟୁ ମୁଖରୁ ବର୍ତ୍ତିଯାଇଛନ୍ତି । ଏହି ଘଟଣାଟି ନିଶ୍ଚିନ୍ତକୋଇଲି ବ୍ଲକ୍ ଅଞ୍ଚଳରେ ମୁଖ୍ୟ ଆଲୋଚନାର ବିଷୟ ପାଲଟିଛି । ସମଗ୍ର ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଆକସ୍ମିକ ଭାବେ କାଳ ବୈଶାଖୀ ମାଡ଼ିଆସିଥିଲା । ପ୍ରବଳ ବେଗରେ ସୁ ସୁ ହୋଇ ପବନ ବହିଥିଲା । ମୂଷଳ ଧାରାରେ ମେଘ ବର୍ଷିଥିଲା । ପବନ ବହିବା କାରଣରୁ ବହୁ ଗଛ ଭାଙ୍ଗିରୁଜି ଯାଇଥିଲା । ବର୍ଷା ଯୋଗୁ ଉତ୍ପାଦନ ହେବାକୁ ଥିବା ବହୁ ଚାଷୀଙ୍କର ମୁଗ ବିରି ଫସଲ କ୍ଷତିଗ୍ରସ୍ତ ହୋଇଥିଲା । ପ୍ରଚଣ୍ଡ ବେଗରେ ଘଡ଼ଘଡ଼ି ମାରିବା କାରଣରୁ ଲୋକେ ଅସ୍ତବ୍ୟସ୍ତ ହୋଇ ପଡ଼ିଥିଲେ । ଏହି ସମୟରେ ସ୍ଥାନୀୟ ନତକାଇ ଗ୍ରାମପଞ୍ଚାୟତ ବାଣୀନଗରସ୍ଥିତ ବସନ୍ତ କୁମାର ରାଉତ ଓ ତାଙ୍କ ପୁତ୍ର ଗୁରୁବଲ୍ଲଭ ରାଉତଙ୍କ ନବ ନିର୍ମିତ ଗୃହ ଉପରେ ଘଡ଼ଘଡ଼ି ଆଘାତ ଦେଇଥିଲା । ଏଥିରେ ତାଙ୍କ ଘରର ପାଣିଟାଙ୍କି, ପାଇଖାନା ସମ୍ପୂର୍ଣ୍ଣ ଭାଙ୍ଗି ଯାଇଥିଲା ବେଳେ ଛାତରେ ବିରାଟ ବଡ଼ ଗର୍ତ୍ତ ସୃଷ୍ଟି ହୋଇଛି । କାନ୍ଥ ବହୁସ୍ଥାନ ଫାଟିଯାଇଛି । ଏପରିକି ତାଙ୍କ ଘରର ସମସ୍ତ ବୈଦ୍ୟୁତିକ ପଙ୍ଖା ଓ ବିଦ୍ୟୁତ ସରଞ୍ଜାମ ସମ୍ପୂର୍ଣ୍ଣ ପୋଡ଼ିଯାଇଛି । ସେହିପରି ଭାବେ ତାଙ୍କ ଘରକୁ ଭଡ଼ା ସୂତ୍ରରେ ନେଇ କମ୍ପ୍ୟୁଟର ଇନଷ୍ଟିଚ୍ୟୁଟ ଖୋଲି ପରିବାର ପ୍ରତିପୋଷଣ କରିଆସୁଥିବା ରାମକୃଷ୍ଣପୁର ଗ୍ରାମର ଜଗବନ୍ଧୁ ମଲିକଙ୍କ ସମସ୍ତ କମ୍ପ୍ୟୁଟର ପୋଡ଼ି ଯାଇଥିବାର ଦେଖିବାକୁ ମିଳିଥିଲା । ତେବେ ଶ୍ରୀରାଉତଙ୍କ ପରିବାର ଅଳ୍ପକେ ନିଶ୍ଚିତ ମୃତ୍ୟୁ ମୁଖରୁ ବର୍ତ୍ତି ଯାଇଥିଲେ । ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦିଆଯିବା ନିମନ୍ତେ ସାଧାରଣରେ ଦୃଢ ଦାବି ହୋଇଛି ।



# ଘସିପୁରାରେ ବିଜେପି ବିଧାୟକ ପ୍ରାର୍ଥୀଙ୍କ ମାରାଥନ ପ୍ରଚାର



**ଆନନ୍ଦପୁର, ନ୍ୟୁଜ୍‌ବ୍ୟୁରୋ**

ଘସିପୁର ଚାରିଆଡ଼େ ଏବେ ଚାଲିଛି ନିର୍ବାଚନ ପ୍ରଚାର । ଏଥିରୁ ବାଦ୍ ପଡ଼ିନି କେନ୍ଦୁଝର ଜିଲ୍ଲାର ଘସିପୁରା ନିର୍ବାଚନ ମଣ୍ଡଳୀ । ଏଠାରେ ବିଜେପିର ବିଧାୟକ ପ୍ରାର୍ଥୀ ଡ. ଶମ୍ଭୁନାଥ ରାଉତ ଫୁଲଦମ୍‌ରେ ନିର୍ବାଚନ ପ୍ରଚାର ପ୍ରତ୍ୟେକ ଦିନ ଜାରି ରଖିଛନ୍ତି । ବଜାର ଠାରୁ ଆରମ୍ଭ କରି ଗ୍ରାମାଞ୍ଚଳ ଓ ଆଦିବାସୀ ଅଞ୍ଚଳ, ଚାରିଆଡ଼େ ନିର୍ବାଚନ ପ୍ରଚାର କରି ଭୋଟଭିକ୍ଷା କରୁଛନ୍ତି ବିଜେପି ପ୍ରାର୍ଥୀ ଡ. ରାଉତ । ଏହି ପରିପ୍ରେକ୍ଷୀରେ ସେ ଘଟଗାଁ ବ୍ଲକର ଢେଙ୍କିକୋଟ ମଣ୍ଡଳର ଆଦିବାସୀବହୁଳ ଗାଁରେ ବିଜେପିର ମାରାଥନ ପ୍ରଚାର ଚାଲିଛି । ଡ. ଶମ୍ଭୁନାଥ ରାଉତ ନିଜ ସମର୍ଥକଙ୍କ ସହିତ ଗାଁ ଗାଁ ବୁଲି ମା'ମାଉସୀଙ୍କ ହାତଗୋଡ଼ ଧରି ଭୋଟ ଭିକ୍ଷା କରିଛନ୍ତି । ଘସିପୁରା ନିର୍ବାଚନ ମଣ୍ଡଳୀର ମୋଟ୍ ୩ ଶହ ବୁଥ୍‌ରେ ଡ. ରାଉତ ଭୋଟରମାନଙ୍କୁ ଗାଁ ଗାଁରେ ଭେଟି ଭୋଟ ଭିକ୍ଷା କରୁଥିବା ଦେଖିବାକୁ ମିଳିଛି । ଚଳିତଥର ୨୦୨୪ ସାଧାରଣ ନିର୍ବାଚନରେ ଭୋଟରମାନେ ସରକାର ବଦଳାଇବେ ବୋଲି ସବୁଆଡ଼େ ନାରାବାଜି ଦେଉଛନ୍ତି ।

# ଚା'ଖଟିରେ ଲୋକସଭା ପ୍ରାର୍ଥୀ ଅଂଶୁମାନ ମହାନ୍ତି

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

୨୦୨୪ ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ବିଭିନ୍ନ ଦଳର ପ୍ରାର୍ଥୀମାନେ ଭୋଟର ମାନଙ୍କୁ ଆକୃଷ୍ଟ କରିବା ପାଇଁ ଛକ ମାନଙ୍କରେ ଆଡ୍ଡା ଜମାଉ ଥିବା ଚା ଦୋକାନ ଓ ଜଳଖିଆ ଦୋକାନମାନଙ୍କରେ ଭୋଟରମାନଙ୍କ ସହିତ ଆଲୋଚନା କରିବା ସହିତ ସେମାନଙ୍କୁ ନିଜ ଆଡ଼କୁ ଆକୃଷ୍ଟ କରି ଭୋଟ ଦେବାକୁ ଅନୁରୋଧ କରିବା ଦେଖିବାକୁ ମିଳିଛି । ରବିବାର ସକାଳେ କେନ୍ଦ୍ରାପଡ଼ା ଲୋକସଭା ବିଜେଡି ପ୍ରାର୍ଥୀ ଅଂଶୁମାନ ମହାନ୍ତି ତାଙ୍କର ଶତାଧିକ ସମର୍ଥକଙ୍କ ସହ ଏକ ମଟର ସାଇକେଲ ଶୋଭାଯାତ୍ରାରେ ବାହାରି ନୂଆ ବସ୍‌ଷ୍ଟାଣ୍ଡ ନିକଟରେ ଥିବା ଏକ ଚା ଦୋକାନରେ ଚା ବିସ୍କୁଟ ଖାଇବା ସମୟରେ ନବୀନ ପଟ୍ଟନାୟକଙ୍କ ୨୫ ବର୍ଷର ଶାସନ କାଳ ସମୟରେ ଓଡ଼ିଶାକୁ ଦେଶର ଏକ ନମ୍ବର ରାଜ୍ୟ ଭାବେ ଗଢି ତୋଳିବା ସହ ନବୀନ ପଟ୍ଟନାୟକ ନିଜକୁ ଦେଶର ଏକ ନମ୍ବର ମୁଖ୍ୟମନ୍ତ୍ରୀ ହୋଇ ପାରିଛନ୍ତ । ଶ୍ରୀ ମହାନ୍ତିଙ୍କୁ ନୂଆ ବସ୍‌ଷ୍ଟାଣ୍ଡରେ ଏହି ଚା ଦୋକାନରେ ଦେଖି ସ୍ଥାନୀୟ ଅଞ୍ଚଳର ବହୁ ବିଶଷ୍ଟ ବ୍ୟକ୍ତି ସାକ୍ଷାତ କରିଥିଲେ । ଶ୍ରୀ ମହାନ୍ତି ସେମାନଙ୍କୁ ଶଙ୍ଖ ଚିହ୍ନରେ ଭୋଟ୍ ଦେବା ପାଇଁ ଅନୁରୋଧ କରିଥିଲେ । ଶ୍ରୀ ମହାନ୍ତିଙ୍କ ସହିତ ରାଜ୍ୟ ବିଜେଡି ସଂପାଦକ ରଞ୍ଜିତ କୁମାର ସାହୁ, ନଗର ସଭାପତି ଯଯାତି କେଶରୀ ମହାନ୍ତି, କାଉନସିଲର ନିରାକାର ସ୍ୱାଇଁ, ଉମେଶ ଚନ୍ଦ୍ର ନାୟକ, ଶରତ ବେଉରା ପରବେଜ ଅକ୍ତରଙ୍କ ସହିତ ବହୁ ସମର୍ଥକ ଉପସ୍ଥିତ ଥିଲେ ।



# ଜାତୀୟ ଆଇନ ସେବା ପ୍ରାଧିକରଣର ନିଃଶୁଳ୍କ ନମ୍ବର ଘୋଷଣା

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସୁବର୍ଣ୍ଣପୁର ତରଫରୁ ସ୍ଥାନୀୟ ବନ୍ଧପଡ଼ା ଠାରେ ଜାତୀୟ ଆଇନ ସେବା ପ୍ରାଧିକରଣର ନିଃଶୁଳ୍କ ନମ୍ବର ୧୫୧୦୦ ଏବଂ ରାଜ୍ୟ ଆଇନ ସେବା ପ୍ରାଧିକରଣରେ ଦିଆ ଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ଉପରେ ଏକ ଜିଲ୍ଲା ସ୍ତରୀୟ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସୁବର୍ଣ୍ଣପୁରର ସଚିବ ମିସ୍ କୁମୁଦିନୀ ମୁଦୁଲି ଯୋଗ ଦେଇ ଜାତୀୟ ଆଇନ ସେବା ପ୍ରାଧିକରଣର ନିଃଶୁଳ୍କ ନମ୍ବର ୧୫୧୦୦ ଏବଂ ରାଜ୍ୟ ଆଇନ ସେବା ପ୍ରାଧିକରଣରେ ଦିଆ ଯାଉଥିବା ବିଭିନ୍ନ ସୁବିଧା ସୁଯୋଗ ଉପରେ ସମସ୍ତ ଜନସାଧାରଣଙ୍କୁ ଅବଗତ କରିଥିଲେ । ଏହି ଶିବିରରେ ପାରା ଲିଗାଲ ସ୍ୱେଚ୍ଛାସେବୀ ଶାନ୍ତିଲତା ଜଗଦଲା ଯୋଗ ଦେଇଥିଲେ । ଏହି ଶିବିରରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ, ସୁବର୍ଣ୍ଣପୁରର ବିନ୍ଦୁସାର ମହାପାତ୍ର, କେଶବ ଗୁରୁ, ସିଦ୍ଧାନ୍ତ କୁମାର ବାଘ, କାହ୍ନୁ ଚରଣ ରଥ, ଅନାମ ସାହୁ, ବେଣୁଧର ମଲ୍ଲିକ ଏବଂ ରଞ୍ଜନ କୁମାର ଭୋଇ ପ୍ରମୁଖ ସହଯୋଗ କରିଥିଲେ ।

# ସାମ୍ବାଦିକ ନିରଞ୍ଜନ ମହାନ୍ତଙ୍କ ଅକାଳ ବିୟୋଗ

**କେନ୍ଦୁଝର, ନ୍ୟୁଜ୍**

କେନ୍ଦୁଝର ଜିଲ୍ଲାର ଘଟଗାଁ ବ୍ଲକ ଅନ୍ତର୍ଗତ ପଣ୍ଡାପଡ଼ାର ଦୈନିକ ଖବରକାଗଜ ସମାଜ ପ୍ରତିନିଧି ତଥା ଜଣାଶୁଣା ପାଲା ଗାୟକ ଓ ସୁସଂଗଠକ ନିରଞ୍ଜନ ମହାନ୍ତଙ୍କର ୫୨ ବର୍ଷ ବୟସରେ ଅକାଳ ବିୟୋଗ ଘଟିଛି । ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । କିଛିଦିନ ତଳେ ସେ ତାଙ୍କ ଗୋଡ଼ରେ ଅସ୍ତ୍ରୋପଚାର କରାଇ ଘରକୁ ଫେରିବା ପରେ ହଠାତ ଅସୁସ୍ଥ ହୋଇ ପଡ଼ିଥିଲେ । ତାଙ୍କୁ ଚିକିତ୍ସା ପାଇଁ ନିଆଯିବା ବେଳେ ତାଙ୍କର ଅକାଳ ବିୟୋଗ ଘଟିଛି । ନିରଞ୍ଜନଙ୍କ ବିୟୋଗରେ ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ପୂର୍ବତନ ସାଂସଦ ଅନନ୍ତ ନାୟକ, ବରିଷ୍ଠ ରାଜନେତା ସୌମ୍ୟରଞ୍ଜନ ପଟ୍ଟନାୟକ, ବିଶିଷ୍ଟ ପାଲା ଗାୟକ ପ୍ରାଧ୍ୟାପକ ଡକ୍ଟର ଧରେନ କୁମାର ମହାନ୍ତି, ଉତ୍ତର ଓଡ଼ିଶା ସାହିତ୍ୟ ସମ୍ମିଳନୀର ସଭାପତି ତଥା ବରିଷ୍ଠ ସାମ୍ବାଦିକ ନୃସିଂହ ନାଥ ସିଂ, କୃଷକ ନେତା ଏସ.କେ ମୋବିନ, କଂଗ୍ରେସ ନେତା ଇଂ ବିନୋଦ ବିହାରୀ ନାଏକ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଓ ଗଣମାଧ୍ୟମ ପ୍ରତିନିଧି ମହଲରେ ଗଭୀର ଶୋକର ଛାୟା ଖେଳି ଯାଇଛି । ଏହା ସହ ଶୋକସନ୍ତପ୍ତ ପରିବାରକୁ ସମସ୍ତେ ସମବେଦନା ଜଣାଇଛନ୍ତି । ସ୍ଥାନୀୟ ପଣ୍ଡାପଡା ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ପୁତୁରା ପଙ୍କଜ ମହାନ୍ତ ମୁଖାଗ୍ନି ଦେଇଥିଲେ ।

# ବାଲିକୁଦା-ଏରସମାରେ ବିଜେପି ଓ ପାରାଦ୍ୱୀପରେ ବିଜେଡି ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ନିର୍ବାଚନ ପାଇଁ ଚାଲିଥିବା ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟାର ଚତୁର୍ଥ ଦିନରେ ୧୦୩ ବାଲିକୁଦା-ଏରସମା ବିଧାନସଭା ନିର୍ବାଚନମଣ୍ଡଳୀ ନିମନ୍ତେ ଭାରତୀୟ ଜନତା ପାର୍ଟିର ପ୍ରାର୍ଥୀ ସତ୍ୟ ସାରଥୀ ମହାନ୍ତି ବାଲିକୁଦା ବ୍ଲକ୍ ଆମ୍ୱଶାଳା ଠାରୁ ଏକ ବିଶାଳ ବାଇକ୍ ଶୋଭାଯାତ୍ରା କରି ଜଗତସିଂହପୁର ସହରକୁ ଜନସମୁଦ୍ରରେ ପରିଣତ କରିବା ସହ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ତଥା ରିଟର୍ଣ୍ଣିଂ ଅଧିକାରୀ ସମ୍ବିତ ରାଉତଙ୍କ ନିକଟରେ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ନାମାଙ୍କନ ପତ୍ର ଦାଖଲ ନିମନ୍ତେ ବାଲିକୁଦା ଏରସମା ନିର୍ବାଚନ ମଣ୍ଡଳୀ ପାଇଁ ଭାରତୀୟ ଜନତା ପାର୍ଟି ପକ୍ଷରୁ ବିଧାୟକ ପ୍ରାର୍ଥୀ ସତ୍ୟ ସାରଥି ମହାନ୍ତିଙ୍କ ନିର୍ଦ୍ଦେଶକ୍ରମେ ପ୍ରଥମେ ଦିବା ୧୧ ଘଟିକା ସମୟରେ ବାଲିକୁଦା ତହସିଲ ଛକ ନିକଟସ୍ଥ ବିଜେପି କାର୍ଯ୍ୟାଳୟ ନିକଟରୁ ପାଖାପାଖି ୧୫,୦୦୦ ସମର୍ଥକଙ୍କୁ ନେଇ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ଆରମ୍ଭ ହୋଇ ମାଧୁରୀ ବଜାର, ଡେଙ୍ଗା ପୋଲ, ସଦେଇପୁର, ଡିଅସାଇ ପରେ ଯୋଗଧାରୀ, ସିପି ଛକ ଦେଇ ଏହି ରାଲିଟି ପହଞ୍ଚିଥିଲା ବିଜୁ ପଟ୍ଟନାୟକ ଛକ ନିକଟରେ । ହଜାର ହଜାର ସଂଖ୍ୟକ ସମର୍ଥକଙ୍କ ଗହଳି ଚହଳି ମଧ୍ୟରେ ଜଗତସିଂହପୁର ସହର ଫାଟି ପଡୁଥିଲା । ପରେପରେ ସତ୍ୟ ସାରଥିଙ୍କ ରାଲିଟି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିଥିଲା । ସତ୍ୟ ସାରଥୀ ନାମାଙ୍କନ ସାରି ବାହାରିବା ପରେ ଅପେକ୍ଷାରତ ହଜାର ହାଜର ସମର୍ଥକମାନେ ଜିନ୍ଦାବାଦ ନାରା ଦେଇ ପାଛୋଟି ନେଇଥିଲେ ।



ସେହିପରି ପାରାଦ୍ୱୀପ ବିଜେଡି ଟିକେଟରେ ଏଥର ପୂର୍ବତନ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ଦାମୋଦର ରାଉତରାୟଙ୍କ ସୁପୁତ୍ରଙ୍କ ଧର୍ମପତ୍ନୀ ଗୀତାଞ୍ଜଳି ରାଉତରାୟ ପ୍ରାର୍ଥୀ ହୋଇଛନ୍ତି । ଶ୍ରୀମତୀ ରାଉତରାୟ ଏକ ବିଶାଳ ରାଲିରେ ପାରାଦ୍ୱୀପ ଠାରୁ ଆସି ଜଗତସିଂହପୁର ଜିଲ୍ଲାପାଳ କାର୍ଯ୍ୟାଳୟରେ ରିଟର୍ଣ୍ଣିଙ୍ଗ ଅଫିସର ଲଳିତ ମୋହନ ବେହେରାଙ୍କ ନିକଟରେ ପ୍ରାର୍ଥୀପତ୍ର ଦାଖଲ କରିଥିଲେ । ତାଙ୍କ ସହିତ ବିଧାୟକ ସମ୍ବିତ ରାଉତରାୟ, ପୌରାଧକ୍ଷ ବସନ୍ତ ବିଶ୍ୱାଳ, ପର୍ଯ୍ୟବେକ୍ଷକ ଗିରିଶ ଚନ୍ଦ୍ର ଦାସଙ୍କ ସମେତ ବିଜେଡି କର୍ମୀ ସାମିଲ ହୋଇଥିଲେ ।

# 'ବିଜେପି ଆସିଲେ ମୟୂରଭଞ୍ଜର ବିକାଶ ହେବ ପ୍ରାଥମିକତା'

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ମୟୂରଭଞ୍ଜର ସର୍ବାଙ୍ଗୀନ ବିକାଶ ହିଁ ଜିଲ୍ଲା ବିଜେପି ପାଇଁ ପ୍ରଥମ ଓ ଶେଷ କଥା ହେବ । ନିର୍ବାଚନରେ ବିଜୟୀ ହେବା ପରେ ଏ ଦିଗରେ ନିଷ୍ଠାପର ଉଦ୍ୟମ ଆରମ୍ଭ ହେବ ବୋଲି ସ୍ଥାନୀୟ ହୋଟେଲ ଅମ୍ବିକା ସଭାଗୃହରେ ବିଜେପି ଦଳ ପକ୍ଷରୁ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାବାସୀଙ୍କୁ ଆଶ୍ୱାସନା ଦେଇଛନ୍ତି । ମୟୂରଭଞ୍ଜ ଲୋକସଭା ଆସନର ବିଜେପି ପ୍ରାର୍ଥୀ ନବ ଚରଣ ମାଝୀ, ବିଜେପି ରାଜ୍ୟ ମୁଖପାତ୍ର କବିବିଷ୍ଣୁ ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସାମ୍ବାଦିକ ସମାବେଶରେ ଶ୍ରୀ ମାଝୀ ଉଦ୍‌ବୋଧନ ଦେଇ ରେଳ, ସଡ଼କ, ପର୍ଯ୍ୟଟନ, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ସବୁ କ୍ଷେତ୍ରରେ ଏ ଭଞ୍ଜ ମାଟିକୁ ଆଗେଇ ନିଆଯିବ ବୋଲି କହିଥିଲେ ।




କେନ୍ଦ୍ରରେ ପୁଣି ଥରେ ମୋଦି ସରକାର ଗଠିତ ହେବାର ପ୍ରଥମ ଶହେ ଦିନ ମଧ୍ୟରେ ହିଁ ବାଙ୍ଗିରିପୋଷି-ଗୋରୁମହିଷାଣି, ବୁଢ଼ାମରା-ଚାକୁଳିଆ ଓ କେନ୍ଦୁଝର-ବାଦାମପାହାଡ଼ ନୂତନ ରେଳପଥ ନିର୍ମାଣ ଦିଗରେ ଆଖିଦୃଶିଆ ପଦକ୍ଷେପ ନିଆଯିବ ବୋଲି ସେ ଘୋଷଣା କରିଛନ୍ତି । ସମାବେଶରେ ଦଳର ବାରିପଦା ବିଧାନସଭା ପ୍ରାର୍ଥୀ ପ୍ରକାଶ ସୋରେନ, ମୋରଡ଼ା ବିଧାନସଭା ପ୍ରାର୍ଥୀ ଡାକ୍ତର କୃଷ୍ଣଚନ୍ଦ୍ର ମହାପାତ୍ର ଓ ସାରସକଣା ବିଧାନସଭା ପ୍ରାର୍ଥୀ ଭାଦବ ହାଁସଦା ତଥା ମୟୂରଭଞ୍ଜ ପୂର୍ବ ସାଙ୍ଗଠନିକ ଜିଲ୍ଲା ସଭାପତି କାନ୍ଦ୍ରା ସୋରେନ ଓ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଂଜୀବ ମହାନ୍ତି ପ୍ରମୁଖ ନିଜ ନିଜର ବକ୍ତବ୍ୟ ଉପସ୍ଥାପନ କରି ଦଳୀୟ ଆଭିମୁଖ୍ୟର ଅବତାରଣା କରିଥିଲେ । ପରିଶେଷରେ ଶ୍ରୀ ଶତପଥୀ ରାଜ୍ୟ ତଥା ଜିଲ୍ଲାର ଦ୍ରୁତ-ପରିବର୍ତ୍ତନଶୀଳ ରାଜନୀତିକ ଦୃଶ୍ୟପଟ ବାବଦରେ ଗଣମାଧ୍ୟମରେ ଉପସ୍ଥାପନ କରିବାକୁ ସମସ୍ତ ସାମ୍ବାଦିକଙ୍କୁ ନିବେଦନ କରିଥିଲେ ।

30 YEARS
ସମ୍ବାଦ କଳିଙ୍ଗ
ଭୁବନେଶ୍ୱର, ୧୪ ମଇ ୨୦୨୪ ମଙ୍ଗଳବାର





# ମହାପ୍ରଭୁଙ୍କ କାମରେ ବି ମିଛ କହୁଛନ୍ତି ଧର୍ମେନ୍ଦ୍ର : ବିଜେଡି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କାମରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦୁଇ ଦୁଇଟି ମିଛ କହିଛନ୍ତି। ଠାକୁରଙ୍କ କାମରେ ଏଭଳି ଡାହା ମିଛ ନକହିଲେ ଭଲ ହେବ ବୋଲି କହିଛନ୍ତି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ। ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ପ୍ରଥମେ ଶ୍ରୀ ପ୍ରଧାନ କହିଥିଲେ ନବକଳେବର କାମ ପାଇଁ କେନ୍ଦ୍ର ସରକାର ୫୦ କୋଟି ଟଙ୍କା ପ୍ରଦାନ କରିଛନ୍ତି । ହେଲେ ବାସ୍ତବରେ କେନ୍ଦ୍ର ମଞ୍ଜୁର କରିଛି ୧୦ କୋଟି ଟଙ୍କା । ସେହିଭଳି ଆଉ ଗୋଟିଏ ମିଛ କହିଥିଲେ ଯେ ମାର୍ଚ୍ଚ ୩୦ ତାରିଖରେ ଓଡିଶା ଟ୍ରେଜେରୀକୁ କେନ୍ଦ୍ରରୁ ଏଥିପାଇଁ ୫୦ କୋଟି ଟଙ୍କା ଆସିଛି । ହେଲେ ଓଡ଼ିଶା ଟ୍ରେଜେରୀ ନୁହେଁ ବରଂ କେନ୍ଦ୍ର ସରକାର ତାଙ୍କର ନିଜସ୍ୱ ସଂସ୍ଥା ଭାରତୀୟ ପର୍ଯ୍ୟଟନ ଉନ୍ନୟନ ନିଗମ (ଆଇଟିଡିସି) ଖାତାକୁ ଦେଇଥିଲେ ୧୦ କୋଟି ଟଙ୍କା । ଏହି ୧୦ କୋଟି ଟଙ୍କାରୁ ୬ କୋଟି ୯୨ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ ଅବଶିଷ୍ଟ ଟଙ୍କା ଫେରିଯାଇଛି । ତେଣୁ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ନବକଳେବର କାମ ପାଇଁ କେନ୍ଦ୍ର ସରକାର ୫୦ କୋଟି ଟଙ୍କା ଦେଇଥିବା ନେଇ ଦୁଇ ଦୁଇଟି ମିଛ କହିବାକୁ ପଛାଇ ନାହାନ୍ତି । ଶ୍ରୀ ପାଣ୍ଡିଆନ ଏଭଳି ସୂଚନା ଦେବା ସହିତ ଏ ସଂକ୍ରାନ୍ତୀୟ ଦସ୍ତାବିଜ୍ର ନକଲ ମଧ୍ୟ ଜାରି କରିଛନ୍ତି । ସେ କହିଛନ୍ତି ଯେ ଅତି କମ୍‌ରେ ମହାପ୍ରଭୁଙ୍କ କାମରେ ଏଭଳି ମିଛ ନକହିଲେ ଭଲ ହେବ।

# ପ୍ରଥମ ପର୍ଯ୍ୟାୟ ନିର୍ବାଚନ ପରେ ହତୋତ୍ସାହ ହୋଇଛି ବିଜେପି

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପ୍ରଥମ ପର୍ଯ୍ୟାୟ ନିର୍ବାଚନରେ ବିଜୁ ଜନତା ଦଳ ୪ରୁ ୪ ଲୋକସଭା ଆସନ ଏବଂ ୨୮ଟି ବିଧାନସଭା ଆସନରୁ ୯୦ ପ୍ରତିଶତ ଆସନରେ ବାଜିମାତ୍ କରିବାକୁ ଯାଉଛି। ଏକଥା ଜାଣିଲା ପରେ ଓଡ଼ିଶା ବିଜେପି ନେତା ବିଚଳିତ ଆଉ ବିବ୍ରତ ହୋଇ ପଡିଛନ୍ତି। ବ୍ୟତିବ୍ୟସ୍ତ ହୋଇ, ହତୋତ୍ସାହିତ କର୍ମୀଙ୍କ ମନୋବଳ ବଢାଇବାକୁ ୫ ନେତା ଏକାଠି ହୋଇ ସାମ୍ବାଦିକ ସମ୍ମିଳନୀ କରିଥିଲେ। ହେଲେ ସେମାନଙ୍କର ମୁହଁ ଶୁଖିଯାଇଥିଲା। ଏଥିରୁ ଜଣାପଡୁଥିଲା, ତାଙ୍କର ମନୋବଳ କେତେ ତଳେ ରହିଛି ବୋଲି ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ପୂର୍ବତନ ରାଜ୍ୟସଭା ସାଂସଦ ଡକ୍ଟର ଅମର ପଟ୍ଟନାୟକ, ରାଜ୍ୟସଭା ସାଂସଦ ସୁଲତା ଦେଓ, ମୁଖପାତ୍ର ସ୍ୱୟଂପ୍ରକାଶ ମହାପାତ୍ର।

ସାମ୍ବାଦିକ ସମ୍ମିଳନୀରେ ଡକ୍ଟର ପଟ୍ଟନାୟକ କହିଥିଲେ, ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ, ଏକାମ୍ର ପ୍ରକଳ୍ପକୁ ବନ୍ଦ କରିବା ପାଇଁ ସାଢେ ୪ କୋଟି ଓଡ଼ିଶାବାସୀଙ୍କ ସାମ୍ନାରେ ଯେଉଁ ଡ୍ରାମା ଉଭୟ ଅପରାଜିତା ଷଡ଼ଙ୍ଗୀ ଏବଂ ଧର୍ମେନ୍ଦ୍ର ପ୍ରଧାନ କରିଥିଲେ, ସେକଥା କେହି ଭୁଲିନାହାନ୍ତି। ଉଭୟେ ପ୍ରକଳ୍ପକୁ ସବୁ ସ୍ତରରେ ବିରୋଧ କରିଥିଲେ। ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ଭେକ୍ଷଣ ସଂସ୍ଥା ବା ଏଏସଆଇ, ଜାତୀୟ ଐତିହ୍ୟ କର୍ତ୍ତୃପକ୍ଷ ବା ଏନଏମଏ ପାଖରେ କାମକୁ ଅଟକାଇବା ପାଇଁ ସମସ୍ତ ପ୍ରକାରର ଚକ୍ରାନ୍ତ ଓ ଷଡଯନ୍ତ୍ର କରିଥିଲେ। ପରବର୍ତ୍ତୀ ସମୟରେ ନିଜର କିଛି ଅନୁଗତଙ୍କ ଜରିଆରେ ମାମଲାକୁ ସୁପ୍ରିମକୋର୍ଟ ନେଇଥିଲେ । ନାମୀଦାମୀ ଓକିଲ ଲଗାଇଥିଲେ । ହେଲେ ସବୁ ବାଧାବିଘ୍ନ ପରେ ବି ପ୍ରକଳ୍ପ କାର୍ଯ୍ୟ ଆଗକୁ ବଢିଥିଲା। ସେ ଆହୁରି ମଧ୍ୟ କହିଥିଲେ, ନିକଟରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଏକ ସାମ୍ବାଦିକ ସମ୍ମିଳନୀରେ କହିଥିଲେ, ସେ ଏହି ପ୍ରକଳ୍ପକୁ ବିରୋଧ କରୁଥିଲେ। ପ୍ରକଳ୍ପ କାର୍ଯ୍ୟ କରିବାର ନଥିଲା ବୋଲି ସେ ସ୍ପଷ୍ଟ ମତ ରଖିଥିଲେ।

ବିଜେଡି ଯେତେବେଳେ ଆହ୍ୱାନ ଦେଲା, ନିର୍ବାଚନ ଇସ୍ତାହାରରେ ରଖନ୍ତୁ ଯେ ସେମାନେ ପରିକ୍ରମା ପ୍ରକଳ୍ପ ବନ୍ଦ କରିଦେବେ, ତା'ପରେ ଓଡ଼ିଶା ବିଜେପିର ନେତା କଥା ବଦଳାଇବା ଆରମ୍ଭ କରିଛନ୍ତି। ଆଉ ସେକଥା ଉଠାଉନାହାନ୍ତି। ଏବେ ସାମ୍ବାଦିକ ସମ୍ମିଳନୀ କରି କହୁଛନ୍ତି, ସେମାନେ ପରିକ୍ରମା ପ୍ରକଳ୍ପକୁ ସମର୍ଥନ କରୁଥିଲେ। ଏଭଳି ଦୋମୁହାଁ ଚରିତ୍ର ଦେଖି ଓଡ଼ିଶାବାସୀ ହସିବା ଆରମ୍ଭ କଲେଣି। ପ୍ରତି ୧୫ ଦିନରେ ମତ ବଦଳାଇ ସେମାନେ ନିଜର ସୁବିଧା ଅନୁସାରେ କଥା କହୁଛନ୍ତି। ଭୁଲି ଯାଉଛନ୍ତି, ତାଙ୍କର ପ୍ରତିଟି ବୟାନ ଗଣମାଧ୍ୟମରେ ପ୍ରଦର୍ଶିତ ହୋଇଛି। ଦୟାକରି ମିଛ କହି ଲୋକଙ୍କୁ ବିଭ୍ରାନ୍ତି କରିବାରୁ ଦୂରେଇ ରୁହନ୍ତୁ।

ପରିକ୍ରମା ପ୍ରକଳ୍ପ ପାଇଁ ଯେଉଁଦିନ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରି ଫେରୁଥିଲେ, ସେଦିନ ଧର୍ମେନ୍ଦ୍ର ପ୍ରଧାନ ମୁଖ୍ୟମନ୍ତ୍ରୀଙ୍କ ଉପରେ ଅଣ୍ଡାମାଡ଼ କରାଇଥିଲେ। ଯାହା ସାଢେ ୪ କୋଟି ଓଡ଼ିଆଙ୍କୁ ଉତ୍କ୍ଷୀପ୍ତ କରିଥିଲା। ଏହାର ଜବାବ ଓଡ଼ିଶାବାସୀ ଭୋଟରେ ଦେଇଥିଲେ। ୩୦ରୁ ୩୦ ଜିଲ୍ଲା ପରିଷଦରେ ବିଜେଡିକୁ ଜିତାଇଥିଲେ । ସେହିଭଳି ୨୦୧୮ରେ ବିଜେପୁର ଉପନିର୍ବାଚନ ସମୟରେ ମୁଖ୍ୟମନ୍ତ୍ରୀଙ୍କ ଉପରକୁ ଚପଲ ମାଡ କରାଇଥିଲେ ଧର୍ମେନ୍ଦ୍ର ପ୍ରଧାନ। ଜନତା ମଧ୍ୟ ଏହାର ଉଚିତ ଜବାବ ନିର୍ବାଚନରେ ଦେଇଥିଲେ। ଚଳିତ ନିର୍ବାଚନରେ ମଧ୍ୟ ଅନେକ ଅଶାଳୀନ ଟିପ୍ପଣୀ ମୁଖ୍ୟମନ୍ତ୍ରୀଙ୍କ ବିରୋଧରେ ଓଡ଼ିଶା ବିଜେପି ନେତାଏଁ ଖାସ କରି ଧର୍ମେନ୍ଦ୍ର ପ୍ରଧାନ କରୁଛନ୍ତି। ଯାହାକୁ ନେଇ ଓଡ଼ିଶାବାସୀ ପ୍ରତିକ୍ରିୟାଶୀଳ ହେଲେଣି। ଚଳିତ ନିର୍ବାଚନରେ ପୁଣି ବୁଦ୍ଧି ଶିଖାଇବାକୁ ନିଷ୍ପତ୍ତି ନେଇସାରିଲେଣି । ଯାହାର ଆରମ୍ଭ ସୋମବାରଠାରୁ ହୋଇସାରିଲାଣି ବୋଲି ଡକ୍ଟର ପଟ୍ଟନାୟକ କହିଥିଲେ।

ଡକ୍ଟର ପଟ୍ଟନାୟକ ଆହୁରି ମଧ୍ୟ କହିଥିଲେ, କେବଳ ଗୋଟିଏ ରାଜ୍ୟସଭା ସିଟ୍ ପାଇଁ ମହାନଦୀକୁ ମାରିବା ପାଇଁ ଛତିଶଗଡ଼ ସହ ହାତ ମିଳାଇ ଷଡ଼ଯନ୍ତ୍ର କରିଥିଲେ ଧର୍ମେନ୍ଦ୍ର ପ୍ରଧାନ। ଏକଥା କାହାକୁ ଅଛପା ନାହିଁ। ଏବେ ଛତିଶଗଡର ୪୦ରୁ ୫୦ ନେତାଙ୍କୁ ଆଣି ପ୍ରଚାର କାର୍ଯ୍ୟରେ ଲଗାଉଛନ୍ତି ଶ୍ରୀ ପ୍ରଧାନ। ଏହା କ'ଣ ମିଛ କି? ଛତିଶଗଡ଼ ପାଇଁ ଓକିଲାତି କରିଥିଲେ ଶ୍ରୀ ପ୍ରଧାନ, ଏବେ କେବଳ ନିଜର ରାଜନୈତିକ ସ୍ୱାର୍ଥ ପାଇଁ ଓଡ଼ିଶା ପ୍ରୀତି ଦେଖାଉଛନ୍ତି।

ସାମ୍ବାଦିକ ସମ୍ମିଳନୀରେ ସୁଲତା ଦେଓ କହିଥିଲେ, ଆମେ ଶୁଣିବାକୁ ପାଉଥିଲୁ, ଓଡ଼ିଶା ବିଜେପି ତାଙ୍କର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିବେ, ହେଲେ ଏହାପରେ ସେମାନଙ୍କର ଆଶାୟୀଙ୍କ ମଧ୍ୟରେ ଏତେ ଯୁକ୍ତିତର୍କ ଏବଂ ଗଣ୍ଡଗୋଳ ଘଟିଲା ଯେ, ସେମାନେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିପାରିଲେ ନାହିଁ। ସେମାନେ ଭଲ ଭାବେ ଜାଣିଛନ୍ତି, ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କଲେ ଦଳ ଚାରି ଭାଗ ହୋଇଯିବ। ମନମୋହନ ସାମଲଙ୍କ ଅବସ୍ଥା ଦେଖିଲେ ଆମକୁ ଦୟା ଲାଗୁଛି, ତାଙ୍କ କଥାକୁ କେହି ଗୁରୁତ୍ୱ ଦେଉନାହାନ୍ତି। ଓଡ଼ିଶା ନିବାସ ଘଟଣା ପରେ ସେ ନିଜର ଗୁରୁତ୍ୱ ହରାଇ ବସିଛନ୍ତି। ଓଡ଼ିଶା ବିଜେପିର ସଭାପତି ଭାବେ ସେ ଦଳର ମହିଳା ଭୋଟ୍‌କୁ ପ୍ରଭାବିତ କରୁଛନ୍ତି। ଓଡ଼ିଶା ବିଜେପି ଏଭଳି ଏକ ଦୟନୀୟ ସ୍ଥିତି ଦେଇ ଯାଉଛି, ଏଠି କାହା କଥା କେହି ଶୁଣିବାକୁ ପ୍ରସ୍ତୁତ ନୁହଁନ୍ତି, ଯାହା ଫଳରେ ସେମାନେ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ନାଁ ଘୋଷଣା କରିପାରୁନାହାନ୍ତି।

ସାମ୍ବାଦିକ ସମ୍ମିଳନୀରେ ସ୍ୱୟଂପ୍ରକାଶ ମହାପାତ୍ର କହିଥିଲେ, ଓଡ଼ିଶା ବିଜେପିର ସାମ୍ବାଦିକ ସମ୍ମିଳନୀ ବୈଜୟନ୍ତ ପଣ୍ଡାଙ୍କ ବକ୍ତବ୍ୟ ଶୁଣି ଲାଗୁଥିଲା, ସେ ସଂପୂର୍ଣ୍ଣ ସୁସ୍ଥ ହୋଇନାହାନ୍ତି । ତାଙ୍କର ଆଖି ସିନା ଅପରେସନ୍ ହୋଇଛି, ହେଲେ ଲାଗୁଛି ତାଙ୍କର ମୁଣ୍ଡରେ କିଛି ଗୋଳମାଳ ହୋଇଯାଇଛି। ସେଥିପାଇଁ ଅବାସ୍ତବ ଏବଂ ଅବାନ୍ତର କଥା ଗପି ଚାଲୁଥିଲେ। ଆମେ ତାଙ୍କର ଉତ୍ତମ ସ୍ୱାସ୍ଥ୍ୟ କାମନା କରୁଛୁ।

# ଇଭିଏମ୍-ଭିଭିପାଟ୍ ରାୟର ସମୀକ୍ଷା ପାଇଁ ସୁପ୍ରିମକୋର୍ଟରେ ପିଟିସନ୍ ଆଗତ

**ନୂଆଦିଲ୍ଲୀ**

ନିର୍ବାଚନରେ ମତଦାନ ପ୍ରକ୍ରିୟାକୁ ପୁରୁଣା କାଗଜ ବାଲାଟ୍ ବ୍ୟବସ୍ଥାକୁ ଫେରାଇ ଆଣିବା ଏବଂ ଭୋଟର ଭେରିଫାଏବଲ୍ ପେପର ଅଡିଟ୍ ଟ୍ରେଲ୍ (ଭିଭିପିଏଟି) ଜରିଆରେ ଇଭିଏମ୍ ବ୍ୟବହାର କରି ଦିଆଯାଇଥିବା ଭୋଟର ସମ୍ପୂର୍ଣ୍ଣ କ୍ରସ୍ ଭେରିଫିକେସନ୍ ଦାବିକୁ ନେଇ ଆଗତ ମାମଲା ସଂପର୍କରେ ଏପ୍ରିଲ ୨୬ ତାରିଖରେ ଦେଇଥିବା ରାୟର ପୁନର୍ବିଚାର ପାଇଁ ସୁପ୍ରିମକୋର୍ଟରେ ଏକ ରିଭ୍ୟୁ ବା ସମୀକ୍ଷା ପିଟିସନ୍ ଦାଖଲ କରାଯାଇଛି।

ପୂର୍ବରୁ ଏହି ପ୍ରସଙ୍ଗରେ ଜନସ୍ୱାର୍ଥ ମାମଲା ଦାୟର କରିଥିବା ଅରୁଣ କୁମାର ଅଗ୍ରୱାଲ ଓକିଲ ନେହା ରାଠୀଙ୍କ ଜରିଆରେ ରିଭ୍ୟୁ ପିଟିସନ ଦାଖଲ କରିଛନ୍ତି।

ଗତ ଏପ୍ରିଲ ୨୬ ତାରିଖରେ ସୁପ୍ରିମକୋର୍ଟର ବିଚାରପତି ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଓ ଜଷ୍ଟିସ୍ ଦୀପଙ୍କର ଦତ୍ତଙ୍କୁ ନେଇ ଗଠିତ ଖଣ୍ଡପୀଠ ଇଭିଏମ୍‌ରେ ହେରଫେର ସନ୍ଦେହକୁ ଭିତ୍ତିହୀନ ବୋଲି କହିବା ସହ ପୁରୁଣା କାଗଜ ବାଲାଟ୍ ବ୍ୟବସ୍ଥାକୁ ଫେରାଇ ଆଣିବା ଦାବିକୁ ଖଣ୍ଡନ କରିଥିଲେ। ସେମାନେ ତାଙ୍କ ରାୟରେ କହିଥିଲେ ଯେ ମତଦାନ ଉପକରଣଗୁଡିକ ସୁରକ୍ଷିତ ଏବଂ ଏହା ବୁଥ୍ କ୍ୟାପ୍ଚରିଂ ଏବଂ ନକଲି ଭୋଟିଂକୁ ବନ୍ଦ କରିଦେଇଛି।

ତେବେ ନିର୍ବାଚନ ଫଳାଫଳରେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଅସଫଳ ପ୍ରାର୍ଥୀଙ୍କ ପାଇଁ ଏହି ରାୟ ଏକ ଝରକା ଖୋଲିଥିଲା ଏବଂ ନିର୍ବାଚନ କମିଶନଙ୍କୁ ଫି' ପୈଠ କରିବା ପରେ ଲିଖିତ ଅନୁରୋଧ କ୍ରମେ ପ୍ରତି ବିଧାନସଭା ନିର୍ବାଚନ ମଣ୍ଡଳୀରେ ୫ ପ୍ରତିଶତ ଇଲେକ୍ଟ୍ରୋନିକ୍ ଭୋଟିଂ ମେସିନ୍ (ଇଭିଏମ୍)ରେ ଥିବା ମାଇକ୍ରୋ କଣ୍ଟ୍ରୋଲର୍ ଚିପ୍ ଯାଞ୍ଚ କରିବାକୁ ଅନୁମତି ଦିଆଯାଇଥିଲା।

ମେ ପହିଲାରୁ ସିମ୍ବଲ ଲୋଡିଂ ୟୁନିଟ୍ (ଏସ୍ ଏଲ୍ ୟୁ)କୁ ସିଲ୍ କରି କଣ୍ଟେନରରେ ସୁରକ୍ଷିତ ରଖିବା ସହ ପରୀକ୍ଷା ଫଳ ପ୍ରକାଶ ପରେ ସର୍ବନିମ୍ନ ୪୫ ଦିନ ପର୍ଯ୍ୟନ୍ତ ଇଭିଏମ୍ ସହ ଷ୍ଟ୍ରଙ୍ଗରୁମ୍‌ରେ ରଖିବାକୁ ନିର୍ଦ୍ଦେଶ ଦିଆଯାଇଥିଲା।

ଏହି ରାୟ ସହ ସର୍ବୋଚ୍ଚ ନ୍ୟାୟାଳୟ ଏସଂପର୍କରେ ଆଗତ ପିଆଇଏଲଗୁଡ଼ିକୁ ଖାରଜ କରିଦେଇ ଥିଲେ ଯେଉଁଥିରେ ବ୍ୟାଲଟ୍ ପେପର ବ୍ୟବସ୍ଥାକୁ ଫେରିବା ପାଇଁ ନିର୍ଦ୍ଦେଶ ଦେବାକୁ ମଧ୍ୟ ଅନୁରୋଧ କରାଯାଇଥିଲା।

# ଖୋର୍ଦ୍ଧା ରୋଡ଼ ମଣ୍ଡଳ ରେଲୱେ ହସ୍ପିଟାଲରେ ଅନ୍ତର୍ଜାତୀୟ ନର୍ସ ଦିବସ ପାଳିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ସ୍ୱାସ୍ଥ୍ୟ ସେବା ତଥା ସମାଜରେ ନର୍ସମାନଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସମ୍ମାନିତ କରିବା ପାଇଁ, ଖୋର୍ଦ୍ଧା ରୋଡ଼ ଡିଭିଜନାଲ ରେଲୱେ ହସ୍ପିଟାଲରେ, ଆନ୍ତର୍ଜାତୀୟ ନର୍ସ ଦିବସ ପାଳନ କରାଯାଇଛି । ଏହି ଦିନଟି ମଧ୍ୟ ଫ୍ଲୋରେନ୍ସ ନାଇଟିଙ୍ଗଲେଙ୍କ ଜନ୍ମ ବାର୍ଷିକୀକୁ ସମ୍ମାନିତ କରାଯାଏ, ଯିଏ ଆଧୁନିକ ନର୍ସିଂର ପ୍ରତିଷ୍ଠାତା ଭାବରେ ପରିଗଣିତ ହୁଅନ୍ତି। ଏହି ସେବିକା ମାନଙ୍କୁ ଅଭିବାଦନ ଜଣାଇବା ଉଦ୍ଦେଶ୍ୟରେ, ଖୋର୍ଦ୍ଧା ରୋଡ଼ ଡିଭିଜନାଲ ରେଲୱେ ହସ୍ପିଟାଲରେ, ଆନ୍ତର୍ଜାତୀୟ ନର୍ସ ଦିବସ ଅବସରରେ, ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ କରଯାଇଥିଲା। ଏହି ଅବସୋର ରେ ଡ.ପି. କେ ଦାସ, ଅତିରିକ୍ତ ମୁଖ୍ୟ ଚିକିତ୍ସା ଅଧୀକ୍ଷକ (ଏସିଏମ୍‌ଏସ୍), ଡ. ପି. କେ. ପଟ୍ଟନାୟକ, ଅତିରିକ୍ତ ମୁଖ୍ୟ ଚିକିତ୍ସା ନିର୍ଦ୍ଦେଶକ, ସେଣ୍ଟ୍ରାଲ ହସ୍ପିଟାଲ, ମଞ୍ଚେଶ୍ୱର, ଉର୍ମିଳା ଦାସ, ସହକାରୀ ନର୍ସିଂ ଅଧିକାରୀ, ରେଲୱେ ହସ୍ପିଟାଲର ଅନ୍ୟ ଡାକ୍ତର, ନର୍ସ ଏବଂ ପାରାମେଡିକାଲ କର୍ମଚାରୀଙ୍କ ଉପସ୍ଥିତ ଥିଲେ। ଏହି ଅବସରରେ ଡକ୍ଟର ପି. କେ ଦାସ, କହିଛନ୍ତି ଯେ, ନର୍ସମାନେ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାର ହୃଦୟ ଅଟନ୍ତି। ନର୍ସମାନଙ୍କ ନିସ୍ୱାର୍ଥପରତା ଏବଂ ନିଷ୍ଠା ସମଗ୍ର ମାନବ ସମାଜ ପାଇଁ ଏକ ପ୍ରେରଣା ମଣ୍ଡଳ ରେଳ ହସ୍ପିଟାଲର ସମସ୍ତ ନର୍ସ ଫ୍ଲୋରେନ୍ସ ନାଇଟିଙ୍ଗାଲ ପ୍ରତିଶ୍ରୁତି ପାଳନ କରିବା ପାଇଁ ଶପଥ କରିଛନ୍ତି ଏବଂ ନିଜ ବୃତ୍ତିକୁ ବିଶ୍ୱସ୍ତ ଭାବରେ ଅଭ୍ୟାସ କରିବେ ଏବଂ ସମାଜର କଲ୍ୟାଣ ପାଇଁ ନିଜକୁ ଉତ୍ସର୍ଗ କରିବେ ବୋଲି ପ୍ରତିଶୃତି ଦେଇଛନ୍ତି। ମଣ୍ଡଳ ରେଳ ହସ୍ପିଟାଲରେ କାର୍ଯ୍ୟ କରୁଥିବା ନର୍ସମାନେ ଡାକ୍ତରଖାନାର ରୋଗୀମାନଙ୍କୁ ଫଳ ବଣ୍ଟନ କରିଥିଲେ। ଏକ ରଙ୍ଗୀନ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ କରାଯାଇଥିଲା। ଏହି ବର୍ଷ ଆନ୍ତର୍ଜାତୀୟ ନର୍ସ ଦିବସର ବିଷୟବସ୍ତୁ 'ଆମର ନର୍ସ, ଆମର ଭବିଷ୍ୟତ-ଯତ୍ନର ଆର୍ଥିକ ଶକ୍ତି' ବିଷୟରେ ଏକ ପାୱାର ପଏଣ୍ଟ ଉପସ୍ଥାପନା କରାଯାଇଥିଲା।

# ନୀତି ଓ ଆଦର୍ଶବାନ ଯୁବ ପିଢ଼ିଙ୍କ ଭବିଷ୍ୟତ ଉଜ୍ଜ୍ୱଳ

**କଟକ, ନ୍ୟୁଜ୍‌ବ୍ୟୁରୋ**

ଯୁବ ଶକ୍ତି ଦ୍ୱାରା ସମଗ୍ର ବିଶ୍ୱ ପରିଚାଳିତ ହେଉଛି। ସେମାନଙ୍କ ଚିନ୍ତା ଓ ଚେତନାର ପ୍ରତିଫଳନ ସ୍ୱରୂପ ଆମେ ନୂତନତ୍ୱ ଆଡକୁ ମୁହାଁଉଛେ। ବିଫଳତାକୁ ପଛରେ ପକାଇ ସଫଳ ହେବା ଯୁବବର୍ଗଙ୍କ ନିକଟରେ କୌଣସି ବଡ କଥା ନୁହେଁ। କିନ୍ତୁ ଆମେ ସେତେ ବେଳେ ସଫଳ ହେବା, ଯେବେ ଆମେ ନୈତିକତା ରକ୍ଷା କରିବା। ନୀତି ଓ ଆଦର୍ଶବାନ ଯୁବପିଢ଼ିଙ୍କ ଭବିଷ୍ୟତ ସବୁବେଳେ ଉଜ୍ଜ୍ୱଳ ବୋଲି ସେଲିବ୍ରେସନ ମଣ୍ଡପରେ ଆୟୋଜିତ ଚୌଦ୍ୱାର-କଟକ ବିଜୁ ଜନତା ଦଳର ଯୁବ ଓ ଛାତ୍ର ବୈଠକରେ ମତ ପ୍ରକାଶ ପାଇଛି। ଚୌଦ୍ୱାର-କଟକର ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କ ଆବାହକତ୍ୱରେ ଏହି ବୈଠକ ଡକାଯାଇଥିଲା। ଯୋଡ଼ି ଶଙ୍ଖରେ ମୋହର ମାରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତ ମୁଠା ଠାଣ କରିବାକୁ ଶ୍ରୀ ବିଶ୍ୱାଳ ଆହ୍ୱାନ ଦେଇଥିଲେ। ସାଂସଦ ପ୍ରାର୍ଥୀ ଡଃ ସଂତୃପ୍ତ ମିଶ୍ର ଯୋଗ ଦେଇ କହିଥିଲେ ଯେ, ବିଜୁ ଜନତା ଦଳର ଶାସନ କାଳରେ ଯୁବ ଓ ଛାତ୍ର ଗୋଷ୍ଠୀଙ୍କ ଭବିଷ୍ୟତ ଉପରେ କୌଣସି ଅଙ୍କୁଶ ନାହିଁ। ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ପାଇଁ ରାଜ୍ୟ ସରକାର ସବୁ ବେଳେ ଚେଷ୍ଟିତ ତଥାପି ଆଗାମୀ ଦିନରେ ନିଯୁକ୍ତି ସଂଖ୍ୟା ବୃଦ୍ଧି କରାଯିବ। ଚୌଦ୍ୱାର-କଟକ ନିର୍ବାଚନ ମଣ୍ଡଳୀର ବିକାଶ କରାଯାଉଛି। ଏହି ପରିପ୍ରେକ୍ଷୀରେ ଅନେକ ଯୁବପିଢ଼ି ରୋଜଗାରକ୍ଷମ ହେବାର ପନ୍ଥା ପାଇ ପାରିବେ ବୋଲି ଡଃ ମିଶ୍ର କହିଥିଲେ। ସେହିପରି ବିଧାୟକ ପ୍ରାର୍ଥୀ ସୌଭିକ ବିଶ୍ୱାଳ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୁବ ଓ ଛାତ୍ରଙ୍କ ପାଇଁ ଯେଉଁ ସବୁ ନିଷ୍ପତ୍ତି ନେଇଛନ୍ତି ତାହା ଯୁଗାନ୍ତକାରୀ। ନୂଆ ଓଡ଼ିଶା ଗଠନର କର୍ଣ୍ଣଧାର ଶ୍ରୀ ପଟ୍ଟନାୟକ ସମସ୍ତ କ୍ଷେତ୍ରରେ ଯୁବପିଢ଼ିଙ୍କୁ ଅଗ୍ରାଧିକାର ଦେଇ ଆସିଛନ୍ତି ଯାହା ଏକ ସୁଶାସନର ପ୍ରମାଣ ବୋଲି ସେ କହିଥିଲେ। ଜିଲ୍ଲା ଯୁବ ବିଜେଡି ସଭାପତି ସ୍ମୃତି ରଞ୍ଜନ ନାୟକ, ଚୌଦ୍ୱାର-କଟକ ଯୁବ ସଭାପତି ଅଶୋକ ମିତ୍ର, ଜିଲ୍ଲା ଛାତ୍ର ବିଜେଡିର କାର୍ଯ୍ୟକାରୀ ସଭାପତି ସାଇ ସିଦ୍ଧାର୍ଥ, ଚୌଦ୍ୱାର କଟକ ଛାତ୍ର ବିଜେଡି ସଭାପତି ଅଚ୍ୟୁତ ଘୋଷ ପ୍ରମୁଖ ଉପସ୍ଥିତ ଥିଲେ। ଭବାନୀ ଶଙ୍କର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ୪ର୍ଥ ପର୍ଯ୍ୟାୟରେ ବି କମ୍ ମତଦାନ...

କରିଛନ୍ତି। ଅପରାହ୍ନ ୫ଟା ସୁଦ୍ଧା ଆନ୍ଧ୍ରପ୍ରଦେଶରେ ୬୮.୦୪ ପ୍ରତିଶତ ଓ ମଧ୍ୟପ୍ରଦେଶରେ ୬୮.୦୧ ପ୍ରତିଶତ ମତଦାତା ମତାଧିକାର ସାବ୍ୟସ୍ତ କରିଛନ୍ତି। ଅପରାହ୍ନ ୫ଟା ସୁଦ୍ଧା ଝାଡ଼ଖଣ୍ଡରେ ୬୩.୧୪ ପ୍ରତିଶତ, ଓଡ଼ିଶାରେ ୬୨.୯୬ ପ୍ରତିଶତ, ତେଲେଙ୍ଗାନାରେ ୬୧.୧୬ ପ୍ରତିଶତ, ଉତ୍ତରପ୍ରଦେଶରେ ୫୬.୩୫ ପ୍ରତିଶତ, ବିହାରରେ ୫୪.୧୪ ପ୍ରତିଶତ, ମହାରାଷ୍ଟ୍ରରେ ୫୨.୪୯ ପ୍ରତିଶତ ଏବଂ ଜମ୍ମୁ-କଶ୍ମୀରରେ ୩୫.୭୫ ପ୍ରତିଶତ ମତଦାତା ସେମାନଙ୍କ ମତାଧିକାର ସାବ୍ୟସ୍ତ କରିଛନ୍ତି।

## ରାଜ୍ୟରେ ସନ୍ଧ୍ୟା ୬ଟା ସୁଦ୍ଧା...

ସଂସଦୀୟ କ୍ଷେତ୍ରରେ ୬୧.୪୩ ପ୍ରତିଶତ ମତଦାନ ହୋଇଥିବା ବେଳେ ନବରଙ୍ଗପୁରରେ ୬୮.୭୪ ପ୍ରତିଶତ, କଳାହାଣ୍ଡିରେ ୬୬.୦୭ ପ୍ରତିଶତ ଏବଂ ବ୍ରହ୍ମପୁରରେ ସର୍ବନିମ୍ନ ୫୮ ପ୍ରତିଶତ ସନ୍ଧ୍ୟା ସୁଦ୍ଧା ହୋଇଥିବାର ରିପୋର୍ଟ ଆସିଛି। ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ସନ୍ଧ୍ୟା ସୁଦ୍ଧା ୪୭.୯୦ ପ୍ରତିଶତ ମତଦାନ ହୋଇଥିବା ରିପୋର୍ଟ ମିଳିଛି। ମାଲକାନଗିରିର ସ୍ୱାଭିମାନ ଅଞ୍ଚଳରେ ମଧ୍ୟ ଖୁବ୍ ଉତ୍ସାହର ସହ ଲୋକେ ମତଦାନ କରିଥିଲେ । ଏଠାରେ ଥିବା ୨୩ ବୁଥ୍‌ରେ ସନ୍ଧ୍ୟା ୫ଟା ସୁଦ୍ଧା ମତଦାନ ହାର ୬୫.୪୬ ପ୍ରତିଶତ ରହିଥିଲା । ସକାଳୁ ମକ୍‌ପୋଲ୍ ସମୟରେ ଅଳ୍ପ କିଛି ସ୍ଥାନରେ ଇଭିଏମ୍ କଣ୍ଟ୍ରୋଲ ୟୁନିଟ୍, ବାଲାଟ ୟୁନିଟ୍ ଭିଭିପାଟରେ ତ୍ରୁଟି ଦେଖାଦେଇଥିଲା । ସେ ସମସ୍ତ ୟୁନିଟଗୁଡ଼ିକ ଦୂରରେ ବଦଳାଯାଇଥିଲା ଓ ମତଦାନ ସ୍ୱାଭାବିକ ଭାବରେ ଚାଲିଥିଲା । ଏହି ପର୍ଯ୍ୟାୟ ମତଦାନରେ ଆଦର୍ଶ ମତଦାନ କେନ୍ଦ୍ରରେ ଗଣତନ୍ତ୍ରର ମହାପର୍ବର ଖୁବ୍ ସୁନ୍ଦର ଚିତ୍ର ଦେଖିବାକୁ ମିଳିଥିଲା । ସଖି ବୁଥ୍, ସଂପୂର୍ଣ୍ଣ ଯୁବ କର୍ମଚାରୀ ପରିଚାଳିତ ବୁଥ୍, ସଂପୂର୍ଣ୍ଣ ଭିନ୍ନକ୍ଷମ କର୍ମଚାରୀ ପରିଚାଳିତ ବୁଥ୍ ଆଦିରେ ମତଦାତାମାନଙ୍କୁ ସ୍ୱାଗତ କରାଯାଇଥିଲା । ଅନେକ ବୁଥ୍‌ରେ ସ୍ଥାନୀୟ ଚିତ୍ରକଳା, ଆଦିବାସୀ ଥିମ୍ ଆଦି ଦେଖିବାକୁ ମିଳିଥିଲା । ସମସ୍ତ ବୁଥ୍‌ରେ ମତଦାତାମାନଙ୍କୁ ମତଦାନର ସୁଖଦ ଅନୁଭୂତି ଦିଆଯିବା ପାଇଁ ପୋଲିଂ କର୍ମଚାରୀମାନେ ପ୍ରୟାସ କରିଥିଲେ । ସମସ୍ତ ବୁଥ୍‌ରେ ପାନୀୟ ଜଳ, ଛାଇ ଓ ସେଲ୍‌ଫି ଷ୍ଟାଣ୍ଡର ବ୍ୟବସ୍ଥା କରାଯାଇଥିଲା। ପ୍ରତିଟି ବୁଥ୍‌ରେ ଭୋଟର ସହାୟତା କେନ୍ଦ୍ର ଖୋଲାଯାଇଥିଲା । ହ୍ୱିଲ୍ ଚେୟାର ମାଧ୍ୟମରେ ଭିନ୍ନକ୍ଷମ ଓ ବରିଷ୍ଠ ଭୋଟରମାନଙ୍କୁ ସ୍ୱେଚ୍ଛାସେବୀମାନେ ମତଦାନରେ ସାହାର୍ଯ୍ୟ କରିଥିଲେ । ସେମାନଙ୍କୁ ଘରୁ ମତଦାନ କେନ୍ଦ୍ର ଆସିବା ଓ ଯିବା ପାଇଁ ମାଗଣାରେ ଯାନ ଯୋଗାଇ ଦିଆଯାଇଥିଲା । ସମସ୍ତ ମତଦାନ କେନ୍ଦ୍ରରେ ସୁରକ୍ଷା ବ୍ୟବସ୍ଥା ପ୍ରତି ବିଶେଷ ଧ୍ୟାନ ରଖାଯାଇଥିଲା । ୱେବକାଷ୍ଟିଂ ଦ୍ୱାରା ପ୍ରାୟ ୬୦ ପ୍ରତିଶତରୁ ଊର୍ଦ୍ଧ୍ୱ ବୁଥ୍ ଉପରେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରୁ ଦୃଷ୍ଟି ରଖାଯାଇଥିଲା । ନିର୍ବାଚନ ପରିଚାଳନା ସମ୍ବନ୍ଧରେ ବିଶେଷ ଜ୍ଞାନ ଥିବା ବରିଷ୍ଠ ଅଧିକାରୀମାନେ ଅତିରିକ୍ତ ମୁଖ୍ୟ ନିର୍ବାଚନ ଅଧିକାରୀ ଡକ୍ଟର ଏନ. ଶିଶୁମାଲା ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୱେବକାଷ୍ଟିଂ ଦ୍ୱାରା ଉକ୍ତ ବୁଥ୍ ଗୁଡ଼ିକ ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିଥିଲେ । ସମସ୍ତ ମତଦାନ କେନ୍ଦ୍ରରେ ନିର୍ଦ୍ଧାରିତ ସମୟରେ ମତଦାନ ସମାପ୍ତ ହୋଇଥିଲା । ସବୁ ସ୍ଥାନରୁ ପୋଲିଂ ପାର୍ଟି ମାନେ ମଧ୍ୟ ପ୍ରତ୍ୟାବର୍ତ୍ତନ କରିବା ଆରମ୍ଭ କରିଛନ୍ତି । ନୂଆପଡ଼ା ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ଥିବା ୩ଟି ବୁଥ୍‌ରୁ ପୋଲିଂ ପାର୍ଟି ମାନଙ୍କୁ ଏୟାର ଲିଫ୍ଟ କରାଯାଇଛି । ଶାନ୍ତିଶୃଙ୍ଖଳା ମଧ୍ୟରେ ମୁକ୍ତ, ଅବାଧ ଓ ନିରପେକ୍ଷ ମତଦାନ ପ୍ରକ୍ରିୟା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଧଳ ପୋଲିଂ ପାର୍ଟି ଓ ସୁରକ୍ଷାକର୍ମୀମାନଙ୍କୁ ସାଧୁବାଦ ଜଣାଇଛନ୍ତି। ଏହା ସହ ମତଦାନ କରି ଭାରତୀୟ ଗଣତନ୍ତ୍ରକୁ ସୁଦୃଢ଼ କରିଥିବା ପ୍ରତିଟି ମତଦାତା, ବରିଷ୍ଠ ମତଦାତା, ଯୁବ ମତଦାତା ଓ ଭିନ୍ନକ୍ଷମ ମତଦାତାମାନଙ୍କୁ ମୁଖ୍ୟ ନିର୍ବାଚନ ଅଧିକାରୀ ଗଭୀର କୃତଜ୍ଞତା ଜ୍ଞାପନ କରିଛନ୍ତି ।

## ଧର୍ମ ଆଧାରରେ କାହାରିକୁ ...

ସେ କହିଛନ୍ତି, "ଇଣ୍ଡିଆ ମେଣ୍ଟ'ର ନେତାମାନେ କହୁଛନ୍ତି ଯେ ପାକିସ୍ତାନ ଚୁଡ଼ି ପିନ୍ଧିନାହିଁ। ଯଦି ଚୁଡ଼ି ପିନ୍ଧିନାହିଁ ତାହାକୁ ପିନ୍ଧାଇବାକୁ ପଡିବ । ଏବେ ସେମାନଙ୍କୁ ଅଟା ଦରକାର, ବିଜୁଳି ବି ନାହିଁ। ଆମେ ଜାଣିନଥିଲୁ ଯେ ସେମାନଙ୍କ ପାଖରେ ଚୁଡ଼ି ମଧ୍ୟ ନାହିଁ ।" ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ମୁମ୍ବାଇ ଆକ୍ରମଣ ମାମଲାରେ କେତେକ ନେତା ପାକିସ୍ତାନକୁ କ୍ଲିନ୍ ଚିଟ୍ ଦେଉଛନ୍ତି। କେହି ସର୍ଜିକାଲ ଓ ଏୟାର ଷ୍ଟ୍ରାଇକ୍ କୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଏହି ବାମପନ୍ଥୀମାନେ ଭାରତର ପରମାଣୁ ଅସ୍ତ୍ରକୁ ଶେଷ କରିବାକୁ ଚାହୁଁଥିଲେ। ଲାଗୁଛି ଯେମିତି ଭାରତ ବିରୁଦ୍ଧରେ ଇଣ୍ଡି ଆଲାଏନ୍ସ କାହାଠାରୁ ସୁପାରି ନେଇଛି ବୋଲି ପ୍ରଧାନମନ୍ତ୍ରୀ କଟାକ୍ଷ କରିଛନ୍ତି।

## ଦୁଇ ପ୍ରିଜାଇଡିଂ ଅଫିସରଙ୍କ...

ତେଣୁ ସେମାନଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଥିବା ଶ୍ରୀ ଧଳ କହିଛନ୍ତି। ଏହା ସହିତ ଗୋପାଳପୁରର ୧୯୩ ନମ୍ବର ବୁଥର ପ୍ରିଜାଇଡିଂ ଅଫିସରଙ୍କୁ ନିଲମ୍ବନ କରିବା ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ସେ କହିଛନ୍ତି। ସୂଚନା ଅନୁଯାୟୀ ଛତ୍ରପୁରର ୨୭ ଓ ୧୬୩ ନମ୍ବର ବୁଥର ପ୍ରିଜାଇଡିଂ ଅଫିସର ମତଦାତାଙ୍କୁ ପ୍ରଭାବିତ କରିବାକୁ ଚେଷ୍ଟା କରିଥିଲେ। ଏହା ପୂର୍ବରୁ ଗଞ୍ଜାମର ଚିକିଟିର ୭୪ ନମ୍ବର ବୁଥର ପ୍ରିଜାଇଡିଂ ଅଫିସରଙ୍କୁ ନିଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଥିଲେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ। ତା'ସହିତ କଳାହାଣ୍ଡି ଜିଲ୍ଲା ନର୍ଲାର ଏକ ବୁଥ୍‌ରେ ନିୟୋଜିତ ଜଣେ ପୋଲିଂ ଅଧିକାରୀଙ୍କୁ ମଧ୍ୟ ସସପେଣ୍ଡ୍ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୋମବାର ବ୍ରହ୍ମପୁର, କୋରାପୁଟ, ନବରଙ୍ଗପୁର ଓ କଳାହାଣ୍ଡି ଲୋକସଭା ଆସନ ଏବଂ ଏହା ଅନ୍ତର୍ଗତ ୨୮ଟି ବିଧାନସଭା ଆସନ ପାଇଁ ଭୋଟ୍ ଗ୍ରହଣ କରାଯାଇଛି।

## ଢେଙ୍କାନାଳ ଲୋକସଭା ନିର୍ବାଚନ ମଣ୍ଡଳୀରେ...

କାହିଁକି କରିପାରିଲେ ନାହିଁ ? ନିଜ ଅଞ୍ଚଳ, ନିଜ ମାଟି ପାଇଁ କ'ଣ କରିଛନ୍ତି ? ମନ୍ତ୍ରୀ ହେବାର ୧୦ ବର୍ଷ ବିତିଲା କିନ୍ତୁ ନିଜ ଗାଁ ଲୋକଙ୍କ ମନକୁ ଜିଣିପାରିଲେ ନାହିଁ । ନିର୍ବାଚନମଣ୍ଡଳୀ ବଦଳାଇ ନିଜକୁ ସମ୍ବଲପୁରକୁ କୋରିଅର କରିଦେଲେ। ଏବେ ସେଠି ଲୋକଙ୍କୁ ଭୁଆଁ ବୁଲାଇବା ପାଇଁ ଚେଷ୍ଟା କରୁଛନ୍ତି । ନବୀନ ପଟ୍ଟନାୟକ ଓଡ଼ିଶାର କୌଣସି ଜିଲ୍ଲାରେ ନିର୍ବାଚନ ଲଢ଼ିବାକୁ ଡରୁ ନାହାନ୍ତି, କେନ୍ଦ୍ରମନ୍ତ୍ରୀ ନିଜ ମାଟିରେ ଛିଡ଼ା ହେବାକୁ କାହିଁକି ଡରୁଛନ୍ତି । କେନ୍ଦ୍ରମନ୍ତ୍ରୀ ଓଡ଼ିଶାରେ ଗୋଟିଏ ବି କେନ୍ଦ୍ରୀୟ ବିଦ୍ୟାଳୟ କିମ୍ବା ଜବାହର ନବୋଦୟ ବିଦ୍ୟାଳୟ ଖୋଲିଛନ୍ତି କି ? ଗୋଟିଏ ବି ଦକ୍ଷତା ବିକାଶ କେନ୍ଦ୍ର ଖୋଲିଛନ୍ତି କି ? କଟକ-ସମ୍ବଲପୁର ରାସ୍ତା ଏ ପର୍ଯ୍ୟନ୍ତ କରିପାରିଲେନି । ତୈଳମନ୍ତ୍ରୀ ଭାବେ ପେଟ୍ରୋଲ, ଡିଜେଲ, ଏଲ୍.ପି.ଜି. ଦର କମେଇ ପାରିଲେ କି ? କେନ୍ଦ୍ରମନ୍ତ୍ରୀଙ୍କ ନିଜ ଗାଁସ୍କୁଲର ୫-ଟି ରୂପାନ୍ତରଣ ମଧ୍ୟ ମୁଖ୍ୟମନ୍ତ୍ରୀ କରିଛନ୍ତି । ଯେଉଁ ବ୍ୟକ୍ତିର ସେବା ନୁହେଁ କେବଳ କ୍ଷମତା ଲୋଭ ଥିବ ସେ କେବେ ବି ଜିତି ପାରିବ ନାହିଁ, ମୁଖ୍ୟମନ୍ତ୍ରୀ ଚୌକି ଲୋଭ ଥିବା ବ୍ୟକ୍ତି କେବେ ବି ଭଲ କାମ କରିପାରିବେ ନାହିଁ। ଦୁଇଦିନ ତଳେ ମାନ୍ୟବର ପ୍ରଧାନମନ୍ତ୍ରୀ ଓଡ଼ିଶାବାସୀଙ୍କୁ ସୋଲାର ପ୍ୟାନେଲ ମାଧ୍ୟମରେ ମାଗଣା ବିଜୁଳି ଦେବେ ବୋଲି କହିଲେ । କିନ୍ତୁ ଏଥିପାଇଁ ଆପଣଙ୍କୁ ୫୦ ହଜାର ଟଙ୍କା ଦେବାକୁ ପଡ଼ିବ । ଏଇଟା ହେଉଛି ବିଜେପିର ମାଗଣା ବିଜୁଳି । ଶ୍ରୀ ପାଣ୍ଡିଆନ ଦୃଢୋକ୍ତି ପ୍ରକାଶ କରି କହିଲେ ଯେ ଜୁନ ୯ ତାରିଖରେ ୯.୩୦ ରୁ ୧.୦୦ ମଧ୍ୟରେ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବେ, ପ୍ରଥମ ଦସ୍ତଖତ କରିବେ ଓଡ଼ିଶାର ୯୦ ପ୍ରତିଶତ ପରିବାରର ବିଜୁଳି ବିଲ ରଦ୍ଦ କରିବା ପାଇଁ, ମୁଖ୍ୟମନ୍ତ୍ରୀ ମାଗଣା ବିଜୁଳି ଦେବେ, ଆପଣମାନେ ଖୁସି ତ ? ଡବଲ ଇଞ୍ଜିନ ସରକାର ଦିନରେ ଆପଣଙ୍କୁ ଭୁଆଁ ବୁଲାଉଛନ୍ତି, ଦିନରେ ଲଣ୍ଠନ ଦେଖାଉଛନ୍ତି, ନିର୍ବାଚନ ସରିଗଲେ ଏମାନଙ୍କୁ ଆପଣ ଖୋଜିଲେ ବି ପାଇବେନି। ପାଲଲହଡାରେ ସ୍ୱାଧିନତା ସଂଗ୍ରାମୀ ପବିତ୍ର ମୋହନ ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ ପାଣ୍ଡିଆନ କହିଲେ ଯେ ଏହି ପବିତ୍ର ମାଟିର ବରପୁତ୍ରମାନଙ୍କର ସମ୍ମାନ ରଖିବା ପାଇଁ କେନ୍ଦ୍ରମନ୍ତ୍ରୀ କିଛି କରିଛନ୍ତି କି ? ଏ ମାଟିରେ ଜନ୍ମ ହୋଇ ଜନ୍ମମାଟିକୁ ଭୁଲି ଯାଇଛନ୍ତି । ସେ ପୁଣି କହିଲେ ଯେ ସାମ୍ବାଦିକ ସମ୍ମିଳନୀରେ ବିଜେପି ନେତା ଦାବି କରୁଛନ୍ତି ଯେ କ୍ଷମତାକୁ ଆସିଲେ ଓଡ଼ିଶାକୁ ୧ ନମ୍ବର କରିବେ । ୧ ନମ୍ବର ନୁହେଁ, ରାଜ୍ୟକୁ ୨୫ ବର୍ଷ ତଳକୁ ନେଇଯିବେ । ଯେଉଁ ରାଜ୍ୟରେ ଅଛନ୍ତି ସେଠି ଏହାହିଁ କରିଛନ୍ତି । ସୋମବାର ସକାଳର ବିଜେପିର ପ୍ରେସ୍‌ମିଟ ପ୍ରସଙ୍ଗ ଉଠାଇ ସେ କହିଲେ ଯେ ବିଜେପିର ଟାଣୁଆ ନେତାମାନେ ମିଶି ସାମ୍ବାଦିକ ସମ୍ମିଳନୀ କରିଥିଲେ, ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିବା ପାଇଁ । କିନ୍ତୁ ନିଜ ନିଜ ଭିତରେ ଝଗଡ଼ା ଲାଗି ବନ୍ଦ ହୋଇଗଲା । ବିଜେପିକୁ ଚ୍ୟାଲେଞ୍ଜ କରି ସେ କହିଲେ ଯେ ମୁଁ ତାଙ୍କୁ ଆହ୍ୱାନ କରୁଛି ନବୀନ ବାବୁଙ୍କ ବିପକ୍ଷରେ କାହାକୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଭାବେ ଘୋଷଣା କରିବେ ଯଦି କରନ୍ତୁ । ଓଡ଼ିଶାବାସୀ ତା'ର ଉଚିତ ଜବାବ ଦେବେ । ଏତେ ମିଛ କଥାକୁ ଓଡ଼ିଶାବାସୀ ଗ୍ରହଣ କରିବେ ନାହିଁ। ଶେଷରେ ବିଜେଡିର ଉଭୟ ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ୫୦ ହଜାର ମାର୍ଜିନରେ ଆଶୀର୍ବାଦ କରି ମୁଖ୍ୟମନ୍ତ୍ରୀଙ୍କ ହାତମୁଠାକୁ ଆହୁରି ଟାଣ କରିବା ପାଇଁ ସେ ଅନୁରୋଧ କରିଥିଲେ । କର୍ମୀମାନଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବୋଧନ କରି ସେ କହିଲେ ଯେ ଓଡ଼ିଶାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ବିରୋଧୀଙ୍କୁ ମୁହଁତୋଡ଼ ଜବାବ ଦିଅନ୍ତୁ ।ସଭାଗୁଡ଼ିକରେ ଦଳର ସାଂସଦ ଓ ବିଧାୟକ ପ୍ରାର୍ଥୀମାନେ ନିଜର ଅଭିଭାଷଣ ରଖି ବିଜୁ ଜନତା ଦଳକୁ ବିପୁଳ ଭୋଟରେ ଜିତାଇ ନବୀନ ବାବୁଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ଅନୁରୋଧ କରିଥିଲେ ।

# ଶ୍ରୀରାମପୁର ପଞ୍ଚାୟତରେ କଂଗ୍ରେସର ମିଶ୍ରଣ ପର୍ବ



**ବାଲେଶ୍ୱର, ନ୍ୟୁଜ୍**

ସଦର ବ୍ଲକ ଅନ୍ତର୍ଗତ ଶ୍ରୀରାମପୁର ପଞ୍ଚାୟତର ଖଡ଼ିକାପଦା ଗ୍ରାମରେ ସଦର ବ୍ଲକ୍ କଂଗ୍ରେସ ସଭାପତି ଜୟକୃଷ୍ଣ ବେହେରାଙ୍କ ଆହ୍ୱାନ କ୍ରମେ ବିଶାଳ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଶ୍ରୀରାମପୁର ପଞ୍ଚାୟତର ବିଜେଡିର ସକ୍ରିୟ କର୍ମୀ ଥିବା ଅଜୟ କୁମାର ଗିରି ସମେତ ଶତାଧିକ କର୍ମୀ ଏବଂ ଭୋଟର କଂଗ୍ରେସରେ ଯୋଡ଼ି ହୋଇଛନ୍ତି । କଂଗ୍ରେସ ଦଳର ସାଂସଦ ପ୍ରାର୍ଥୀ ଶ୍ରୀକାନ୍ତ ଜେନାଙ୍କର କାର୍ଯ୍ୟ କରିବାର ଦକ୍ଷତା ଏବଂ ବିଧାୟକ ପ୍ରାର୍ଥନୀ ଇଂ ମୋନାଲିସା ସାମଲଙ୍କର ଶିକ୍ଷାଗତ ଯୋଗ୍ୟତା ଉପରେ ଭରସା କରି ଶ୍ରୀରାମପୁର ପଞ୍ଚାୟତର ଅଜୟ କୁମାର ଗିରି ସମେତ ବହୁ ଅନ୍ୟ ଦଳର କର୍ମୀ କଂଗ୍ରେସରେ ଯୋଗ ଦେଇଛନ୍ତି। ଏହି ମିଶ୍ରଣ ପର୍ବରେ ସଦର କଂଗ୍ରେସ ବିଧାୟିକା ପ୍ରାର୍ଥିନୀ ମୋନାଲିସା ସାମଲ ଉପସ୍ଥିତ ରହି ସମସ୍ତ ନବାଗତଙ୍କୁ କଂଗ୍ରେସ ଉତ୍ତରୀୟ ପ୍ରଦାନ କରି ଦଳକୁ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ କେକେସିର ରାଜ୍ୟ ଉପସଭାପତି ଜୋସ୍ନା ରାଣୀ ସେନାପତି, ଶ୍ରୀରାମପୁର ପଞ୍ଚାୟତର କଂଗ୍ରେସ ସଭାପତି ଉମେଶ ଚନ୍ଦ୍ର ବାରିକ ଗୌରାଙ୍ଗ ମହାପାତ୍ର କରୁଣାକର ଜେନା ରସଲପୁର ପଞ୍ଚାୟତର କଂଗ୍ରେସ ସଭାପତି ଜଳଧର ବେହେରା, ଅଧିର ମହାପାତ୍ର ପ୍ରଭୃତି ଉପସ୍ଥିତ ଥିଲେ। କଂଗ୍ରେସକୁ ଆସିଥିବା ବ୍ୟକ୍ତିମାନଙ୍କ ମଧ୍ୟରେ ଅଜୟ କୁମାର ଗିରି, ସଂଜୟ କୁମାର ଗିରି, ହେମନ୍ତ କୁମାର ମହାପାତ୍ର, ପୂର୍ଣ୍ଣ ଚନ୍ଦ୍ର ଗିରି ଉପେନ୍ଦ୍ର ନାୟକ, ମନୋରଞ୍ଜନ ମହାପାତ୍ର, ସତ୍ୟବ୍ରତ ଗିରି, ବିନୋଦ ମହାପାତ୍ର ଅଶୋକ ମହାପାତ୍ର, ରାଜେଶ ଗିରି, ବରେନ୍ଦ୍ର ନାୟକ ଇତ୍ୟାଦି ଉପସ୍ଥିତ ଥିଲେ।

# ଏସ୍‌ଏଚ୍‌ଏମ୍‌ରେ ମହିଳାଙ୍କ ନିମନ୍ତେ ବେକରୀ ଖାଦ୍ୟ ପ୍ରସ୍ତୁତି ପ୍ରଶିକ୍ଷଣ ଆରମ୍ଭ



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ମହିଳାମାନଙ୍କୁ ବେକରୀ ଓ କନ୍‌ଫେକ୍ସନାରୀ ଖାଦ୍ୟ ପ୍ରସ୍ତୁତି ପ୍ରଣାଳୀର ପ୍ରଶିକ୍ଷଣ ଦେବା ନିମନ୍ତେ ସୋମବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସ୍କୁଲ୍ ଅଫ୍ ହୋଟେଲ ମ୍ୟାନେଜମେଣ୍ଟ ପକ୍ଷରୁ ଏକ ୬-ଦିନିଆ ରନ୍ଧନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ୱି କ୍ୟାନ୍ ବେକ୍' ସୋମବାର ଆରମ୍ଭ ହୋଇଛି। ଗତବର୍ଷ ଖାଦ୍ୟ ରନ୍ଧନ ପ୍ରଣାଳୀ ପ୍ରଶିକ୍ଷଣ କାର୍ଯ୍ୟକ୍ରମ 'ୱି କ୍ୟାନ୍ କୁକ୍' ଆୟୋଜିତ କରାଯାଇଥିବା ବେଳେ ଚଳିତ ବର୍ଷ 'ୱି କ୍ୟାନ୍ ବେକ୍'ର ଆୟୋଜନ କରାଯାଇଛି। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଫ୍ରୁଟ୍ କେକ୍, ମିଲେଟ୍ କୁକିଜ୍, ଚକଲେଟ୍ ପେଷ୍ଟ୍ରି, ଡାନିସ୍ ପେଷ୍ଟ୍ରି, ଆସୋର୍ଟେଡ ପଫ୍, ପାଟିସ୍, ପାଇନାପଲ୍ ପେଷ୍ଟ୍ରି, ଚକୋ ଚିପ୍‌ସ କୁକିଜ୍, ଆସୋର୍ଟେଡ୍ ପିଜା, ବ୍ରେଡ୍ ଷ୍ଟିକ୍ସ, ରୋଲ୍ ଓ କ୍ରିମ୍ କାରାମେଲ୍ ପ୍ରଭୃତିର ପ୍ରସ୍ତୁତି ପ୍ରଣାଳୀ ଶିକ୍ଷା ଦିଆଯିବ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରାୟ ୩୫ ଜଣ ମହିଳା ସାମିଲ ହୋଇଛନ୍ତି। ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ ଅବସରରେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର)ର ଆଡିସ୍ନାଲ୍ ଡିନ୍ (ଷ୍ଟୁଡେଂଟ୍ ଆଫେୟାରସ୍) ପ୍ରଫେସର ରେଣୁ ଶର୍ମା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଖାଦ୍ୟ ରନ୍ଧନ ଖୁବ୍ ଭଲ ଅନୁଭବ ଏବଂ ମା'ର ହାତ ରନ୍ଧାର ତୁଳନା ନାହିଁ ବୋଲି କହିଥିଲେ। ଘରର ମହିଳାଟି ଯେଉଁ ଶ୍ରଦ୍ଧାରେ ଖାଦ୍ୟ ରାନ୍ଧିକି ଦିଏ ତାହାର ସ୍ୱାଦ ଖୁବ୍ ନିଆରା ବୋଲି ସେ କହିଥିଲେ। ମହିଳାମାନେ କିଭଳି ରୁଚିକର ଓ ପୁଷ୍ଟିକର ଖାଦ୍ୟ ପ୍ରସ୍ତୁତ କରିପାରିବେ ଓ ନିଜେ ସ୍ୱାବଲମ୍ବୀ ହୋଇପାରିବେ ତାହା ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ବୋଲି ପ୍ରଫେସର ଶର୍ମା କହିଥିଲେ। ଏହି ଅବସରରେ ଏସ୍‌ଏଚ୍‌ଏମ୍‌ର ଡିନ୍ ପ୍ରଫେସର ସୁଶାନ୍ତ ରଞ୍ଜନ ଚଇନି ସ୍ୱାଗତ ଭାଷଣ ଦେଇ ଏହି କାର୍ଯ୍ୟକ୍ରମ ବିଷୟରେ ବିସ୍ତୃତ ତଥ୍ୟ ରଖିଥିବା ବେଳେ ସିନିୟର ପ୍ରଫେସର ସପନ୍ ସନ୍ତୁଆଳ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ମହିଳା ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଆସିଷ୍ଟାଣ୍ଟ ପ୍ରଫେସର ପତିତପାବନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

**ଓଡିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା** CAD-110

ସଚିବାଳୟ ମାର୍ଗ , ଭୁବନେଶ୍ୱର - ୭୫୧୦୦୧

ଫୋନ୍ : (୦୬୭୪) ୨୩୯୩୫୨୪

ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧

ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍ ସାଇଟ୍ : www.oshb.org

**ବିଜ୍ଞାପନ**

ପତ୍ର ସଂଖ୍ୟା ୧୦୬ ତା. :୦୪.୦୫.୨୦୨୪

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି ନିମ୍ନଲିଖିତ ସ୍ଥାବର ସମ୍ପତ୍ତି ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ନୁହେଁ ।

| କ୍ର.ନଂ. ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ୧ ୰ କ୍ଷେତ୍ରମଣି ମିଶ୍ର, ସ୍ୱାମୀ- ୰ ରାଧାନାଥ ମିଶ୍ର, ସା/ପୋ-ଶ୍ରୀପୁରୁଷୋତ୍ତମପୁର, ଥାନା-ଡେଲାଙ୍ଗ, ଜିଲ୍ଲା-ପୁରୀ | ଏଲ୍.ଆଇ.ଭି.- ୪୧୦ LIV-410, ଡୁମୁଡୁମା, ଚତୁର୍ଥ ପର୍ଯ୍ୟାୟ ହାଉସିଂ ପ୍ରକଳ୍ପ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା | ୧-ମନୋରଞ୍ଜନ ମିଶ୍ର-(ପୁତ୍ର) ୨-ଜ୍ଞାନରଞ୍ଜନ ମିଶ୍ର-(ପୁତ୍ର) ୩-ଶ୍ରଦ୍ଧାଞ୍ଜଳି ମିଶ୍ର-(ବି.କନ୍ୟା) |

ସ୍ୱା- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

OIPR-13030/11/0095/2425

ଭୁବନେଶ୍ୱର
୧୪ ମଇ
ମଙ୍ଗଳବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

# ଭାରତରେ କୋଇଲା ଆମଦାନୀ ୭.୭% ବୃଦ୍ଧି



**ଭୁବନେଶ୍ୱର, ୧୩।୫ ନ୍ୟୁଜ ବ୍ୟୁରୋ** ୨୦୨୩-୨୪ ଆର୍ଥିକ ବର୍ଷରେ ଭାରତର କୋଇଲା ଆମଦାନୀ ୭.୭% ବୃଦ୍ଧି ହୋଇ ୨୬୮.୨୪ ମେଟ୍ରିକ୍ ଟନ୍ (ଏମଟି)ରେ ପହଞ୍ଚିଛି। ବିଟୁବି ଇ-କମର୍ସ କମ୍ପାନୀ ଏମଜଙ୍କଶନ୍ ସର୍ଭିସେସ୍ ରିପୋର୍ଟ ଅନୁଯାୟୀ, ୨୦୨୨-୨୩ ଆର୍ଥିକ ବର୍ଷରେ ଭାରତର କୋଇଲା ଆମଦାନୀ ୨୪୬.୦୬ ଏମ୍‌ଟି ଥିବାବେଳେ ୨୦୨୩-୨୪ ଆର୍ଥିକ ବର୍ଷର ମାର୍ଚ୍ଚରେ କୋଇଲା ଆମଦାନୀ ଗତ ଆର୍ଥିକ ବର୍ଷର ସମାନ ମାସରେ ୨୧.୧୨ ଏମଟିରୁ ୨୩.୯୬ ଏମଟିକୁ ବୃଦ୍ଧି ପାଇଛି। ୨୦୨୪ ମାର୍ଚ୍ଚରେ ରେକର୍ଡ ହୋଇଥିବା ମୋଟ ପରିମାଣ ମଧ୍ୟରୁ ନନ୍‌କୋକିଂ କୋଇଲା ଆମଦାନୀ ୧୫.୩୩ ଏମଟିରେ ପହଞ୍ଚିଛି। ୨୦୨୩ ମାର୍ଚ୍ଚରେ ଏହାର ପରିମାଣ ୧୩.୮୮ ଏମଟି ରହିଥିଲା। ୨୦୨୪ ମାର୍ଚ୍ଚରେ କୋକିଂ କୋଇଲା ଆମଦାନୀ ୫.୩୪ ଏମ୍‌ଟି ରହିଥିବାବେଳେ ବର୍ଷକ ପୂର୍ବେ ୩.୯୬ ଏମ୍‌ଟିରୁ ବୃଦ୍ଧି ପାଇଥିଲା। ୨୦୨୪ ମାର୍ଚ୍ଚ ସୁଦ୍ଧା ନନ୍‌କୋକିଂ କୋଇଲା ଆମଦାନୀ ପରିମାଣ ୧୭୫.୯୬ ଏମ୍‌ଟି ଥିଲା। ଅନ୍ୟପଟେ ୨୦୨୩ ମାର୍ଚ୍ଚ ସୁଦ୍ଧା ଆମଦାନୀ ହୋଇଥିବା ନନ୍‌କୋକିଂ କୋଇଲା ପରିମାଣ ୧୬୨.୪୬ ଏମ୍‌ଟି ରହିଥିଲା। କୋକିଙ୍ଗ କୋଇଲା ଆମଦାନୀ ୨୦୨୩-୨୪ରେ ୫୭.୨୨ ଏମ୍‌ଟି ଥିବାବେଳେ ୨୦୨୨-୨୩ରେ ଏହା ୫୪.୪୬ ଏମ୍‌ଟି ଥିଲା। ତେବେ ବଜାରରେ ଘରୋଇ କୋଇଲା ପର୍ଯ୍ୟାପ୍ତ ପରିମାଣରେ ଉପଲବ୍ଧ ଥିବାରୁ ଆସନ୍ତା ମାସରେ ଆମଦାନୀ ଚାହିଦା ବଳବତ୍ତର ରହିବ କି ନାହିଁ ତାହା ଉପରେ ସମସ୍ତଙ୍କର ନଜର ରହିଛି। ତେବେ ୨୦୨୩-୨୪ ମଧ୍ୟରେ ସମଗ୍ର ଭାରତରେ କୋଇଲା ଉତ୍ପାଦନ ୯୯୭.୨୫ ଏମ୍‌ଟି ଥିଲା, ଯାହାକି ୨୦୨୨-୨୩ ତୁଳନାରେ ୧୧.୬୫ ପ୍ରତିଶତ ବୃଦ୍ଧି ପଞ୍ଜୀକୃତ ହୋଇଥିଲା।



ଭୁବନେଶ୍ୱର : ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ରାଜଧାନୀର ରାଜରାସ୍ତା ପାର୍ଶ୍ୱରେ କୃଷ୍ଣଚୂଡ଼ାର ସମ୍ଭାର। (ଫଟୋ : ସମ୍ବାଦ କଳିକା)

# ଏବେଠୁ ସାଇବର୍ ଥାନାର ମୁଖିଆ ଡିଏସ୍‌ପି ପାହ୍ୟାର ଅଧିକାରୀ

**କଟକ, ୧୩/୦୫ ନ୍ୟୁଜ ବ୍ୟୁରୋ** ଏଣିକି ରାଜ୍ୟରେ ୧୫ଟି ସାଇବର୍ ଥାନା ଦାୟିତ୍ୱରେ ରହିବେ ଡିଏସ୍‌ପି ପାହ୍ୟାର ଅଧିକାରୀ। ପୂର୍ବରୁ ଯେଉଁ ଇନସ୍ପେକ୍ଟର ପାହ୍ୟାର ଅଧିକାରୀଙ୍କୁ ଏହି ଥାନାର ଦାୟିତ୍ୱରେ ରଖାଯାଇଥିଲା, ଏହା ବଦଳରେ ଡିଏସ୍‌ପି ପାହ୍ୟାର ଅଧିକାରୀ ଥାନାର ମୁଖିଆ ହେବେ। ସାଇବର୍ ମାମଲା କେବଳ ଇନସ୍ପେକ୍ଟର ପାହ୍ୟାରୁ ଉର୍ଦ୍ଧ୍ୱ ତଦନ୍ତ କରିବାର ନିୟମ ରହିଛି। ଏବେ ଥାନାରେ ଥିବା ଜଣେ ଲେଖାଏ ଇନସ୍ପେକ୍ଟର ଥାନା ଦାୟିତ୍ୱ ସମ୍ଭାଳିବା ସହିତ ମାମଲାର ତଦନ୍ତ କରୁଥିବାରୁ ଚାପଗ୍ରସ୍ତ ହେଉଛନ୍ତି। ଏଥିପାଇଁ ଡିଏସ୍‌ପି ପାହ୍ୟାର ଅଧିକାରୀଙ୍କୁ ନିଯୁକ୍ତି ପ୍ରଦାନ କରାଯାଇ ତଦନ୍ତ ପ୍ରକ୍ରିୟାକୁ ଅଧିକ ଗୁଣାତ୍ମକ କରାଯିବାକୁ ଲକ୍ଷ୍ୟ ରଖାଯାଇଛି। ସୂଚନା ଅନୁଯାୟୀ, ଓଡ଼ିଶା ପୁଲିସରେ ଡିଏସ୍‌ପିରୁ ବରିଷ୍ଠ ଏସ୍‌ପି ପାହ୍ୟା ଯାଏ ଥିବା ୭୯୮ ପଦବୀକୁ ପୁନର୍ଗଠନ କରାଯାଇ ୮୭୩ କରାଯାଇଛି। ଏହି ପୁନର୍ଗଠନ ପ୍ରକ୍ରିୟାରେ ୧୨୬ଟି ନୂଆ ପଦବୀ ସୃଷ୍ଟି କରାଯାଇଥିବା ବେଳେ ୫୧ଟି ପଦବୀ ଉଚ୍ଛେଦ କରାଯାଇଛି। ଡିଏସ୍‌ପି ପାହ୍ୟାରେ ଥିବା ୬୧୧ ପଦବୀକୁ ପୁନର୍ଗଠନ କରି ୬୧୩ କରାଯାଇଛି। ଏଥିରେ ନୂଆ ପଦବୀ ୩୯ଟି ସୃଷ୍ଟି ହୋଇଥିବା ବେଳେ ୩୭ଟି ଉଚ୍ଛେଦ କରାଯାଇଛି। ଅତିରିକ୍ତ ଏସ୍‌ପି ପାହ୍ୟାରେ ୧୫୫ରୁ ୨୦୦ ପଦବୀ ପୁନର୍ଗଠନ କରାଯାଇଛି। ଏଥିରେ ନୂଆ ପଦବୀ ୪୯ଟି ସୃଷ୍ଟି ହୋଇଥିବା ବେଳେ ୪ଟି ପଦବୀ ଉଚ୍ଛେଦ କରାଯାଇଛି। ଏସ୍‌ପି ପାହ୍ୟାରେ ୨୫ଟି ପଦବୀରୁ ପୁନର୍ଗଠନ କରି ୪୩ କରାଯାଇଛି। ଏଥିରେ ନୂଆ ପଦବୀ ୨୮ଟି ସୃଷ୍ଟି ହୋଇଥିବା ବେଳେ ୧୦ଟି ଉଚ୍ଛେଦ କରାଯାଇଛି। ବରିଷ୍ଠ ଏସ୍‌ପି ପଦବୀ ୭ଟିରୁ ପୁନର୍ଗଠନ କରି ୧୭ଟି କରାଯାଇଛି। ନୂଆ ପଦବୀ ୧୦ଟି ସୃଷ୍ଟି କରାଯାଇଛି। ଡିଏସ୍‌ପି ପାହ୍ୟାରେ ଯେଉଁ ୩୯ଟି ନୂଆ ପଦବୀ ସୃଷ୍ଟି କରାଯାଇଛି, ଏଥିରେ ରାଜ୍ୟରେ ଥିବା ୧୫ଟି ସାଇବର୍ ଥାନା (କ୍ରାଇମବ୍ରାଞ୍ଚ ସାଇବର୍ ଥାନା, କଟକ କମିସନରେଟ୍ ପୁଲିସ, ଭୁବନେଶ୍ୱର କମିସନରେଟ୍ ପୁଲିସ, କେନ୍ଦୁଝର, ସମ୍ବଲପୁର, ବ୍ରହ୍ମପୁର, ରାଉରକେଲା, ଅନୁଗୁଳ, ବାଲେଶ୍ୱର, ମୟୂରଭଞ୍ଜ, ପୁରୀ, କୋରାପୁଟ, କଳାହାଣ୍ଡି, ବଲାଙ୍ଗୀର, କନ୍ଧମାଳ)ରେ ୧୫ଟି ଡିଏସ୍‌ପି ପଦବୀ ସୃଷ୍ଟି କରାଯାଇଛି। ଏହାବାଦ୍ ଯେଉଁ ୨୮ଟି ନୂଆ ଏସ୍‌ପି ପଦବୀ ସୃଷ୍ଟି ହୋଇଛି, ସେଥିରେ କ୍ରାଇମବ୍ରାଞ୍ଚ ସାଇବର୍ ସେଲ୍-୧ ପାଇଁ ଗୋଟିଏ ଏସ୍‌ପି ପଦବୀ ସୃଷ୍ଟି ହୋଇଛି। ୨୦୨୧ ଡିସେମ୍ବର ୧୫ରେ ଗୃହ ବିଭାଗ ପକ୍ଷରୁ ସାଇବର୍ ଥାନାରେ ପଦବୀ ନିଯୁକ୍ତି ସଂକ୍ରାନ୍ତ ଏକ ନିର୍ଦ୍ଦେଶନାମା ଆଧାରରେ ସାଇବର୍ ଥାନା ଦାୟିତ୍ୱରେ ଇନସ୍ପେକ୍ଟର ପାହ୍ୟାର ଅଧିକାରୀଙ୍କୁ ନିଯୁକ୍ତି ଦିଆଯାଇଥିଲା। ମୋଟ ୧୫ ଥାନା ପାଇଁ ୧୫ ଇନସ୍ପେକ୍ଟରଙ୍କୁ ନିଯୁକ୍ତି ଦିଆଯାଇଥିବା ବେଳେ ଏହାବାଦ୍ ଏସ୍‌ଆଇ, ଏଏସ୍‌ଆଇ, କନଷ୍ଟେବଳ, ସିପାହୀଙ୍କୁ ନିଯୁକ୍ତି ଦିଆଯାଇଥିଲା। ସାଧାରଣ ଥାନାଗୁଡ଼ିକରେ ପ୍ରତି ମାସରେ ଜଣେ ତଦନ୍ତକାରୀ ଅଧିକାରୀ ହାରାହାରି ତିନୋଟି ମାମଲାର ତଦନ୍ତ ଦାୟିତ୍ୱ ନେଇଥାନ୍ତି। କିନ୍ତୁ ସାଇବର୍ ଥାନା କଥା ଯଦି ଦେଖାଯାଏ, ଭୁବନେଶ୍ୱରରେ କମିସନରେଟ୍ ପୁଲିସରେ ପ୍ରତି ମାସରେ ୨୫ରୁ ୩୦ ସାଇବର୍ ମାମଲା ରୁଜୁ ହେଉଛି। କଟକରେ ମାସକରେ ୬ରୁ ୧୦ଟି ମାମଲା ରୁଜୁ ହେଉଛି। କ୍ରାଇମବ୍ରାଞ୍ଚ ସାଇବର୍ ଥାନାରେ ବି ସମାନ ସ୍ଥିତି। ରାଜ୍ୟର ଅନ୍ୟ ୧୨ ସାଇବର୍ ଥାନାଗୁଡ଼ିକରେ ହାରାହାରି ୫ ମାମଲା ରୁଜୁ ହେଉଛି। ଯେହେତୁ ନିୟମ ଅନୁଯାୟୀ ଇନସ୍ପେକ୍ଟର କିମ୍ବା ଉପର ପାହ୍ୟାର ଅଧିକାରୀ ଏହି ମାମଲାର ତଦନ୍ତ କରିପାରିବେ ତେଣୁ ଥାନାରେ ଥିବା ଜଣେ ମାତ୍ର ଇନସ୍ପେକ୍ଟରଙ୍କ ପାଇଁ ସାଇବର୍ ମାମଲାର ତଦନ୍ତ କରିବା ବଡ଼ ଆହ୍ୱାନ ସୃଷ୍ଟି ହୋଇଛି।

## ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ପ୍ରକାଶ

# କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍ ଛାତ୍ରଛାତ୍ରୀଙ୍କ ଶତପ୍ରତିଶତ ସଫଳତା

**ଭୁବନେଶ୍ୱର, ୧୩/୫ ନ୍ୟୁଜ ବ୍ୟୁରୋ** କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ (ସିବିଏସ୍‌ଇ) ଦ୍ୱାରା ପରିଚାଳିତ ଦଶମ ଓ ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ସୋମବାର ପ୍ରକାଶିତ ହୋଇଛି। ଏଥିରେ ଉଭୟ ଦଶମ ଓ ଦ୍ୱାଦଶ ଶ୍ରେଣୀରେ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ଉଭୟ ଦଶମ ଓ ଦ୍ୱାଦଶ ଶ୍ରେଣୀରେ ସ୍କୁଲ୍‌ର ୪୫ ପ୍ରତିଶତ ଛାତ୍ରଛାତ୍ରୀ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ନମ୍ବର ରଖି ଉତ୍ତୀର୍ଣ୍ଣ ହୋଇଛନ୍ତି। ଦଶମରେ ୨୫ ପ୍ରତିଶତ ଛାତ୍ରଛାତ୍ରୀ ୯୫%ରୁ ଅଧିକ ନମ୍ବର ରଖିଛନ୍ତି। ଦଶମରେ ଆଦ୍ୟାଶା ଦାସ ସର୍ବାଧିକ ୯୮ ପ୍ରତିଶତ ନମ୍ବର ରଖି ସ୍କୁଲ୍



ଟପ୍ପର ହୋଇଛନ୍ତି। ସେହିପରି ଦ୍ୱାଦଶ ବିଜ୍ଞାନରେ ସ୍କୁଲ୍‌ର ଛାତ୍ରୀ ସ୍ନେହା କୁମାରୀ ସର୍ବାଧିକ ୯୭ ପ୍ରତିଶତ ନମ୍ବର ରଖି ସ୍କୁଲ୍ ଟପ୍ପର ହୋଇଥିବା ବେଳେ ବାଣିଜ୍ୟରେ ପ୍ରିୟଙ୍କା ଦାସ ଓ ପଲକ ସାମନ୍ତରାୟ ସର୍ବାଧିକ ୯୭.୪% ନମ୍ବର ଓ ହ୍ୟୁମାନିଟିଜରେ ବସୁନ୍ଧରା ରାୟ ସର୍ବାଧିକ ୯୭.୪ ପ୍ରତିଶତ ନମ୍ବର ରଖି ସ୍କୁଲ୍ ଟପ୍ପର ହୋଇଛନ୍ତି। ଚଳିତବର୍ଷ କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଛନ୍ତି।

ସେନ୍ ଗ୍ଲୋବ୍ ସମସ୍ତ ଛାତ୍ରଛାତ୍ରୀ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ: କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ରେ ସ୍ପେଶିଆଲ୍ ଛାତ୍ରଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ସେନ୍ ଗ୍ଲୋବ୍‌ରେ ୧୧ ଜଣ ଛାତ୍ରଛାତ୍ରୀ ଚଳିତବର୍ଷ ପରୀକ୍ଷା ଦେଇଥିଲେ। ସେମାନେ ସମସ୍ତେ ପ୍ରଥମ ଶ୍ରେଣୀରେ ଉତ୍ତୀର୍ଣ୍ଣ ହୋଇଥିବା ବେଳେ ବ୍ୟକ୍ତିଗତ ଭାବେ ସର୍ବାଧିକ ନମ୍ବର ୮୭% ରହିଛି। ସ୍କୁଲ୍‌ର ଏହି ସଫଳତାରେ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ ସନ୍ତୋଷ ବ୍ୟକ୍ତ କରିବା ସହ ସଫଳତା ହାସଲ କରିଥିବା ସମସ୍ତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି, କିଟ୍ ଇଣ୍ଟରନ୍ୟାସ୍‌ନାଲ୍ ସ୍କୁଲ୍‌ର ଗୁଣାତ୍ମକ ଶିକ୍ଷା ପ୍ରଣାଳୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ନିଷ୍ଠା ଏବଂ ଛାତ୍ରଛାତ୍ରୀଙ୍କୁ ସମୟ ଉପଯୋଗୀ ପରାମର୍ଶ ଯୋଗୁଁ ଦୀର୍ଘ ୧୬ବର୍ଷ ହେଲା ଏହି ସଫଳତା ସମ୍ଭବ ହୋଇଆସୁଛି। ଏଥିପାଇଁ ସେ ସ୍କୁଲ୍‌ର ଚେୟାରପର୍ସନ ଡ. ମୋନାଲିସା ବଳ ଏବଂ ଅଧ୍ୟକ୍ଷ ଡ. ସଞ୍ଜୟ ସୁଆର ତଥା ଅନ୍ୟାନ୍ୟ ଶିକ୍ଷକ ଓ କର୍ମଚାରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ବିଶେଷ କରି ସେନ୍ ଗ୍ଲୋବର ଛାତ୍ରଛାତ୍ରୀମାନଙ୍କୁ ଉପଯୁକ୍ତ ଯତ୍ନ ନିଆଯାଇପାରୁଥିବାରୁ ସେମାନେ ପରୀକ୍ଷାରେ ଭଲ ପ୍ରଦର୍ଶନ କରୁଛନ୍ତି। ମାନସିକସ୍ତରରେ ସେମାନେ ଦୁର୍ବଳ ଥିଲେ ମଧ୍ୟ ବହୁ କଷ୍ଟକରି ସେମାନେ ସଫଳତା ପାଇବା ସ୍କୁଲ୍ ପାଇଁ ଗର୍ବର ବିଷୟ ବୋଲି ଡ. ସାମନ୍ତ କହିଛନ୍ତି।

# ଚେକିଂ ବେଳେ ଗାଡ଼ିରୁ ବାହାରିଲା ୧୦ ଲକ୍ଷ ଟଙ୍କା

**ବୌଦ୍ଧ, ୧୩/୦୫ ନ୍ୟୁଜ ବ୍ୟୁରୋ** ନିର୍ବାଚନ ପାଇଁ ସବୁଠି ଚେକିଂ ବ୍ଲକିଂ ଚାଲିଥିବା ବେଳେ ପୁଲିସ ଗୋଟିଏ ଗାଡ଼ିରୁ ୧୦ ଲକ୍ଷରୁ ଅଧିକ ଟଙ୍କା ଜବତ କରିଛି। ଗାଡ଼ି ଚାଳକ ସହ ଗାଡ଼ିରେ ବସିଥିବା ଦୁଇଜଣ ମହିଳାଙ୍କୁ ଥାନାରେ ଅଟକ ରଖିଛି ପୁଲିସ। ସୋମବାର ବୌଦ୍ଧ ଓ ନୟାଗଡ଼ ଜିଲ୍ଲା ସୀମାନ୍ତରେ ପୁଲିସ ଗାଡ଼ି ଚେକିଂ କରୁଥିଲା। ସେଇ ସମୟରେ ବୌଦ୍ଧ ଜିଲ୍ଲା ପଟରୁ ଆସୁଥିବା ଗୋଟିଏ କଳା ରଙ୍ଗର କିଆ ଗାଡ଼ିକୁ ପୁଲିସ ଅଟକେଇଥିଲା। ସେଇ ଗାଡ଼ିକୁ ଚେକିଂ କରିବା ବେଳେ ସେଥିରୁ ୧୦ ଲକ୍ଷରୁ ଅଧିକ ଟଙ୍କା ଜବତ କରିଥିଲା ପୁଲିସ। ଟଙ୍କା କେଉଁଠୁ ଆସିଲା, କେଉଁଠାକୁ ଯାଉଛି, ଏତେ ଟଙ୍କା କାହିଁକି ଗାଡ଼ିରେ ଯାଉଛି ବୋଲି ପୁଲିସ କାର୍‌ରେ ବସିଥିବା ଦୁଇ ମହିଳାଙ୍କୁ ପଚାରିଥିଲା। କିନ୍ତୁ ସେମାନେ ସନ୍ତୋଷଜନକ ଉତ୍ତର ଦେଇ ପାରିନଥିଲେ। ଏହାପରେ ପୁଲିସ ଟଙ୍କା ଜବତ କରିବା ସହିତ ଉକ୍ତ ଦୁଇ ମହିଳା ଓ ଗାଡ଼ି ଚାଳକଙ୍କୁ ଥାନାରେ ଅଟକ ରଖି ପଚରା ଉଚରା କରୁଛି।

# ବନ୍ଧା ହେବେ ସାଂସଦ ଅନୁଭବ ମହାନ୍ତି ! ଏନ.ବି.ଡବ୍ଲୁ ଜାରି



**କଟକ, ୧୩/୦୫, ନ୍ୟୁଜ ବ୍ୟୁରୋ** ବଢ଼ିଲା ଅଭିନେତାରୁ ନେତା ପାଲଟିଥିବା ସାଂସଦ ଅନୁଭବ ମହାନ୍ତିଙ୍କ ପାଇଁ ଅଡୁଆ। ଗିରଫ ହୋଇପାରନ୍ତି କେନ୍ଦ୍ରାପଡା ସାଂସଦ। ଅନୁଭବ ମହାନ୍ତିଙ୍କ ବିରୋଧରେ ଏନ.ବି.ଡବ୍ଲୁ ଜାରି କଲେ କଟକ ଜେଏମଏଫଏସ କୋର୍ଟ। ଅଭିନେତ୍ରୀ ତଥା ପୂର୍ବତନ ପତ୍ନୀ ଏବଂ ବିଜେଡି ପ୍ରାର୍ଥିନୀ ବର୍ଷା ପ୍ରିୟଦର୍ଶିନୀଙ୍କ ଏତଲା ଆଧାରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି କୋର୍ଟ। ଚାର୍ଜଫ୍ରେମ୍ ପାଇଁ ହାଜର ନହେବାରୁ ଜାମିନ ବିହୀନ ପରୱାନା ଜାରି କରିଛନ୍ତି କଟକ ଜେଏମଏଫସି ସ୍ୱତନ୍ତ୍ର କୋର୍ଟ। ଆସନ୍ତା ୨୩ ସୁଦ୍ଧା ୱାରେଣ୍ଟ କାର୍ଯ୍ୟକାରୀ କରିବାକୁ ପୁରୀଘାଟ ଥାନା ପୋଲିସକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ବର୍ଷାଙ୍କ ଏତଲା ଆଧାରରେ ଚାର୍ଜଫ୍ରେମ କରିବା ପାଇଁ କୋର୍ଟ ଅନୁଭବଙ୍କୁ ହାଜର ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଅନୁଭବ ଚାର୍ଜଫ୍ରେମ ପାଇଁ ହାଜର ନ ହୋଇ ବାରମ୍ବାର ସମୟ ମାଗୁଥିଲେ। ଯାହାକୁ ନେଇ ବର୍ତ୍ତମାନ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି କୋର୍ଟ। ଆସନ୍ତା ୨୩ ତାରିଖରେ ପରବର୍ତ୍ତୀ ଶୁଣାଣି ବେଳେ ଅନୁଭବ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି କୋର୍ଟ। ଏନେଇ ଅନୁଭବଙ୍କୁ ହାଜର କରାଇବାକୁ ପୁରୀଘାଟ ଥାନା ଆଇଆଇସିଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଅନୁଭବଙ୍କ ସହ ତାଙ୍କର ଦୁଇ ସହଯୋଗୀଙ୍କ ବିରୁଦ୍ଧରେ ଏନ.ବି.ଡବ୍ଲୁ ଜାରି କରିଛନ୍ତି କୋର୍ଟ। ଖଗେନ୍ଦ୍ର ସାହୁ ଓ ସୁଜିତ ଦଳାଇଙ୍କ ବିରୁଦ୍ଧରେ କୋର୍ଟ ଏନ.ବି.ଡବ୍ଲୁ ଜାରି କରିଥିବା ସୂଚନା ଦେଇଛନ୍ତି ସରକାରୀ ଓକିଲ ଆଫ୍ରଜ ଅହମ୍ମଦ। ସୂଚନା ଅନୁସାରେ, ୨୦୨୦ ମସିହାରେ ଅଭିନେତ୍ରୀ ତଥା ପୂର୍ବତନ ପତ୍ନୀ ବର୍ଷା ପ୍ରିୟଦର୍ଶିନୀ ପୁରୀଘାଟ ଥାନାରେ ଅନୁଭବ ଓ ତାଙ୍କ ଦୁଇ ସହଯୋଗୀଙ୍କ ବିରୋଧରେ ଘରୋଇ ହିଂସା ଅଭିଯୋଗରେ ଏତଲା ଦେଇଥିଲେ। ପୋଲିସ ଭାରତୀୟ ଦଣ୍ଡ ସଂହିତା (ଆଇପିସିର) ଦଫା-୪୯୮(କ), ୩୪୧, ୫୦୬ ଓ ୩୪ ଅନୁସାରେ ଅନୁଭବ ଓ ତାଙ୍କର ଅନ୍ୟ ଦୁଇଜଣ ସହଯୋଗୀଙ୍କ ବିରୋଧରେ ମାମଲା ରୁଜୁ କରିଥିଲା। ତଦନ୍ତ ପରେ ଅନୁଭବ ଓ ଅନ୍ୟମାନଙ୍କ ବିରୋଧରେ ୨୦୨୩ ମସିହା ଡିସେମ୍ବର ୧୮ ତାରିଖରେ ପୋଲିସ ପ୍ରଥମେ ଚାର୍ଜସିଟ ଦାଖଲ କରିଥିଲା। ଉପଯୁକ୍ତ ପ୍ରମାଣ ନଥିବାରୁ ଏହି ମାମଲାରୁ ତାଙ୍କୁ ଡିସଚାର୍ଜ କରାଯାଉ ବୋଲି ଦର୍ଶାଇ ଅନୁଭବଙ୍କ ତରଫରୁ ଏକ ଡିସଚାର୍ଜ ପିଟିସନ ଦାଖଲ କରାଯାଇଥିଲା। ଅନୁଭବଙ୍କ ପିଟିସନକୁ ସରକାରଙ୍କ ପକ୍ଷରୁ ବିରୋଧ କରାଯାଇଥିଲା। ଯାହା ପରେ କୋର୍ଟ ଏହାର ଶୁଣାଣି କରି ମାମଲାକୁ ଖାରଜ କରିବା ସହ ଚାର୍ଜଫ୍ରେମ ଦାଖଲ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ ଏବଂ ମାମଲାର ଶୁଣାଣି ସମୟରେ ସେମାନେ ଅଦାଲତରେ ବ୍ୟକ୍ତିଗତ ଭାବେ ହାଜର ହେବେ ବୋଲି ମଧ୍ୟ କୋର୍ଟ ନିର୍ଦ୍ଦେଶରେ ସ୍ପଷ୍ଟ କରିଥିଲେ। ଗତ ମେ' ୧୦ରେ ଚାର୍ଜଫ୍ରେମ ପାଇଁ କୋର୍ଟ ତାଙ୍କୁ ହାଜର ହେବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଅନୁଭବ ବ୍ୟକ୍ତିଗତ କାରଣ ଦର୍ଶାଇ କୋର୍ଟରେ ହାଜର ହୋଇନଥିଲେ। ସୋମବାର ବି ତାଙ୍କୁ ଚାର୍ଜଫ୍ରେମ ପାଇଁ ଡକାଯାଇଥିଲା। ସେ ସୋମବାର ମଧ୍ୟ ସମାନ କଥା କହି ହାଜର ହୋଇନଥିଲେ। ଯାହା ପରେ କୋର୍ଟର ସମୟ ନଷ୍ଟ ଏବଂ ଚାର୍ଜଫ୍ରେମ ପାଇଁ ହାଜର ନ ହେବାରୁ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି କୋର୍ଟ।

# ମୌଳିକ ସୁବିଧାରୁ ବଞ୍ଚିତ ୯ ଖଣ୍ଡ ଗାଁ ଲୋକେ କଲେ ଭୋଟ୍ ବର୍ଜନ

**ରାଇଘର, ୧୩/୦୫ ନ୍ୟୁଜ ବ୍ୟୁରୋ** ଉମରକୋଟ ନିର୍ବାଚନ ମଣ୍ଡଳୀର ରାଇଘର ବ୍ଲକ ସୀମାନ୍ତବର୍ତ୍ତୀ ଅଞ୍ଚଳ ଅନ୍ତର୍ଗତ ଖୁଡ଼ୁକୁ ପଞ୍ଚାୟତର ୯ ଗୋଟି ଗ୍ରାମ ଯଥା - ଆଡାମାଧମକି, ଲାଲବଟରଲି, ଘାଇତାବେଢ଼ା, ମଦନଶ୍ରୀ, ଚିଢ଼େଇପାଣି, ଗଦ୍ରାବଟି, ଛାପରପାଣି, ତରାଇଡଙ୍ଗରି, ମାକଡଟେଣ୍ଟୁ, କେରାଢ଼ିହି ଭକ୍ତିପାରା ଗ୍ରାମବାସୀଙ୍କ ଭୋଟ୍ ବର୍ଜନ କରିଥିବା ଜଣାପଡିଛି। ସେମାନଙ୍କ ବିଭିନ୍ନ ମୌଳିକ ସୁବିଧା ପୂରଣ ନ ହେବା ଯାଏଁ ଭୋଟ ଦେବୁ ନାହିଁ କହି ଗ୍ରାମବାସୀ ନିଜ ଜିଦରେ ଅଟଳ ରହିଛନ୍ତି। ୨୦୦୦ରୁ ଉର୍ଦ୍ଧ୍ୱ ମହିଳା, ପୁରୁଷ ଏକତ୍ରିତ ହୋଇ ଏହି ଭୋଟ୍ ବର୍ଜନ ପାଇଁ ବୈଠକ ବସି ଏହି ନିଷ୍ପତ୍ତି ନେଇଛନ୍ତି। ଘଟଣାସ୍ଥଳରେ ପୋଲିସ ଅଧିକାରୀ, ରାଇଘର ତହସିଲଦାର, ରାଇଘର ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପହଞ୍ଚିଥିଲେ।

# ଶେୟାର ବଜାରରେ କମ୍ପନ: ସେନସେକ୍ସ ୭୦୦ ଅଙ୍କ ଖସିଲା




**ମୁମ୍ବାଇ, ୧୩/୦୫ ନ୍ୟୁଜ ବ୍ୟୁରୋ** ସୋମବାର ଚଳିତ ସପ୍ତାହର ପ୍ରଥମ ଦିନରେ ଶେୟାର ବଜାରରେ କମ୍ପନ ଦେଖାଦେଇଛି। ବଜାର ଖୋଲିବାମାତ୍ରେ ସେନସେକ୍ସ ୭୦୦ ଅଙ୍କ ଖସିଛି। ଏହା ସହିତ ଟାଟାର ଶେୟାର ଧରାଶାୟୀ ହୋଇଛି। ମୁଦ୍ରାସ୍ଫୀତି ତଥ୍ୟ ପୂର୍ବରୁ ଘରୋଇ ଷ୍ଟକ୍ ମାର୍କେଟରେ ହ୍ରାସ ଦେଖାଦେଇଛି। ସପ୍ତାହର ପ୍ରଥମ ବାଣିଜ୍ୟ ଦିନରେ ହ୍ରାସ ସହିତ ପ୍ରମୁଖ ବେଞ୍ଚମାର୍କ ଇଣ୍ଡେକ୍ସ ଖୋଲିଛି। ଅଟୋ ଏବଂ ଆଇଟି ସେକ୍ଟରର ଶେୟାର ହ୍ରାସ ପାଇଛି। ପୂର୍ବାହ୍ନ ୯ଟା ୫୦ରେ, ସେନସେକ୍ସ ୭୨,୦୮୯.୪୮,-୫୭୪.୯୯ (୦.୭୯%) ପଏଣ୍ଟରେ କାରବାର କରୁଥିବାବେଳେ ନିଫ୍ଟି ୧୫୯.୨୧ (୦.୭୨%) ପଏଣ୍ଟରୁ ୨୧,୮୯୬.୦୦କୁ ଖସି ଆସିଥିଲା। ସୋମବାର ଲୋକସଭା ନିର୍ବାଚନର ଚତୁର୍ଥ ପର୍ଯ୍ୟାୟ ଭୋଟ୍ ମଧ୍ୟରେ ବଜାରରେ ଅସ୍ଥିରତା ଦେଖାଦେଇଛି। ଏହି ଅବଧି ମଧ୍ୟରେ, ଭାରତ ଭିଆଇଏକ୍ସ ସୂଚକାଙ୍କ ଯାହା ବଜାରର ପରିବର୍ତ୍ତନକୁ ମାପ କରିଥାଏ ତାହା ୧୪%କୁ ବୃଦ୍ଧି ପାଇଥିଲା। ଟାଟା ମୋଟର୍ସ, ଟାଟା ଷ୍ଟିଲ, ଜେଏସଡବ୍ଲୁ ଷ୍ଟିଲ, ମାରୁତି, ଏନଟିପିସି, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଏବଂ ପାୱାର ଗ୍ରୀଡର ଶେୟାର ସେନସେକ୍ସରେ ସର୍ବାଧିକ ହ୍ରାସ ଦେଖାଦେଇଥିଲା। ଅନ୍ୟପକ୍ଷରେ, ବଜାର ଖୋଲିବା ସମୟରେ ସନ୍ ଫାର୍ମା, ଏଚୟୁଏଲ ଏବଂ କୋଟାକ୍ ବ୍ୟାଙ୍କର ଶେୟାର ସବୁଜ ରଙ୍ଗରେ କାରବାର କରୁଥିବା ଦେଖିବାକୁ ମିଳିଥିଲା। ଟାଟା ମୋଟର୍ସର ସେୟାରରେ ୬ ପ୍ରତିଶତ ହ୍ରାସ ଘଟିଛି। କମ୍ପାନୀ ଆକଳନ କରିଛି ଯେ ଦେଶରେ ଚାଲିଥିବା ଲୋକସଭା ନିର୍ବାଚନ ହେତୁ ୨୦୨୫ଆର୍ଥିକ ବର୍ଷର ପ୍ରଥମ ତ୍ରୟମାସରେ ଯାତ୍ରୀବାହୀ ଯାନର ଚାହିଦା କମ୍ ରହିପାରେ। ଏହି କାରଣରୁ, କମ୍ପାନୀର ଶେୟାରରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ସୋମବାର ଦିନ ଜେ.କେ ସିମେଣ୍ଟର ଶେୟାର ୬ ପ୍ରତିଶତ ବୃଦ୍ଧି ହୋଇ ଖୋଲିଛି ଏବଂ ୨୦୨୪ର ଚତୁର୍ଥ ତ୍ରୟମାସିକରେ ଏକତ୍ରିତ ନିଟ୍ ଲାଭ ବର୍ଷ ତୁଳନାରେ ୧୦୧% ବୃଦ୍ଧି ପାଇ ୨୧୯.୭୫ କୋଟିରେ ପହଞ୍ଚିଛି।




ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com

# ବିଦେଶାଗତ ପକ୍ଷୀଙ୍କ ପାଇଁ କୀଟପତଙ୍ଗ ବଂଶବୃଦ୍ଧି ଜରୁରୀ

**ଭୁବନେଶ୍ୱର, ୧୩/୦୫ ନ୍ୟୁଜ ବ୍ୟୁରୋ** ବିଦେଶାଗତ ପକ୍ଷୀ ଗୋଟିଏ ଅଞ୍ଚଳକୁ ଆସିଲେ ସେହି ଜାଗାର ଗୁରୁତ୍ୱ ବିଶ୍ୱସ୍ତରରେ ବୃଦ୍ଧିପାଏ। ଉଭୟ ପରିବେଶ ଓ ପର୍ଯ୍ୟଟନ ଦୃଷ୍ଟିକୋଣରୁ ଏହା ଗୁରୁତ୍ୱପୂର୍ଣ୍ଣ। ବିଦେଶାଗତ ପକ୍ଷୀଙ୍କ ସୁରକ୍ଷା ସହ ଖାଦ୍ୟର ଉପଲବ୍ଧତା ଅଧିକ ରହିଲେ ହିଁ ଆଗମନ ବଢ଼ିବ। ଏହାକୁ ଦୃଷ୍ଟିରେ ରଖି ପ୍ରତି ବର୍ଷ ମେ'ରେ ପାଳନ କରାଯାଉଛି 'ବିଶ୍ୱ ବିଦେଶାଗତ ପକ୍ଷୀ ଦିବସ'। ଏଥର ଏହାର ଥିମ୍ ରହିଛି 'କୀଟପତଙ୍ଗଙ୍କ ନିରାପତ୍ତା-ବିଦେଶାଗତ ପକ୍ଷୀଙ୍କ ନିରାପତ୍ତା'। ଅର୍ଥାତ ବିଦେଶାଗତ ପକ୍ଷୀଙ୍କ ଖାଦ୍ୟ ପାଇଁ କୀଟପତଙ୍ଗଙ୍କ ବଂଶ ବୃଦ୍ଧିର ଆବଶ୍ୟକତା ରହିଛି। ଯେହେତୁ ଓଡ଼ିଶାକୁ ବହୁ ସଂଖ୍ୟାରେ ବିଦେଶାଗତ ପକ୍ଷୀଙ୍କ ଆଗମନ ହୁଏ, ତେଣୁ ଏଠାରେ କିପରି ସେମାନଙ୍କୁ ଯଥେଷ୍ଟ ଖାଦ୍ୟ ଯୋଗାଇ ହେବ ସେ ଦିଗରେ ମାନସ ମନ୍ଥନର ଆବଶ୍ୟକତା ରହିଛି ବୋଲି ମତପ୍ରକାଶ ପାଉଛି। ଓଡ଼ିଶାରେ ଚିଲିକାକୁ ସର୍ବାଧିକ ବିଦେଶୀ ପକ୍ଷୀ ଆସିଥା'ନ୍ତି। ଚିଲିକାରେ ଚଳିତ ବର୍ଷ ହୋଇଥିବା ପକ୍ଷୀ ଗଣନା ଅନୁଯାୟୀ ଏଠାକୁ ୧୧ଲକ୍ଷ ୩୭ହଜାର ୭୫୯



ପକ୍ଷୀ ଆସିଥିଲେ। ମୋଟ୍ ୧୮୭ପ୍ରଜାତିର ପକ୍ଷୀଙ୍କୁ ଚିଲିକାରେ ଠାବ କରାଯାଇଛି। ୨୦୨୩ ମସିହାରେ ୧୮୪ଟି ପ୍ରଜାତିର ମୋଟ୍ ୧୧ଲକ୍ଷ ୩୧ହଜାର ୯୨୯ଟି ପକ୍ଷୀ ଆସିଥିଲେ। ତେଣୁ ଗତ ବର୍ଷ ଠାରୁ ଚଳିତ ବର୍ଷ ଚିଲିକାରେ ପକ୍ଷୀ ସଂଖ୍ୟା ୫ହଜାର ୮୩୦ ବଢ଼ିଛି। ଏହା ବାଦ୍ ଭିତରକନିକାକୁ ମଧ୍ୟ ଶୀତଦିନରେ ବିଦେଶୀ ପକ୍ଷୀଙ୍କ ସୁଅ ଛୁଟେ। ଚଳିତବର୍ଷ ଭିତରକନିକା ଜାତୀୟ ଉଦ୍ୟାନକୁ ୧୨୧ ପ୍ରଜାତିର ୧,୫୧,୪୨୧ ବିଦେଶୀ ପକ୍ଷୀ ଆସିଥିଲେ, ଯାହା କି ଗତ ବର୍ଷ ଠାରୁ ୧୩ ହଜାର ଅଧିକ। ଓଡ଼ିଶାର ହୀରାକୁଦ, ସାତକୋଶିଆ, ଗୋବିନ୍ଦପୁର, ପାଲଲହଡ଼ାର ଚଷା ଗୁରୁଜାଙ୍ଗ, ଖୋର୍ଦ୍ଧାର ଭୁଷଣ୍ଡପୁର, ଭାଲେରୀ, ଓଡ଼ିଶା ଓ ଆନ୍ଧ୍ରର ସୀମାବର୍ତ୍ତୀ ଅଞ୍ଚଳ ନଉପଡ଼ା, ଭାଲେରୀ, ଶିମିଳିପାଳ ଆଦି ସ୍ଥାନକୁ ମଧ୍ୟ ବିଦେଶରୁ ପକ୍ଷୀ ଆସିଥା'ନ୍ତି। ଏଠାରେ ଥିବା ସନ୍ତସନ୍ତିଆ ଆର୍ଦ୍ରଭୂମିରେ କୀଟପତଙ୍ଗ ଅଧିକ ପରିମାଣରେ ରୁହନ୍ତି। ସେଥିପାଇଁ ଖାଦ୍ୟ ଅନ୍ୱେଷଣରେ ବିଦେଶୀ ପକ୍ଷୀ ଏହି ସ୍ଥାନକୁ ଚାଲି ଆସିଥାନ୍ତି। ପକ୍ଷୀଙ୍କ ଆଗମନ ହେଲେ ଚିଲିକା ସମେତ ଅନ୍ୟ ସ୍ଥାନଗୁଡ଼ିକରେ ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧିପାଏ। ବିଶେଷ କରି ଚିଲିକାକୁ ପକ୍ଷୀଙ୍କୁ ଦେଖିବା ପାଇଁ କେବଳ ପର୍ଯ୍ୟଟକ ନୁହନ୍ତି, ଗବେଷକ, ବୁଦ୍ଧିଜୀବୀ ଓ ଛାତ୍ରଛାତ୍ରୀମାନେ ମଧ୍ୟ ବହୁ ସଂଖ୍ୟାରେ ଆସନ୍ତି। ଯାହାକୁ ଦୃଷ୍ଟିରେ ରଖି ଚିଲିକାର ନଳବଣକୁ ପକ୍ଷୀ ଅଭୟାରଣ୍ୟର ମାନ୍ୟତା ଦିଆଯାଇଛି। ସବୁ ଦୃଷ୍ଟିକୋଣରୁ ଦେଖିଲେ ବିଦେଶାଗତ ପକ୍ଷୀଙ୍କ ଆଗମନ ଓଡ଼ିଶା ପାଇଁ ବେଶ୍ ଗୁରୁତ୍ୱପୂର୍ଣ୍ଣ ଅଟେ। ଯଦିଓ ଚିଲିକାକୁ ଏଥର ଅଧିକ ସଂଖ୍ୟାରେ ପକ୍ଷୀଙ୍କ ଆଗମନ ହୋଇଛି ବୋଲି ସରକାରୀ ରେକର୍ଡରେ କୁହାଯାଉଛି, ତଥାପି ଗତ ଶୀତଋତୁରେ ଚିଲିକାର ଜଳାଭାବ ଏକ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଥିଲା। ଗଲା ମୌସୁମୀରେ ସ୍ୱଳ୍ପ ବୃଷ୍ଟି ଯୋଗୁ ଚିଲିକାର ଜଳରାଶି ଖରା ପୂର୍ବରୁ ଶୁଖିଯାଇଥିଲା। ଏମିତିକି ମଙ୍ଗଳାଯୋଡ଼ି ପକ୍ଷୀ ବିହାରରେ ଜଳାଭାବରୁ ଡଙ୍ଗା ବୁଲାଇବା ବି ମୁସ୍କିଲ୍ ହୋଇଯାଇଥିଲା। ସାଧାରଣତଃ ମଙ୍ଗଳାଯୋଡ଼ିକୁ ପକ୍ଷୀ ଆସିବାର କାରଣ ହେଉଛି ଏହାର ସନ୍ତସନ୍ତିଆ ଭୂମି, ଯେଉଁଠି କୀଟପତଙ୍ଗଙ୍କ ଉପସ୍ଥିତି ବିଦେଶାଗତ ପକ୍ଷୀଙ୍କୁ ପ୍ରଚୁର ଖାଦ୍ୟ ଯୋଗାଉଥିଲା। ଏଥର କିନ୍ତୁ ଜଳାଭାବ ଯୋଗୁ ଚିଲିକାର ହେକ୍ଟର ହେକ୍ଟର ସନ୍ତସନ୍ତିଆ ଜମି ଶୁଖିଲା ପଡ଼ିଆ ଭଳି ହୋଇଥିଲା, ଯାହାକି ପକ୍ଷୀଙ୍କ ପାଇଁ ଖାଦ୍ୟ ସଙ୍କଟ କରିଥିଲା। ଏହାକୁ ଗୁରୁତର ସହ ନେବା ଆବଶ୍ୟକ ବୋଲି ଗବେଷକ ଓ ବିଶେଷଜ୍ଞମାନେ ମତ ଦେଇଛନ୍ତି। ବିଦେଶରୁ ପକ୍ଷୀଙ୍କ ଆଗମନ ବଢ଼ାଇବାକୁ ହେଲେ କୀଟପତଙ୍ଗ ବଂଶ ଯେପରି ବୃଦ୍ଧି ହେବ, ସେ ଦିଗରେ ଯୋଜନାବଦ୍ଧ ଉଦ୍ୟମ ଆବଶ୍ୟକ। ଆଗାମୀ କିଛି ବର୍ଷକୁ ଆଖି ଆଗରେ ରଖି ବ୍ଲୁ ପ୍ରିଣ୍ଟ୍ ପ୍ରସ୍ତୁତ କରିବାକୁ ସରକାର ପଦକ୍ଷେପ ନେବା ଉଚିତ ବୋଲି ମତପ୍ରକାଶ ପାଉଛି। ଶୀତଦିନ ହେଲେ ସାଇବେରିଆ, ଇରାକ ସମେତ ବିଭିନ୍ନ ସ୍ଥାନରୁ ଚିଲିକା ହ୍ରଦକୁ ପକ୍ଷୀମାନେ ଆସିଥାନ୍ତି। ଏହି ପରିବ୍ରାଜକ ପକ୍ଷୀମାନଙ୍କ ଜୀବନଶୈଳୀ ସ୍ଥାନାନ୍ତରିତ ପ୍ରକିୟାରେ ଚାଲିଥାଏ। କିନ୍ତୁ ଜଳବାୟୁ ପରିବର୍ତ୍ତନ, ପରିବେଶ ପ୍ରଦୂଷଣ ବିଭିନ୍ନ କାରଣରୁ ପକ୍ଷୀମାନଙ୍କୁ ଖାଦ୍ୟ ଅନ୍ୱେଷଣ କରିବାରେ କଷ୍ଟ ହେଉଛି। ଚଳିତ ବର୍ଷ ପକ୍ଷୀମାନଙ୍କ ସୁରକ୍ଷା ପାଇଁ ଯେଉଁ ଚିନ୍ତନ ପ୍ରସଙ୍ଗ ହୋଇଛି, ତାହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଯଦି ଠିକ୍ ପରିମାଣର କୀଟପତଙ୍ଗ ଗଛଲତାରେ ରହିବେ, ତେବେ ଖାଦ୍ୟ ଖୋଜିବାରେ କଷ୍ଟ ହେବ ନାହିଁ। ସେଥିପାଇଁ ଲୋକେ ସଚେତନ ହେବା ଆବଶ୍ୟକ। ଖାଦ୍ୟ ଶୃଙ୍ଖଳା ଠିକ୍ ଭାବରେ କାମ କରୁଥିଲେ ଏହି ପକ୍ଷୀମାନେ ସୁରୁଖୁରୁରେ ଜୀବନଯାପନ କରିବେ।

# ଘାଟିରେ ଓଲଟିଲା ବସ୍ : ୧୮ ଆହତ



**କେନ୍ଦୁଝର, ୧୩/୫ ନ୍ୟୁଜ ବ୍ୟୁରୋ** ଏକ ବସ୍ ଓଲଟି ପଡ଼ିବାରୁ ୧୮ ଜଣ ଯାତ୍ରୀ ଆହତ ହୋଇଛନ୍ତି। କେନ୍ଦୁଝର ଜିଲ୍ଲାରେ ଏହି ଦୁର୍ଘଟଣା ଘଟିଛି। ଆହତମାନଙ୍କୁ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ମା' ନାମକ ଏହି ବେସରକାରୀ ବସ୍ କେନ୍ଦୁଝରରୁ ତେଲକୋଇ ଦେଇ ରାଉରକେଲା ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଛି। ବସ୍‌ଟି କାଞ୍ଚିପାଣି ଘାଟି ଓହ୍ଲାଇବା ସମୟରେ କୁସୁମ ଘାଟି ପରେ ଥିବା ବୁଲାଣିରେ ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ୧୮ ଆହତଙ୍କ ମଧ୍ୟରୁ ୧୬ ଜଣଙ୍କୁ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅନ୍ୟ ୨ ଜଣଙ୍କ ଅବସ୍ଥା ଗୁରୁତର ଥିବା ବେଳେ ସେମାନଙ୍କୁ କେନ୍ଦୁଝର ସ୍ଥାନାନ୍ତର କରାଯାଇଛି। ଜଣେ ଯାତ୍ରୀଙ୍କ କହିବା ଅନୁଯାୟୀ ବ୍ରେକ୍ ଧରୁନି ବୋଲି ଡ୍ରାଇଭର କହିଥିଲେ। ତା' ପରେ ବସ୍ ଓଲଟି ପଡ଼ିଥିଲା।